

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୯୭ ଭୁବନେଶ୍ୱର ଶନିବାର, ଡ଼ିସେମ୍ବର ୧୪.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/-

Vol.11 . No.97 Bhubaneswar, Saturday, December 14, 2024

## ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ସମାରୋହ

## ଖଣ୍ଡପଡ଼ାରେ ପ୍ରତିଷ୍ଠା ହେବ ପ୍ଲାନେଟାରିୟମ



ଭୁବନେଶ୍ୱର, ୧୩/୧୨ : ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟ୍ୟାଟ୍ସ)ର ୧୮ତମ ଗ୍ରାଣ୍ଡ ଫାଇନାଲ ପଠାଣି ସାମନ୍ତ ପ୍ଲାନେଟାରିୟମରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ, ଦୁଇ ଖଣ୍ଡ ବାଉଁଶ ନଳୀରେ ଅସମ୍ଭବକୁ ସମ୍ଭବ କରି ଦେଖାଇଥିଲେ ପଠାଣି ସାମନ୍ତ। ପୃଥିବୀ ନିଜ ଅକ୍ଷ ଚାରିପଟେ ଘୂରୁଛି ବୋଲି ପ୍ରଥମେ ନିର୍ଣ୍ଣୟ କରିଥିଲେ ଆର୍ଯ୍ୟଭଟ୍ଟ। ବ୍ରହ୍ମଗୁପ୍ତଙ୍କ ଗଣିତ, ବରାହମିହିରଙ୍କ ବୃହତ ସଂହିତା, ଭାସ୍କରଙ୍କ ସିଦ୍ଧାନ୍ତ ଶିରୋମଣି, ଭାରତ ଜ୍ୟୋତିର୍ବିଜ୍ଞାନକୁ ଋଦ୍ଧିମନ୍ତ କରିଛି। ଆଧୁନିକ ଜଗତରେ ଯେତେବେଳେ ବି ମହାକାଶବିଜ୍ଞାନର ଚର୍ଚ୍ଚା ହେବ, ଭାରତୀୟ ସଂସ୍କୃତିର ଅବଦାନ ବିନା ଏହା ଅସମ୍ପୂର୍ଣ୍ଣ ରହିବ। ଏହି ଅବସରରେ ସେ ୨୩ଟି ଜିଲ୍ଲାର ୩୦ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କୃତ ଛାତ୍ରଛାତ୍ରୀ ଜ୍ଞାନ ଆହରଣ ପାଇଁ ଇସ୍ରୋ ପରିଦର୍ଶନରେ ଯିବାକୁ ଯୋଜନା ହୋଇଛି। କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ 'ଜୟ ଯବାନ ଜୟ କିଷାନ' ରେ 'ଜୟ ବିଜ୍ଞାନ' ଶବ୍ଦ ଯୋଡ଼ି ଥିଲେ ବୋଲି କହିଥିଲେ। ପଠାଣି ସାମନ୍ତଙ୍କ ସମ୍ମାନାର୍ଥେ ଖଣ୍ଡପଡାଠାରେ ଗୋଟିଏ ପ୍ଲାନେଟାରିୟମ ଏବଂ ଆଷ୍ଟ୍ରୋଫିଜିକ୍ସ ଓ ଆଷ୍ଟ୍ରୋନୋମି ଇନଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଏଥିରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଉନ୍ନୟନ କମିସନର ଅନୁ ଗର୍ଗ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ସଚିବ ତଥା ପଠାଣି ସାମନ୍ତ ପ୍ଲାନେଟାରିୟମର ଅଧକ୍ଷା ଚିତ୍ରା ଅରୁମୁଗମ୍ ଉପସ୍ଥିତ ଯୁବ ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ଟାଟା ଷ୍ଟିଲ କଳିଙ୍ଗନଗରର ଅପରେସନ ଉପାଧ୍ୟକ୍ଷ ରାଜୀବ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ଲାନେଟାରିୟମ ଭାରପ୍ରାପ୍ତ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଧନ୍ୟବାଦ ଦେଇଥିଲେ।

## ରାଜ୍ୟସଭା ଉପନିର୍ବାଚନରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ସୁଜିତ୍ କୁମାର

ଭୁବନେଶ୍ୱର, ୧୩/୧୨ :ରାଜ୍ୟସଭା ଉପନିର୍ବାଚନରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ସୁଜିତ୍ କୁମାର। ସୁଜିତ କୁମାର ଏକମାତ୍ର ପ୍ରାର୍ଥୀ ଭାବେ ବିଜେପିରୁ ନାମାଙ୍କନ ଦାଖଲ କରିଥିଲେ। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ସୁଜିତ୍ ସଂସଦରେ କଳାହାଣ୍ଡି ତଥା ଓଡ଼ିଶା ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଜେଡିରୁ ନେତା ମୁହଁ ଫେରାଇବା ଆରମ୍ଭ କଲେଣି। କଳାହାଣ୍ଡିର ୮୦% ପଞ୍ଚାୟତ ପ୍ରତିନିଧି ବିଜେପିରେ ମିଶି ସାରିଲେଣି। ଆଗାମୀ ଦିନରେ ଅନେକ ନେତା ବିଜେପିରେ ମିଶିବେ। ଗତ ସେପ୍ଟେମ୍ବର ମାସରେ ସୁଜିତ କୁମାର ରାଜ୍ୟସଭାରୁ ଇସ୍ତଫା ଦେବା ପରେ ଏହି ଆସନଟି ଖାଲି ପଡ଼ିଥିଲା। ସେ ରାଜ୍ୟସଭା ପଦ ସହିତ ବିଜେଡିରୁ ମଧ୍ୟ ଇସ୍ତଫା ଦେଇଥିଲେ। ପରେ ବିଜେପିରେ ମିଶିଥିଲେ। ଖାଲି ଥିବା ଏହି ଗୋଟିଏ ରାଜ୍ୟସଭା ପଦବୀ ପାଇଁ ଉପନିର୍ବାଚନ ହେବାକୁ ଯାଉଥିବା ବେଳେ ବିଜେପି ସୁଜିତ କୁମାରଙ୍କୁ ପ୍ରାର୍ଥୀ କରିଛି। ଗତକାଲି ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେ ଏକୁଟିଆ ନାମାନଙ୍କନ ପତ୍ର ଭରିଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ। ସେ ୨୦୨୬ ଏପ୍ରିଲ ପର୍ଯ୍ୟନ୍ତ ଏହି ପଦରେ ରହିବେ। ଏହା ପୂର୍ବରୁ ମମତା ମହନ୍ତ ବିଜେଡି ଛାଡ଼ି ବିଜେପିରେ ମିଶିବା ପରେ ଦଳ ତାଙ୍କୁ ରାଜ୍ୟସଭା ପଠାଇଥିଲା। ସୂଚନାଯୋଗ୍ୟ, ଓଡ଼ିଶା ସମେତ ୪ ରାଜ୍ୟରେ ଖାଲି ପଡ଼ିଥିବା ୬ଟି ଆସନରେ ଉପନିର୍ବାଚନ କରିବା ପାଇଁ ଏବେ ଚାଲିଛି ପ୍ରକ୍ରିୟା।

# କୁଚ୍ଛେ, ଆଶିଷଙ୍କୁ ନେଇ ରାଜନୀତି ଗୋଳମାଳ

ଭୁବନେଶ୍ୱର, ୧୩/୧୨:ଦୁଇ ବିବାଦୀୟ ଆଇପିଏସ୍ ଡିଏସ୍ କୁଚ୍ଛେ ଓ ଆଶିଷ ସିଂଙ୍କୁ କେନ୍ଦ୍ରୀୟ ଡେପୁଟେସନରେ ପଠାଯିବା ପଛରେ ବଡ଼ଧରଣର ଡିଲ୍ ହୋଇଛି। ଯେଉଁ ଦୁଇ ଅଫିସରଙ୍କ ଦ୍ୱାରା ବିଜେପି ନେତାମାନେ ସର୍ବାଧିକ ନିର୍ଯାତନା ପାଇଛନ୍ତି ଆଉ ନିର୍ବାଚନ କମିଶନ ଚାର୍ଜସିଟ୍ କରିବା ପାଇଁ କହିଥିଲେ, ସେହି ଉଭୟଙ୍କୁ ରାଜ୍ୟର ବିଜେପି ସରକାର ପୁରସ୍କୃତ କରିଛନ୍ତି। ଏଭଳି ଘଟଣା ଓଡ଼ିଶାରେ ପ୍ରଥମ ଓ ଏ ସରକାର ଏତେ ତଳସ୍ତରକୁ ଖସିଯିବ ବୋଲି ଆଶା ନଥିଲା। ଆଜି ଏଭଳି ଢଙ୍ଗରେ ବିଜେପି ସରକାର ଉପରେ ବରିଷ୍ଠ ନେତା ବିଜୟ ମହାପାତ୍ର ବର୍ଷିବା ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହା ଉପରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଦାବି କରିଛନ୍ତି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି ଯେ, ଆଇପିଏସ୍ ଡିଏସ୍ କୁଚ୍ଛେ ଓ ଆଶିଷ ସିଂଙ୍କୁ ରାଜ୍ୟ ସରକାର କେନ୍ଦ୍ରକୁ ଡେପୁଟେସନରେ ପଠାଇବା ପଛରେ ଡିଲ୍ ହୋଇଛି। ନିର୍ବାଚନ କମିଶନ ଏହି ଦୁଇ ଅଫିସରଙ୍କ ବିରୋଧରେ ଚାର୍ଜସିଟ୍ ପାଇଁ କହିଥିଲେ। ଏହି ଦୁଇ ଅଫିସରଙ୍କ ଦ୍ୱାରା ବିଜେପି ନେତାମାନେ ସର୍ବାଧିକ ନିର୍ଯାତନା ପାଇଛନ୍ତି। ଖୋର୍ଦ୍ଧା ବିଧାୟକଙ୍କୁ ଜେଲରେ ପଠାଗଲା। ସେମାନେ କରିଥିବା ଦୋଷର ବହୁ ପ୍ରମାଣ ରହିଛି। କିନ୍ତୁ ରାଜ୍ୟର ବିଜେପି ସରକାର ଏହି ଦୁଇ ଅଫିସରଙ୍କୁ ଦୋଷମୁକ୍ତ କରିଦେଲେ। ଆଉ ସର୍ବଭାରତୀୟ ସେବା ରୁଲ୍ ଅନୁସାରେ କେନ୍ଦ୍ର ସରକାର ଡେପୁଟେସନରେ ନେବା ପାଇଁ ଯେଉଁ ଅଫର ଲିଷ୍ଟ ମାଗିଲେ, ରାଜ୍ୟ ସରକାର ଏହି ଦୁଇ ଅଫିସରଙ୍କ ନାଁ ହିଁ ଡେପୁଟେସନରେ ଯିବା ପାଇଁ ପଠାଇଲେ। ଏହି ଦୁଇ ଅଫିସର ନିର୍ବାଚନ ସମୟରେ ଅନିୟମିତତା କରିଥିବାରୁ ସେମାନଙ୍କ ବିରୋଧରେ ଚାର୍ଜସିଟ୍ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜ୍ୟର ବିଜେପି ସରକାର ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ତ ଦୂରର କଥା ତଦନ୍ତକାରୀ ଅଫିସର



ନିଆଁରେ ଘିଅ ଢାଳିଲେ ବିଜୟ

ମଧ୍ୟ ଏପର୍ଯ୍ୟନ୍ତ ନିଯୁକ୍ତି ଦେଇନାହାନ୍ତି। କୁଚ୍ଛେଙ୍କ ବିରୋଧରେ ତଥ୍ୟ ପ୍ରମାଣ ଥିଲା। ସରକାର ବି କହିଥିଲେ ଯେ କଠୋର ଦଣ୍ଡ ଦେବୁ। କିନ୍ତୁ ବିପରୀତ କାର୍ଯ୍ୟ କଲେ। ଏଥିରୁ ଜଣାପଡୁଛି ଏ ସରକାର କିଭଳି ଚାଲୁଛି। ସମସ୍ତଙ୍କ ବିରୋଧରେ ତଦନ୍ତ ଚାଲୁଛି କହୁଛନ୍ତି। କିନ୍ତୁ ତଦନ୍ତ ରିପୋର୍ଟ ଆସୁନି କିମ୍ବା କାହା ବିରୋଧରେ ଆକ୍ସନ ହେଉନି ବୋଲି ବିଜୟ ମହାପାତ୍ର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏସବୁ ଘଟଣାରୁ ସ୍ପଷ୍ଟ ହେଉଛି ଯେ ଦୁଇ ଅଫିସର କୁଚ୍ଛେ ଓ ଆଶିଷ ସିଂଙ୍କୁ ଦିଲ୍ଲୀ ଛାଡ଼ିବା ଘଟଣା ପଛରେ ଡିଲ୍ ହୋଇଛି। ତଦନ୍ତ କାହିଁକି ହେଲାନି, କାହିଁକି ସେମାନଙ୍କୁ ପୁରସ୍କୃତ କରଗଲା, କେମିତି ସରକାର ଉଭୟଙ୍କୁ ଏନଓସି ଦେଲେ ତାହା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି। ଏହି ଅଫିସର ପୁରସ୍କୃତ ହେଲେ, କିନ୍ତୁ ନେତାମାନେ ଫସିଗଲେ। ଖୋର୍ଦ୍ଧାର ବର୍ତ୍ତମାନର ବିଧାୟକଙ୍କୁ ଜେଲରେ ପୁରାଗଲା। କୁଚ୍ଛେଙ୍କ ବିରୋଧରେ ଖୋର୍ଦ୍ଧା ଜିଲ୍ଲାପାଳ ଓ ତତକାଳୀନ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ତା'ର ତଦନ୍ତ ହେଲାନି, ଆଉ ଉଭୟଙ୍କୁ କ୍ଲିନଚିଟ୍ ଦେଇ ଦିଲ୍ଲୀ ପଠାଇ ଦିଆଗଲା। ଏହା ଡିଲ୍ ନୁହେଁ ତ ଆଉ କ'ଣ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଓଡ଼ିଶା ଇତିହାସରେ ଏଭଳି ଘଟଣା ପ୍ରଥମଥର ପାଇଁ ହୋଇଛି। ଏ ସରକାର ଏତେ ତଳସ୍ତରକୁ ଖସିଯିବ ବୋଲି ଆଶା କରାଯାଉନଥିଲା। ତେଣୁ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି। ଅନ୍ୟପକ୍ଷରେ ବିଜେପି ବିଧାୟକ ଅଶୋକ ମହାନ୍ତି କହିଛନ୍ତି ଯେ, ବିଜୟ ମହାପାତ୍ର ଯାହା କହିଛନ୍ତି ତାହା ହେଉଛି ସଇତାନର ବେଦପାଠ। ଯିଏ କହୁଛି ଡିଲ୍ ହୋଇଛି ସେମାନେ ଡିଲ୍ କରିଛନ୍ତି। ଆମ ଦଳ କାହା ସହ ଡିଲ୍ କରିନାହିଁ। ଓଡ଼ିଶାବାସୀ ଆମକୁ ଭରସାକୁ ନେଇ ସରକାରରେ ବସାଇଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ବିଜେଡି ଶାସନକାଳରେ ରାଜନୈତିକ ନିଷ୍ପତ୍ତି ଓ କ୍ଷମତାର କେନ୍ଦ୍ରବିନ୍ଦୁ ଥିବା ଆଇପିଏସ୍ ଡିଏସ୍ କୁଚ୍ଛେଙ୍କ ବିରୋଧରେ ନିର୍ବାଚନବେଳେ କ୍ଷମତାର ଦୁରୁପଯୋଗ କରୁଥିବା, ଚାପ ଓ ଧମକ ଦେଉଥିବା ନେଇ ଦୁଇ ଆଇଏଏସ୍ ଅଫିସର ଚଂଚଳ ରାଣା ଓ ଏନ୍ ଥିରୁମାଳା ନାଏକ ଲିଖିତ ଭାବେ ଅଭିଯୋଗ କରିଥିଲେ ମଧ୍ୟ ମୋହନ ସରକାର ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନେଲେନି ତାହା ଏବେବି ରହସ୍ୟମୟ ହୋଇରହିଛି। ଏପରିକି ନିର୍ବାଚନ କମିଶନ ମଧ୍ୟ କୁଚ୍ଛେଙ୍କୁ ନିଲମ୍ବନ କରି ତାଙ୍କ ବିରୋଧରେ ଚାର୍ଜସିଟ୍ ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଜେପି ସରକାର ଆସିବା ପରେ କୁଚ୍ଛେଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ସମସ୍ତେ ଭାବିଥିଲେ, କିନ୍ତୁ ରାଜ୍ୟ ସରକାର ଓଲଟା ତାଙ୍କୁ କେନ୍ଦ୍ରକୁ ଡେପୁଟେସନରେ ପଠାଇ କ୍ଲିନଚିଟ୍ ଦେଇଛନ୍ତି।

# ନିଯୁକ୍ତି ପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୧୨: ଆଜି ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ନିଯୁକ୍ତି ମେଳାରେ ୩୭୬ ଜଣ ନିଯୁକ୍ତି ପାଇଛନ୍ତି। ଏଥିରେ ସ୍ୱାସ୍ଥ୍ୟ ବିଭାଗର ୮୫ ଜଣ ହୋମିଓପାଥିକ ଚିକିତ୍ସକ ଓ ୨୩୯ ଜଣ ରେଡିଓଗ୍ରାଫର ଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗର ୫୨ ଜଣ ଅଧ୍ୟାପକ ଅଛନ୍ତି। ଏହି ଅବସରରେ ଲୋକସେବା ଭବନ ସ୍ଥିତ କନ୍‌ଭେନ୍‌ସନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ନବ ନିଯୁକ୍ତ ଡାକ୍ତର, ଅଧ୍ୟାପକ ଓ ରେଡିଓଗ୍ରାଫର ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ବୃତ୍ତିଗତ ଦକ୍ଷତା ଓ ସେବା ମନୋବୃତ୍ତି ନେଇ କାମ କରିବାକୁ ପରାମର୍ଶ ଦେଇଛନ୍ତି। ସରକାରୀ ଚାକିରିକୁ ଅର୍ଥ ଉପାର୍ଜନ ସର୍ବସ୍ୱ ନକରି ନିଜ ନିଜର କର୍ତ୍ତବ୍ୟ ପ୍ରତି ଅନୁରକ୍ତ ରହିବାକୁ ଓ ଦୁର୍ନୀତିକୁ ପ୍ରଶୟ ନଦେବାକୁ ସେ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଓଡିଶା ଯେତେ ପାରଦର୍ଶୀତା ହାସଲ କରିବା କଥା, କରିପାରି ନାହିଁ। ଆମେ ଆମର ପ୍ରକୃତ ସାମର୍ଥ୍ୟ ହାସଲ କରି ପାରିନାହୁଁ। ନୀତି ଆୟୋଗ ଦ୍ୱାରା ସଦ୍ୟ ପ୍ରକାଶିତ ସ୍ୱାସ୍ଥ୍ୟ ଜବଭଳ-ସଭଶ ରେ ଓଡିଶା ୨୮ ଟି ରାଜ୍ୟ ମଧ୍ୟରେ ତଳଆଡୁ ତୃତୀୟ। ଶହେ ନମ୍ବରରୁ ଓଡିଶା ପାଇଛି ମାତ୍ର ୪୦.୧୯। କିନ୍ତୁ ପୂର୍ବରୁ ବିଶ୍ୱ ସ୍ତରୀୟ ସ୍ୱାସ୍ଥ୍ୟ ସେବା ନାମରେ ବ୍ୟାପକ ପ୍ରଚାର କରାଯାଉଥିଲା। ବର୍ତ୍ତମାନ ଏ ପରିସ୍ଥିତିକୁ ପରିବର୍ତ୍ତନ କରିବାକୁ ପଡିବ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଐରବକ୍ଷଷକ ଜବଭଳସଭଶ ରେ ଆମକୁ ଅତି କମ୍‌ରେ ୬୦ ନମ୍ବର ରଖିବାକୁ ପଡିବ। ଦେଶର ପ୍ରଥମ ଦଶଟି ଶ୍ରଷ୍ଠ ସେବା ପ୍ରଦାନକାରୀ ରାଜ୍ୟ ମଧ୍ୟରେ ରହିବାକୁ ପଡିବ। ଏ ଦିଗରେ ସରକାରଙ୍କ ଆଭିମୁଖ୍ୟରେ ନବ ନିଯୁକ୍ତ ମାନଙ୍କୁ ସହଯୋଗ କରିବା ପାଇଁ ସଂକଳ୍ପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ଭିତ୍ତିଭୂମି ଓ ପ୍ରଶିକ୍ଷିତ ମାନବ ସମ୍ବଳର ଆବଶ୍ୟକତା ରହିଛି। ଏ ଉଭୟ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଯୋଜନାବଦ୍ଧ ଭାବେ କାମ କରୁଛନ୍ତି। ଏହା ସରକାରଙ୍କ ଭିଜନର ଏକ ଅଂଶ ବିଶେଷ ବୋଲି ସେ କହିଥିଲେ। ଚଳିତ ବର୍ଷ ସ୍ୱାସ୍ଥ୍ୟ ବଜେଟ୍?ରେ ପୂର୍ବ



ବର୍ଷ ତୁଳନାରେ ୩୨ ପ୍ରତିଶତ ଅଧିକ ବ୍ୟୟ ବରାଦ ବୋଲି ପ୍ରକାଶ କରି ସେ କହିଥିଲେ ଯେ, ଏହାର ସିଂହଭାଗ ଭିତ୍ତିଭୂମି ନିର୍ମାଣରେ ଖର୍ଚ୍ଚ ହେବ। ଆଗାମୀ ପାଞ୍ଚବର୍ଷରେ ରାଜ୍ୟର ସମସ୍ତ ଜିଲ୍ଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କରାଯିବ ବୋଲି ସେ କହିଥିଲେ। ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା ସହିତ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୂଆ ସରକାର ରାଜ୍ୟର ସରକାରୀ କ୍ଷେତ୍ରରେ ଖାଲି ପଦବୀ ପୂରଣ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଗତ ଛଅ ମାସ ମଧ୍ୟରେ ଛଅ ଥର ନିଯୁକ୍ତି ମେଳା ହୋଇ ୨୦ ହଜାରରୁ ଅଧିକ ଶିକ୍ଷିତ ଯୁବକ ଯୁବତୀଙ୍କ ନିଯୁକ୍ତି ପ୍ରକ୍ରିୟାକୁ ଆଗେଇ ନିଆଯାଉଛି ବୋଲି ସେ କହିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋମିଓପାଥି ଚିକିତ୍ସକ ଓ ରେଡିଓଗ୍ରାଫର ନିଯୁକ୍ତି ସହିତ ଖୁବଶୀଘ୍ର ସରକାରୀ ଡାକ୍ତରଖାନା ମାନଙ୍କରେ 'ଫାର୍ମାସୀ ଅଫିସର' ନିଯୁକ୍ତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହା ସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜାତୀୟ ଆୟୁଷ ମିଶନରେ ଓଡିଶାରେ ୪୨୨ଟି ହୋମିଓପାଥି ଓ ଆୟୁର୍ବେଦିକ୍ ଡାକ୍ତରଖାନର 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' ଭାବରେ ଉନ୍ନତି କରଣ କରାଯାଇଛି। ସେ କହିଥିଲେ ଯେ, ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ଆଉ ତିନୋଟି ୫୦ ଶର୍ଯ୍ୟା ବିଶିଷ୍ଟ ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଉଛି। ଅଧ୍ୟାପକ ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣ ମାନେ ନିଜେ ଯୁବ ବର୍ଗରୁ ଆସିଛନ୍ତି। ତେଣୁ, ପିଲାମାନଙ୍କୁ ଦାୟିତ୍ୱବାନ୍ ହେବା ପାଇଁ ମାର୍ଗଦର୍ଶନ କରିବାକୁ ସେ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, ୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡିଶା ପାଇଁ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରୁଛନ୍ତି। ତେଣୁ, ସେମାନେ ଯେପରି ଦକ୍ଷ ଓ ଦାୟିତ୍ୱବାନ୍ ହେବେ ତାହା ସୁନିଶ୍ଚିତ କରିବା ଆପଣ ମାନଙ୍କ ଦାୟିତ୍ୱ। ଆପମ ମାନେ ଯୁବ ସମାଜର ଉଚିତ୍ ପଥ ପ୍ରଦର୍ଶନ କରିପାରିଲେ ସମୃଦ୍ଧ ଓଡିଶାର ଲକ୍ଷ୍ୟ ନିଶ୍ଚୟ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କରିଲେ ଯେ, ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ, ଏବେ ପ୍ରାୟ ପ୍ରତ୍ୟେକ ମାସରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇ ଯୁବ ବର୍ଗଙ୍କୁ ସରକାରୀ ନିଯୁକ୍ତି ଦିଆଯାଉଛି। ତେଣୁ, ୨୦୩୬ ଓ ୨୦୪୭ ର ଲକ୍ଷ ହାସଲ କରିବା ପାଇଁ ସମସ୍ତେ ସେବା ଓ ସମର୍ପଣ ମନୋଭାବ ନେଇ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ କହିଲେ ଯେ, ମହିଳା କର୍ମଚାରୀ ମାନେ ନିଜର କମ୍ଫର୍ଟ ଜୋନ୍‌ରୁ ବାହାରି ନିଜର ଦକ୍ଷତା ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି। ସେମାନେ କୌଣସି ପରିସ୍ଥିତିରେ ପୁରୁଷ ମାନଙ୍କ ଠାରୁ କମ୍ ବୋଲି ମନେ କରିବା ଉଚିତ୍ ନୁହେଁ। କାମ ସହିତ ବ୍ୟକ୍ତିଗତ ଭାବେ ନିଜର ଜ୍ଞାନ ଓ ଦକ୍ଷତାକୁ ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। କାର୍ଯ୍ୟକ୍ରମରେ ନବ ନିଯୁକ୍ତ ଅଧ୍ୟାପିକା ଶୁଭଲକ୍ଷ୍ମୀ ସ୍ୱାଇଁ, ଡାକ୍ତର କଲ୍ୟାଣୀ ମଞ୍ଜରୀ ନାୟକ ଓ ରେଡିଓଗ୍ରାଫର ସ୍ୱତନ୍ତ୍ର ପଟ୍ଟନାୟକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନାକରି କହିଲେ ଯେ, ମୁଖ୍ୟମନ୍ତ୍ରୀ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ଏଥିରେ ସ୍ୱଚ୍ଛତା ମଧ୍ୟ ଆସିଛି। ସମସ୍ତେ ନିଷ୍ଠା ଓ ସେବା ମନୋବୃତ୍ତି ନେଇ କାମ କରିବେ ବୋଲି କହିଥିଲେ। ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍. ସ୍ୱାଗତ ଭାଷଣ ଦେଇଥିଲେ।

# ବିଜେଡି ରାସ୍ତାରେ ବିଜେପି: ଆଗୁଆ ଅଧିବେଶନ ସାରିବାକୁ ତତ୍ପରତା

ଭୁବନେଶ୍ୱର, ୧୩/୧୨: ''ବିଧାନସଭା ଅଧିବେଶନ ବସୁଛି ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ। ସାରା ରାଜ୍ୟବାସୀଙ୍କ ନଜର ବିଧାନସଭା ଉପରେ। କିନ୍ତୁ ବିଜେଡି ସରକାର ଅଧିବେଶନକୁ ଆଗୁଆ ବନ୍ଦ କରିଦେଉଛନ୍ତି। ସେମାନେ ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି। ସେମାନଙ୍କର ସାହସ ନାହିଁ ଆମକୁ ସାମ୍ନା କରିବାକୁ।'' ଗତ ପାଞ୍ଚ ବର୍ଷ ହେଲା ଡିସେମ୍ବର ମାସରେ ବିଜେପି ନେତାମାନଙ୍କର ଭାଷା ଥିଲା ଏଇଆ। ବିଜେଡି ସରକାର ସମୟରେ ପ୍ରତି ବର୍ଷ ଶୀତ ଅଧିବେଶନ ଯଥେଷ୍ଟ ଆଗୁଆ ସରିଯାଏ। ଅତିରିକ୍ତ ବଜେଟ୍ ଗୃହୀତ ହେଲା ପରେ ବିଧାନସଭାକୁ ମୁଲତବୀ ରଖାଯାଏ। ଗୋଟିଏ ଯୁକ୍ତି ଯେ କୌଣସି ସରକାରୀ କାର୍ଯ୍ୟ ଆଉ ନାହିଁ। କିନ୍ତୁ ଏହାକୁ ବିଜେପି ନେତାମାନେ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ଗୃହ ବାହାରେ ଗଣମାଧ୍ୟମ ଆଗରେ ତୀବ୍ର ଅସନ୍ତୋଷ ଝାଡ଼ନ୍ତି। ପୁଣି ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେବାର ନଜିର ରହିଛି। କଂଗ୍ରେସ ବି ସମାନ ଭାବେ ସମାଲୋଚନା କରେ। ଏବେ ବିଜେପି ସରକାର। କିନ୍ତୁ ଢାଞ୍ଚା ବଦଳିଲାନି। ବିଜେଡି ସରକାର ଯେଉଁ ରାସ୍ତା ଦେଖାଇଥିଲେ ତାହା ବିଜେପିକୁ ବେଶ୍ ସୁହାଇଛି। ନିର୍ଦ୍ଧାରିତ ସମୟର ୧୬ ଦିନ ଆଗରୁ ବିଧାନସଭାକୁ ବନ୍ଦ କରିଦିଆଗଲା। ସମାନ ଯୁକ୍ତି- କିଛି ଅଫିସିଆଲ୍ ବିଜ୍‌ନେସ୍ ନାହିଁ। ତେବେ ରୋଚକ କଥା ହେଉଛି, ବିଜେଡି ସରକାର ସମୟରେ ବିଜେପି ନେତାମାନେ ଆଗୁଆ ଅଧିବେଶନ ବନ୍ଦ ନେଇ ସରକାରଙ୍କୁ ବହେ ଗାଳି ଦେଇପାରୁଥିଲେ। କିନ୍ତୁ ବିଜେଡି ନେତାମାନେ କିଛି କହିପାରୁ ନାହାନ୍ତି। ସରକାରଙ୍କୁ ସମାଲୋଚନା କରିପାରୁ ନାହାନ୍ତି କି ଅଧିବେଶନ ଚାଲୁ ରଖିବାକୁ ଦାବି କରିପାରୁ ନାହାନ୍ତି। କାରଣ ଏହି ବାଟ ସେମାନେ ହିଁ ତିଆରି କରିଛନ୍ତି। ବିଧାନସଭା କାର୍ଯ୍ୟବିଧି ଆଇନରେ ଅଧିବେଶନ ସର୍ବନିମ୍ନ ୬୦ ଦିନ ବସିବାର ବ୍ୟବସ୍ଥା ରହିଛି। କିନ୍ତୁ ସେଥିରେ ଗୋଟିଏ ଗଳା ବାଟ ଅଛି ଯେ ଗୃହ ଚାହିଁଲେ ଏହି ଅବଧିକୁ କମାଇପାରିବ। ଏହି ଗଳା ବାଟକୁ ହିଁ ଶାସକ ଦଳ ବେଶ୍ ଭଲ ଭାବେ ପାଳନ କରୁଛି। ପ୍ରତି ବର୍ଷ ସରକାରୀ କାମ ନାହିଁ ଆଳରେ ନିର୍ଦ୍ୱନ୍ଦ୍ୱରେ ଗୃହକାର୍ଯ୍ୟ କମାଇ ଦେଉଛି। ସଚେତନ ନାଗରିକମାନେ ପ୍ରଶ୍ନ କଲେଣି, ଯଦି ବାସ୍ତବରେ କୌଣସି ବର୍ଷ ବି ୬୦ ଦିନ ବସିବାର ଆବଶ୍ୟକତା ପଡୁନି, ତେବେ ୬୦ ଦିନର କାର୍ଯ୍ୟସୂଚୀ ପ୍ରସ୍ତୁତି କରାଯାଉଛି କାହିଁକି? ଗାଣତନ୍ତ୍ରିକ ବ୍ୟବସ୍ଥାରେ ଏପରି ଛଳନା କି ଉଦ୍ଦେଶ୍ୟ ପୂରଣ କରୁଛି? ଆଇନଗତ ଦିଗକୁ ଦେଖିଲେ ଶାସକ ଦଳର ଏପରି କାର୍ଯ୍ୟ ଯୁକ୍ତିସିଦ୍ଧ ହୋଇପାରେ। କିନ୍ତୁ ଏଥିରେ ଯେ 'ନୈତିକତା' ହାର୍ ମାନୁଛି, ତାହା ମାନ୍ୟବରମାନେ ହୃଦୟଙ୍ଗମ କରିପାରୁ ନାହାନ୍ତି। ବିଧାନସଭାରେ ହୁଏତ ସରକାରୀ ବିଲ୍ କିଛି ନଥାଇପାରେ, କିନ୍ତୁ ରାଜ୍ୟ ଓ ରାଜ୍ୟବାସୀଙ୍କର ସମସ୍ୟା ଯେ ନାହିଁ ତାହା ଭାବିବା ଭୁଲ୍। ଯେମିତି ବିଧାୟକମାନେ ନିଜ ନିଜ ଦରମା, ପେନସନ୍ କଥା ଆଲୋଚନା କରି ଏକ ସହମତିରେ



ପହଞ୍ଚିପାରୁଛନ୍ତି, ସେମିତି କିଛି ବଡ଼ ପ୍ରସଙ୍ଗକୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଆଲୋଚନା କରି ନିଷ୍କର୍ଷ ବାହାର କରାଯାଇପାରିବ। ସେ ଦିଗରେ କେହି ଚିନ୍ତା କରୁନାହାନ୍ତି। ଏଥର ବିଧାନସଭା ଅଧିବେଶନ ୧୨ ଦିନ ଚାଲିଲା। କିଛି ବଡ଼ ପ୍ରସଙ୍ଗରେ ଆଲୋଚନା ହୋଇଛି। ସରକାରୀ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ଏକାଧିକ ପ୍ରସଙ୍ଗରେ ସରଗରମ ଆଲୋଚନା ହୋଇଥିଲେ ବି କିଛି ନିଷ୍କର୍ଷ ବାହାରିପାରିନି। ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟ ବିରୋଧୀ ଦଳ ବିଜେଡି ସରକାରଙ୍କ ବିଫଳତା ଓ ଅପାରଗତାକୁ ଦେଖାଇଥିଲେ। ବିଜେପି ସଭ୍ୟମାନେ ପାଲଟା ଆକ୍ରମଣ କରି ୨୪ ବର୍ଷର ବିଫଳତାକୁ ବଖାଣିଥିଲେ। ସୁଯୋଗ ଦେଖି କଂଗ୍ରେସ ସଭ୍ୟମାନେ ଉଭୟ ଦଳକୁ ଟାର୍ଗେଟ୍ କରିଥିଲେ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପୂର୍ବ ଅଧିବେଶନରେ ଗୃହକୁ ଆସୁ ନଥିଲା ବେଳେ ଏଥର ସବୁଦିନେ ଆସିଥିଲେ। ଅଧଘଣ୍ଟା ଲେଖାଏ ରହୁଥିଲେ କେବେ କୌଣସି ପ୍ରସଙ୍ଗରେ ମୁହଁ ଖୋଲି ନାହାନ୍ତି। ବିଜେଡିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁ ଓ ନିରଞ୍ଜନ ପୂଜାରୀ ପ୍ରଭାବୀ ଢଙ୍ଗରେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଆକ୍ରମଣ କରିଥିଲେ। ଗଣେଶ୍ୱର ବେହେରା, ପ୍ରତାପ କେଶରୀ ଦେବ, ପ୍ରମିଳା ମଲ୍ଲିକ ଓ ବ୍ୟୋମକେଶ ରାୟ ମଧ୍ୟ କିଛି ପ୍ରସଙ୍ଗରେ ସରକାରଙ୍କୁ ରୋକ୍‌ଠୋକ୍ ଜବାବ ମାଗିଥିଲେ। ତେବେ ବିଜେଡିର ସାମୂହିକ ଯୋଜନାବଦ୍ଧ ରଣନୀତି ଏଥର ଦେଖିବାକୁ ମିଳି ନଥିଲା। କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ସବୁ ଥର ଆଗରେ ରହୁଥିଲେ ବି ଏଥର ତାଙ୍କ ସ୍ୱର ଖୁବ୍ କମ୍ ଶୁଣିବାକୁ ମିଳିଛି। ବ୍ୟକ୍ତିଗତ କାମ ପାଇଁ ଆରମ୍ଭରୁ କିଛି ଦିନ ଗୃହକୁ ସେ ଆସି ନଥିଲେ। ପରେ ଗୃହକୁ ଆସୁଥିଲେ ବି ତାଙ୍କୁ ସୁଯୋଗ ନମିଳିବା ପ୍ରତିବାଦରେ କିଛି କହି ନଥିଲେ। ତେବେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଓ ସି ଏସ୍ ରାଜନ ଏକ୍କା ବିଭିନ୍ନ ପ୍ରସଙ୍ଗରେ ବଳିଷ୍ଠ ଯୁକ୍ତି ରଖିଥିଲେ। ତିନି ପ୍ରମୁଖ ଦଳର ପ୍ରଥମ ଥର ବିଧାନସଭାକୁ ଆସିଥିବା କିଛି ଯୁବ ବିଧାୟକଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବୀ ରହିଥିଲା। ଶାସକ ଦଳର ଟଙ୍କଧର ତ୍ରିପାଠୀ, ଇରାଶିଷ ଆଚାର୍ଯ୍ୟ, ମାନସ ଦତ୍ତ ଓ ବାବୁ ସିଂହ ବେଶ୍ ଶାଣିତ ଢଙ୍ଗରେ ବିରୋଧୀକୁ ପ୍ରତି ଆକ୍ରମଣ କରୁଥିବା ଦେଖିବାକୁ ମିଳିଥିଲା। ଗୃହ ଭିତରେ ସେମାନଙ୍କ ଉପସ୍ଥିତି ବାରି ହୋଇପଡୁଥିଲା। ସେମିତି ବିଜେଡିର ଗୌତମବୁଦ୍ଧ ଦାସ, କଂଗ୍ରେସର ଅଶୋକ ଦାସ ଓ ସୋଫିଆ ଫିରଦୋସଙ୍କ ଯୁକ୍ତି ବଳିଷ୍ଠ ରହୁଥିଲା। କଡ଼ା ଭାଷାରେ ସରକାରଙ୍କୁ ସମାଲୋଚନା କରି ଅଡୁଆରେ ପକାଇବାକୁ ଏମାନେ ଉଦ୍ୟମ କରିଥିଲେ। ଦଳ ପକ୍ଷରୁ ମଧ୍ୟ ସେମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ କହିବା ପାଇଁ ସୁଯୋଗ ଦିଆଯାଉଥିବା ଲକ୍ଷ୍ୟ କରାଯାଇଥିଲା।

# ଶକ୍ତିଶାଳୀ ହେବ ଓଡ଼ିଶା ପୁଲିସ



## ମିଳିବ ହାଇସ୍ପିଡ୍ ଯାନ: ମୁଖ୍ୟମନ୍ତ୍ରୀ

- ଗଡ଼ିଲା ୩୦ ନୂଆ ଇଆର୍ଏସ୍ଏସ୍ ଭ୍ୟାନ୍
- ଖୁବ୍‌ଶୀଘ୍ର ପୂରଣ ହେବ ୫ ହଜାର ଗୃହରକ୍ଷୀ ପଦବି, ବଢ଼ିବ ଭତ୍ତା
- ତଦନ୍ତକାରୀ ଅଧିକାରୀଙ୍କୁ ଦିଆଯିବ ୯ହଜାର ବାଇକ୍

ଭୁବନେଶ୍ୱର, ୧୩/୧୨: ଅପରାଧୀ ଅପରାଧ ଘଟାଇବା ପାଇଁ ପୁଲିସ ଠାରୁ ଦାମୀ ଓ ଅତ୍ୟାଧୁନିକ ଯାନ ବ୍ୟବହାର କରୁଛନ୍ତି। ଯାହାଦ୍ୱାରା ସେମାନେ ପୁଲିସକୁ ଚକ୍‌ମାଦେଇ ସହଜରେ ଖସିଯାଉଛନ୍ତି। ଏଭଳି ଅନେକ ଘଟଣାର ଉଦାହରଣ ରହିଛି। ଅପରାଧୀଙ୍କୁ ଦମନ କରିବା ପାଇଁ ପୁଲିସକୁ ସଶକ୍ତ କରାଯିବ। ସେମାନଙ୍କୁ ଅତ୍ୟାଧୁନିକ ଓ ହାଇସ୍ପିଡ୍ ଯାନ ଯୋଗାଇଦିଆଯିବ। ଏନେଇ ରାଜ୍ୟ ସରକାର ଯୋଜନା କରିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଲିସ ସେବା ଭବନରେ ଇଆରଏସ୍ଏସ୍‌ର ୩୦ଟି ନୂଆ ଭ୍ୟାନ୍‌କୁ ଉଦ୍‌ଘାଟନ କରି ଏଭଳି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଇଆର୍ଏସ୍ଏସ୍ ଯୋଜନା ହେଉଛି କେନ୍ଦ୍ର ସରକାରଙ୍କ ଯୋଜନା। ଦିଲ୍ଲୀର ନିର୍ଭୟା କାଣ୍ଡ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୯ ମସିହାରେ ଜରୁରୀକାଳୀନ ପରିସ୍ଥିତିରେ ପୁଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ଯୋଜନା ଆରମ୍ଭ କରିଥିଲେ। କମିସନରେଟ୍ ପୁଲିସକୁ ମିଳିଥିବା ୩୦ଟି ନୂଆ ଯାନ ସାଧାରଣ ଗାଡ଼ି ନୁହେଁ। ଏହା ଗୋଟିଏ ଗୋଟିଏ ସୁରକ୍ଷା ରଥ। ନ୍ୟାୟ, ଶୃଙ୍ଖଳା, ଭୟମୁକ୍ତ ବାତାବରଣ ଓ ଅପରାଧମୁକ୍ତ ସମାଜର ପ୍ରତୀକ। ଯାନ ଯେତିକି ଗଡ଼ିବ ଲୋକମାନେ ସେତିକି ନ୍ୟାୟ ପାଇବେ ଓ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ିବ। ତେବେ ଏହି ୩୦ଟି ଯାନରୁ ଭୁବନେଶ୍ୱର ପାଇଁ ୨୨ଟି ଓ କଟକ ପାଇଁ ୮ଟି ଦିଆଯାଇଛି। ପୂର୍ବରୁ ଅଚଳ ହୋଇଥିବା ପିସିଆର ବଦଳରେ ଏହି ନୂତନ ଯାନ କାର୍ଯ୍ୟ କରିବ। ଏହି ଅତ୍ୟାଧୁନିକ ଭ୍ୟାନ ପୁଲିସ କାର୍ଯ୍ୟ ଦକ୍ଷତାକୁ ସୁଦୃଢ଼ କରିବ ବୋଲି ସେ କହିଥିଲେ। ସେହିପରି ପୁଲିସ ବାହିନୀକୁ ଆହୁରି ସଶକ୍ତ କରିବା ପାଇଁ ଗୃହ ବିଭାଗରେ ପ୍ରାୟ ୧୦ ହଜାର ପଦବି ଖୁବ୍ ଶୀଘ୍ର ପୂରଣ କରାଯିବ। ଗୃହରକ୍ଷୀମାନେ ହେଉଛନ୍ତି ପୁଲିସର ଏକ ଅବିଚ୍ଛିନ୍ନ ଅଙ୍ଗ। ତେଣୁ ୨୦୨୦ରୁ ଗୃହରକ୍ଷୀ ନିଯୁକ୍ତିରେ ଲାଗିଥିବା କଟକଣା ଉଠାଇ ଦିଆଯାଇଛି। ଖୁବଶୀଘ୍ର ଖାଲିଥିବା ୨୪୧୬ଟି ପଦବୀ ସହ ୨୫୮୪ଟି ନୂତନ ପଦବି ସୃଷ୍ଟି କରାଇ ମୋଟ ୫ ହଜାର ଗୃହରକ୍ଷୀଙ୍କୁ ନିଯୁକ୍ତି ଦିଆଯିବ। ସେମାନଙ୍କ ଦୈନିକ ଭତ୍ତା ବୃଦ୍ଧି ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ଏହାଛଡ଼ା ରାଜ୍ୟର ଥାନା ଗୁଡ଼ିକୁ ୯ହଜାର ବାଇକ୍ ଯୋଗାଇଦିଆଯିବ। ଏହି ବାଇକ୍ ଗୁଡ଼ିକୁ ତଦନ୍ତକାରୀ ଅଧିକାରୀଙ୍କୁ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ପୁଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ବାତ୍ୟା ଦାନା ସମୟରେ ଇଆରଏସ୍ଏସ୍ ଯାନ ଲୋକମାନଙ୍କୁ ପ୍ରଶଂସନୀୟ ସେବା ଯୋଗାଇଛି। ଆପଦ କାଳୀନ ପ୍ରଶମନ ସହାୟତା ବ୍ୟବସ୍ଥାରେ ରାଜ୍ୟରେ ମୋଟ ୧୦୬ଟି ଇଆର୍ଏସ୍ଏସ୍ ଭ୍ୟାନ୍, ୧୫୮ ପିସିଆର, ୧୦୯୮ ପୁଲିସ, ୧୯୮ କଲ୍ ଯୋଗାଯୋଗକାରୀ ବିଭିନ୍ନ ଜିଲ୍ଲା ଓ ସ୍ଥାନୀୟ ପୁଲିସ ସହ ମିଶି ୨୪ଘଣ୍ଟିଆ ସେବା ଯୋଗାଉଛନ୍ତି। ପ୍ରତିଦିନ ୧୧୨ର ୧୦୬ଟି ଗାଡ଼ି ରାଜ୍ୟରେ ୧୦,୬୦୦ କିମି ପାଟ୍ରୋଲିଂ କରି ଲୋକଙ୍କୁ ସୁରକ୍ଷା ଯୋଗାଉଛି। ହେଲେ ଆଜିଠାରୁ ଏହି ଭ୍ୟାନ୍ ଅଧିକ ୩ହଜାର କିମି ପାଟ୍ରୋଲିଂ କରିବ। ନିକଟ ଭବିଷ୍ୟତରେ ପାଟ୍ରୋଲିଂ ସୀମା ୩୫,୦୦୦କୁ ବୃଦ୍ଧି କରାଯିବ। ବର୍ତ୍ତମାନ ସୁଦ୍ଧା ଇଆର୍ଏସ୍ଏସ୍ କେନ୍ଦ୍ରକୁ ୧କୋଟି ୧୬ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଯୋଗାଯୋଗ କରିଛନ୍ତି। ସେହିପରି ଏହି ସେବାକୁ ଆଗାମୀ ଦିନରେ ଦେଶରେ ୧ ନମ୍ବର କରାଯାଇ ପ୍ରତିକ୍ରିୟା ସମୟକୁ ୨୦-୨୫ ମିନିଟ୍ ବଦଳରେ ୧୦-୧୫ ମିନିଟ୍ କରାଯିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି। କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଦୟାଲ ଗଙ୍ଗୱାର, ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ, ଅତିରିକ୍ତ ପୁଲିସ କମିସନର ଉମାଶଙ୍କର ଦାଶ ଓ ଡିସିପି ପିନାକ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଯୋଗଦେଇଥିଲେ।

## ଶିକ୍ଷିତ ଜିଲ୍ଲାରେ କୁମାରୀ ମାତୃତ୍ୱ ଚିନ୍ତା
### ୫ ବର୍ଷରେ ବଢ଼ିଲାଣି ୮୦ ପ୍ରତିଶତ

ଜଗତସିଂହପୁର: ଶିକ୍ଷିତ ଜିଲ୍ଲା ଜଗତସିଂହପୁରରେ କୁମାରୀ ମାତୃତ୍ୱ ସଂଖ୍ୟା ଲଗାତାର ଭାବେ ବୃଦ୍ଧି ପାଇବା ଉଦ୍‌ବେଗର କାରଣ ହୋଇଛି। ୧୮ବର୍ଷ ପୂର୍ବରୁ ଗର୍ଭଧାରଣ କରୁଥିବା ବାଳିକାଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ି ଚାଲିଛି। ସରକାରୀ ତଥ୍ୟ ଅନୁଯାୟୀ ଗତ ୫ ବର୍ଷ ଭିତରେ ପାଖାପାଖି ୮୦ ପ୍ରତିଶତ ବଢ଼ିଛି କୁମାରୀ ମାତୃତ୍ୱ ସଂଖ୍ୟା। ସରକାରୀ ତଥ୍ୟ ଏତିକି ହୋଇଥିବା ବେଳେ ବେସରକାରୀ ତଥ୍ୟ ଏହାଠୁ ଯଥେଷ୍ଟ ଅଧିକ ବୋଲି କୁହାଯାଉଛି। ୨୦୧୯-୨୦ରେ ୩୪ଟି କୁମାରୀ ମାତୃତ୍ୱ ଘଟଣା ସାମ୍ନାକୁ ଆସିଥିବା ବେଳେ ୨୦୨୦-୨୧ରେ ଏହି ସଂଖ୍ୟା ଥିଲା ୧୫୩। ସେହିଭଳି ୨୦୨୧-୨୨ରେ ୧୯୨, ୨୦୨୨-୨୩ରେ ୧୯୭ ଓ ୨୦୨୩-୨୪ରେ ୨୯୫ କୁମାରୀ ମାତୃତ୍ୱ ଘଟଣା ରେକର୍ଡ ହୋଇଥିବା ସରକାରୀ ତଥ୍ୟ ରହିଛି। ୨୦୨୪-୨୫ରେ ଏହି ସଂଖ୍ୟା ଯଥେଷ୍ଟ ବଢ଼ିବା ଆକଳନ କରାଯାଉଛି। ଯେତେବେଳେ ମମତା ଯୋଜନାରେ ସାମିଲ ହେବା ପାଇଁ ଗର୍ଭବତୀମାନେ ଆସିଲେ ସେତେବେଳେ ପରିଚୟପତ୍ରରେ ଉଲ୍ଲେଖ ଥିବା ବୟସରୁ ଏ କଥା ସାମ୍ନାକୁ ଆସିଥିଲା। ଏହି ଯୁବତୀମାନଙ୍କ ବିବାହ ବୟସ ୧୮ ବର୍ଷରୁ କମ୍ ରହିଥିଲା। ତେଣୁ ନିୟମ ଅନୁସାରେ ମମତା ଯୋଜନାରେ ସେମାନଙ୍କୁ ସାମିଲ କରା ନ ଯିବା ସହ କୁମାରୀ ମାତୃତ୍ୱ ଭାବେ ବିବେଚନା କରାଯାଇଥିଲା। ଏହି ଗର୍ଭବତୀମାନେ ସରକାରୀ ହସ୍ପିଟାଲକୁ ଆସିବା ପରେ ଏ କଥା ସାମ୍ନାକୁ ଆସିଥିଲା। କିନ୍ତୁ ଘରୋଇ ହସ୍ପିଟାଲ୍ ଓ କ୍ଲିନିକ୍‌ରେ ଏମାନଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ହେବ ବୋଲି କୁହାଯାଉଛି। ଘରୋଇ ହସ୍ପିଟାଲ୍ କିମ୍ବା କ୍ଲିନିକ୍ ତଥ୍ୟ ମଧ୍ୟ ଯାଞ୍ଚ କରାଯାଉ ନାହିଁ। ଯାହାଫଳରେ ପ୍ରକୃତ ତଥ୍ୟ ଜଣାପଡୁ ନାହିଁ। କୁମାରୀ ମାତୃତ୍ୱ ପଛରେ ପ୍ରେମ, ପ୍ରତାରଣା, ପଳାୟନ ଓ ବାଲ୍ୟ ବିବାହ ଭଳି ଘଟଣାକୁ ଦାୟୀ କରାଯାଉଛି। ୨୦୨୨ରେ ପ୍ରଶାସନ ପକ୍ଷରୁ ୧୨ଟି ଓ ୨୦୨୩ରେ ୧୬ଟି ବାଲ୍ୟ ବିବାହକୁ ରୋକା ଯାଇଥିଲା। ପ୍ରେମ ପଳାୟନ, ବାଲ୍ୟ ବିବାହକୁ ରୋକିବା ଓ ସଚେତନତା ସୃଷ୍ଟି କରିବା ପାଇଁ ପ୍ରଶାସନ ପକ୍ଷରୁ ଇତିମଧ୍ୟରେ ପଦକ୍ଷେପ ନିଆଯାଇଛି। ହାଇସ୍କୁଲ, କଲେଜରେ ଏ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଉଛି। ମନ୍ଦିର, ଧର୍ମାନୁଷ୍ଠାନରେ ମଧ୍ୟ ସଚେତନତା ବାର୍ତ୍ତା ପୋଷ୍ଟର ମାଧ୍ୟମରେ ଲଗାଯାଇଛି।

### ଧାନ ସଂଗ୍ରହ ବ୍ୟବସ୍ଥାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
## ଚାଷୀଙ୍କ ଅଭିଯୋଗ ଶୁଣ, ଦଲାଲଙ୍କ ଉପରେ ନଜର ରଖ

ଭୁବନେଶ୍ୱର, ୧୩/୧୨: ବର୍ତ୍ତମାନ ସୁଦ୍ଧା ୯ଟି ଜିଲ୍ଲା ବରଗଡ଼, ନୂଆପଡ଼ା, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ଝାରସୁଗୁଡ଼ା, ନବରଙ୍ଗପୁର, ସୁବର୍ଣ୍ଣପୁର ଓ କୋରାପୁଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଧାନ କିଣା ପ୍ରକ୍ରିୟା ଚାଲିଥିବାବେଳେ ବିଭିନ୍ନ ସ୍ଥାନରେ ଅବ୍ୟବସ୍ଥା ନେଇ ଅଭିଯୋଗ ଆସୁଛି। ଏପରିକି ଚାଷୀ ମଣ୍ଡିରେ ଠିକ୍ ଭାବେ ଧାନ ବିକ୍ରି କରିପାରୁ ନ ଥିବାରୁ ଦଲାଲ୍‌ଙ୍କୁ ଧାନ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏହାକୁ ନଜରରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଧାନ ସଂଗ୍ରହ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବାବେଳେ କହିଛନ୍ତି ଯେ ଚାଷୀମାନଙ୍କ ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଉ। ସବୁ ଜିଲ୍ଲାରେ ମଣ୍ଡିରେ ନୋଡାଲ୍ ଅଫିସର ଓ ମଣ୍ଡି ସୁପରଭାଇଜର ଅଛନ୍ତି। ସେମାନେ ଚାଷୀଙ୍କର ଅଭିଯୋଗକୁ ଶୁଣି ତା'ର ସମାଧାନ କଲେ ବ୍ୟବସ୍ଥା ଉପରେ ଭରସା ବଢ଼ିବ। ଏହାସହିତ ଦଲାଲମାନେ ଯେପରି କୌଣସି ପରିସ୍ଥିତିରେ ଚାଷୀଙ୍କ ଫାଇଦା ନ ଉଠାଇ ପାରିବେ, ସେଥିପାଇଁ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଉ। ଏହାସହ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୋସାଇଟି ସ୍ତରୀୟ ଧାନ କିଣା କମିଟିଗୁଡ଼ିକୁ ଆହୁରି ସକ୍ରିୟ କରାଯାଉ। ଚାଷୀଙ୍କୁ ଅଧିକ ସଚେତନ କରିବା ଓ ସେମାନଙ୍କ ପାଇଁ ସବୁ ପ୍ରକାର ସୁବିଧାର ବ୍ୟବସ୍ଥା କରାଯାଉ। କଳାହାଣ୍ଡି ଜିଲ୍ଲାରେ ଚାଷୀମାନଙ୍କ ପାଇଁ ମଣ୍ଡି ନିକଟରେ କ୍ୟାଣ୍ଟିନ୍, ପାନୀୟ ଜଳ ଓ ଟଏଲେଟ୍‌ର ବ୍ୟବସ୍ଥା କରାଯାଇଛି। ଅନ୍ୟ ଜିଲ୍ଲାଗୁଡ଼ିକ ମଧ୍ୟ ସେହିପରି ବ୍ୟବସ୍ଥାକୁ ନିଜ ଜିଲ୍ଲାରେ କାର୍ଯ୍ୟକାରୀ କରନ୍ତୁ। ବରଗଡ଼ରେ ମଣ୍ଡିରେ ଧାନ ସଂଗ୍ରହର ସୁନ୍ଦର ମନିଟରିଂ ବ୍ୟବସ୍ଥା କରାଯାଇଛି। କେନ୍ଦ୍ରୀୟ କଣ୍ଟ୍ରୋଲ ରୁମ୍‌କୁ ଧାନକିଣାର ଲାଇଭ୍ ଫିଡ୍ ମଧ୍ୟ ଆସୁଛି। ଏପରି ବ୍ୟବସ୍ଥାକୁ ଅନ୍ୟ ସମସ୍ତ ଜିଲ୍ଲା ଭଲ ଭାବେ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।ସିଏମ୍ କିଷାନ ସହିତ



୮୦୦ ଟଙ୍କା ଇନ୍‌ପୁଟ ସହାୟତାରେ ଧାନ କିଣା ବ୍ୟବସ୍ଥା ଚାଷୀଙ୍କ ସଶକ୍ତୀକରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଦ୍ୱାରା ୧୭ ଲକ୍ଷରୁ ଅଧିକ ଚାଷୀ ଲାଭବାନ ହୋଇପାରିବେ। ତେଣୁ ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ଦକ୍ଷତାର ସହ, ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। କୌଣସି ପରିସ୍ଥିତିରେ ଚାଷୀମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ତାହା ଉପରେ ଧ୍ୟାନ ଦେବାକୁ ହେବ। ବୈଠକରେ ଟୋକନ୍ ବ୍ୟବସ୍ଥା, ଟ୍ୟାଗିଙ୍ଗ୍ ବ୍ୟବସ୍ଥା, ମିଲରମାନଙ୍କ ସହଯୋଗ ଏବଂ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଭର୍ଚୁଆଲ ମୋଡ଼ରେ ଯୋଗଦେଇ ଧାନ ସଂଗ୍ରହ ବ୍ୟବସ୍ଥା ଉପରେ ସୂଚନା ଦେଇଥିଲେ। ଆଲୋଚନାରୁ ଜଣାପଡ଼ିଛି ଯେ ୯ଟି ଜିଲ୍ଲାର ୩୭,୦୭୯ ଜଣ ଚାଷୀ ୧,୮୧,୧୯୬ ମେଟ୍ରିକ ଟନ୍ ଧାନ ବିକ୍ରି କରିଛନ୍ତି। ଏହି ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଭାବେ ୩୨୩.୭୩ କୋଟି ଓ ଇନ୍‌ପୁଟ୍ ସହାୟତା ଭାବେ ୧୧୨.୬୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆଉ ୪୮ ଘଣ୍ଟା ମଧ୍ୟରେ ୯୩ କୋଟି ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଓ ୩୨.୩୫ କୋଟି ଟଙ୍କା ଇନ୍‌ପୁଟ୍ ସହାୟତା ପ୍ରଦାନ କରାଯିବ। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଉନ୍ନୟନ କମିସନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଡି.କେ ସିଂହ, ପୁଲିସ ଡିଜି ୱାଇ.ବି ଖୁରାନିଆ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଖାଉଟି କଲବଲ କାଗଜପତ୍ରରେ କମୁଛି ଦରଦାମ୍

ଭୁବନେଶ୍ୱର, ୧୩/୧୨: ଖସିଛି ମୁଦ୍ରାସ୍ଫୀତି। ନଭେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ୬% ତଳକୁ ହ୍ରାସ ଘଟିଛି। ଚଳିତବର୍ଷର ଅକ୍ଟୋବର ମାସରେ ଏହା ୧୪ ମାସରେ ସର୍ବାଧିକ ୬.୨୧ ପ୍ରତିଶତ ରହିଥିଲା। ନଭେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ରିପୋର୍ଟ ବଳରେ ଦେଶରେ ଦରଦାମ୍ କମିଥିବା ଇତିମଧ୍ୟରେ କେନ୍ଦ୍ର ସରକାର କହିବା ଆରମ୍ଭ କରିଦେଇଛନ୍ତି। ବାସ୍ତବରେ କହିବାକୁ ଗଲେ କାଗଜପତ୍ରରେ କମିଛି ଦରଦାମ୍। ଏବେ ବି ଦେଶରେ ଅନେକ ଅତ୍ୟାବଶ୍ୟକ ସାମଗ୍ରୀର ଦର ଢ଼େର ଉଚ୍ଚରେ ରହିଛି। ନଭେମ୍ବରରେ ଖାଦ୍ୟ ସାମଗ୍ରୀ ମୂଲ୍ୟରେ ହ୍ରାସ ଯୋଗୁ ମୁଦ୍ରାସ୍ଫୀତିରେ ଏହି ହ୍ରାସ ହୋଇଥିବା ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନଏସଓ) ଦ୍ୱାରା ଗୁରୁବାର ଜାରି ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ତଥ୍ୟ ଅନୁସାରେ ନଭେମ୍ବର ମାସରେ ଖାଦ୍ୟ ସାମଗ୍ରୀ ମୂଲ୍ୟରେ ହ୍ରାସ ହୋଇଛି। ଏହା ନଭେମ୍ବର ମାସରେ ୯.୦୪ ପ୍ରତିଶତକୁ ଆସିଛି, ଯାହା ଅକ୍ଟୋବରରେ ୧୦.୮୭ ପ୍ରତିଶତ ରହିଥିଲା। ତଥ୍ୟ ଅନୁସାରେ ନଭେମ୍ବର ୨୦୨୪ରେ ପନିପରିବା ମୂଲ୍ୟରେ ହ୍ରାସ ହୋଇ ୨୯.୩୩ ପ୍ରତିଶତରେ ପହଞ୍ଚିଛି। ଏହା ଅକ୍ଟୋବର ମାସରେ ୪୨.୧୮ ପ୍ରତିଶତ ରହିଥିଲା। ଦେଶରେ କ୍ରମାଗତ ଭାବେ ଖାଉଟିଙ୍କ ଉପରେ ମହଙ୍ଗା ମାଡ଼ ଜୋରଦାର ହେବାରେ ଲାଗିଛି। ପେଟ୍ରୋଲ, ଡିଜେଲ ସହିତ ରନ୍ଧନ ଗ୍ୟାସ୍, ଖାଇବା ତେଲ, ଚିନି, ସୋରିଷ ତେଲ ଚାଉଳଠାରୁ ଅଟା ପର୍ଯ୍ୟନ୍ତ ସବୁର ଦର ବେଲଗାମ୍। ଏବେ ବି ଦେଶରେ ଘରୋଇ ଏଲ୍?ପିଜି ସିଲିଣ୍ଡର ଦର ୮୦୦ ଟଙ୍କା ଉପରେ ରହିଛି। ଅପରପକ୍ଷେ ପେଟ୍ରୋଲ ମୂଲ୍ୟ ଶହେ ଟଙ୍କା ଉପରେ ରହିଛି। ବିଶେଷକରି ପେଟ୍ରୋଲ,ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ମୂଲ୍ୟରେ ବୃଦ୍ଧି ଯୋଗୁ ଦେଶରେ ମୁଦ୍ରାସ୍ଫୀତି ଖୁବ୍? ଉପରେ ରହିଛି। ନଭେମ୍ବରରେ ଯଦି ବା ମୁଦ୍ରାସ୍ଫୀତି ଭାରତୀୟ ରିଜର୍ଭ ବ୍ୟାଙ୍କର ଧାର୍ଯ୍ୟ ସୀମା ୬ ପ୍ରତିଶତ ମଧ୍ୟରେ ରହିଛି ତଥାପି ଏହା କେନ୍ଦ୍ରୀୟ ବ୍ୟାଙ୍କର ସହନଶୀଳ ସୀମା ୪% ଉପରେ। ଯାହାଫଳରେ ସାଧାରଣ ଖାଉଟିଙ୍କ ହାଣ୍ଡିଶାଳ ଉପରୁ ଚାପ କୌଣସି ମାତ୍ରାରେ ବି କମିନାହିଁ। ମୁଦ୍ରାସ୍ଫୀତି ଦୀର୍ଘ ଦିନ ହେବ ୬ ପ୍ରତିଶତ ଉପରେ ରହିବା ଫଳରେ ଗୃହଠାରୁ ଆରମ୍ଭ କରି ଶିକ୍ଷା ଏବଂ ଅଟୋ ସମେତ ସମସ୍ତ ପ୍ରକାର ଋଣ ମହଙ୍ଗା ହୋଇଛି। ଉଚ୍ଚ ମୁଦ୍ରାସ୍ଫୀତି ଯୋଗୁ ରିଜର୍ଭ ବ୍ୟାଙ୍କ ରେପୋ ହାରରେ କ୍ରମାଗତ ଭାବେ ବୃଦ୍ଧି ଘଟାଇବା ପରେ ଏବେ ଏଥିରେ ହ୍ରାସ ଘଟାଇବାକୁ ବାଟ ଖୋଜୁଛି। ନିକଟରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଲିଟର ପିଛା ୫ ପଇସା କରି ବୃଦ୍ଧି ହୋଇଥିଲା। ଏହି ପଦକ୍ଷେପ ନିଶ୍ଚିତ ଭାବେ ମୁଦ୍ରାସ୍ଫୀତିକୁ ବୃଦ୍ଧି ଘଟାଇବ। ଭବିଷ୍ୟତରେ ଖାଉଟି ମୁଦ୍ରାସ୍ଫୀତି ଜନିତ ଚାପରୁ ମୁକ୍ତି ପାଇବା ସମ୍ଭାବନା କମ୍। ଚଳିତବର୍ଷ ଅଧିକାଂଶ ସମୟରେ ଆରବିଆଇ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ନିୟୋଜିତ ଥିଲା। ବର୍ତ୍ତମାନ ଗ୍ରାହକଙ୍କୁ ସୁଧ ହାର ପାଇଁ ରିଜର୍ଭ ବ୍ୟାଙ୍କର ଫେବୃଆରୀ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକର ନିଷ୍ପତ୍ତିକୁ ଅପେକ୍ଷା କରିବାକୁ ପଡିବ। ରିଜର୍ଭ ବ୍ୟାଙ୍କର ନୂଆ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ପଦକ୍ଷେପକୁ ସମସ୍ତଙ୍କର ଅପେକ୍ଷା। ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୧୪ ମାସର ଶୀର୍ଷ ସ୍ତର ୬.୨୧ ପ୍ରତିଶତକୁ ପହଞ୍ଚି ଯାଇଥିଲା। ଏହା ପୂର୍ବରୁ ସେପ୍ଟେମ୍ବର ମାସରେ ମଧ୍ୟ ମୁଦ୍ରାସ୍ଫିତି ୫.୪୯ ପ୍ରତିଶତ ଥିଲା। ସେହି ଅନୁସାରେ ଦେଖିଲେ ସେପ୍ଟେମ୍ବର ମାସ ତୁଳନାରେ ନଭେମ୍ବର ମାସରେ ମୁଦ୍ରାସ୍ଫିତି ୦.୦୧ ପ୍ରତିଶତ କମିଛି। ନଭେମ୍ବରରେ ହ୍ରାସ ସତ୍ତ୍ୱେ ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ୩ ମାସ ହେବ ୫ ପ୍ରତିଶତ ଉପରେ ରହୁଛି, ଯାହା ଆରବିଆଇଙ୍କ ନିର୍ଦ୍ଧାରିତ ଅନୁମାନ ୪.୮ ପ୍ରତିଶତରୁ ଢେର ଉପରେ ରହୁଛି। ଏଣୁ ନଭେମ୍ବର ମାସରେ ମୁଦ୍ରାସ୍ଫୀତିରେ ଏହି ହ୍ରାସକୁ ବଡ଼ ଆଶ୍ୱସ୍ତି ଭାବେ ଦେଖାଯାଇ ନ ପାରେ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। କାରଣ ଚଳିତ ଆର୍ଥିକ ବର୍ଷ ନିମନ୍ତେ ଆରବିଆଇ ମୁଦ୍ରାସ୍ଫୀତି ଲକ୍ଷ୍ୟକୁ ୪.୫ରୁ ବଢାଇ ୪.୮ ପ୍ରତିଶତ କରିଦେଇଛି। ସେହିପରି ଖାଦ୍ୟ ମୂଲ୍ୟର ଚାପ ଡିସେମ୍ବର ତ୍ରୈମାସିକରେ ଖୁଚୁରା ମୁଦ୍ରାସ୍ଫିତିକୁ ଉଚ୍ଚତମ ସ୍ତରରେ ରଖିବ ବୋଲି ଆଶଙ୍କା କରାଯାଉଛି।

## ଯାଜପୁର ଜିଲ୍ଲା ହାଇସ୍କୁଲ ପରିସରରେ ଗୀତାଜୟନ୍ତୀ ପାଳିତ

ଯାଜପୁର:୧୩/୧୨ ():ଯାଜପୁର ଜିଲ୍ଲା ହାଇସ୍କଲ ପରିସରରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି । ହାଇସ୍କୁଲର ପ୍ରାକ୍ତନ ସଂସ୍କୃତି ଶିକ୍ଷକ ବିଜୟଭୂଷଣ ନନ୍ଦଙ୍କ ସଂଯୋଜନାରେ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଆଲୋକ କୁମାର ବନ୍ଧ ଏହାର ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ପଣ୍ଡିତ ଭୂପତିଭୂଷଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣିଷ ଜୀବନରେ ଗୀତା ପାଠ କରିବା ନିତ୍ୟାନ୍ତ ଜରୁରୀ ଯାହାଦ୍ୱାରା ଜୀବନର ଗତି ଏବଂ ପ୍ରବୃତିକୁ ବଦଳାଇବା ସହିତ ମଣିଷ ଜୀବନର ସମସ୍ତ ପ୍ରକାର ସମସ୍ୟାକୁ ସମାଧାନ କରିଥାଏ । ଏଣୁ ସମସ୍ତ ଛାତ୍ରୀ ଛାତ୍ରୀ ହୁଅନ୍ତୁ ବା ଜନସମାଜ ହୁଅନ୍ତୁ ସମସ୍ତେ ଗୀତା ପାଠ କରିବା ଜରୁରୀ ବୋଲି କହିଥିଲେ । ଅନ୍ୟଅତିଥିମାନଙ୍କ ମଧ୍ୟରେ ସମାଜସେବୀ ନାରାୟଣ ଚନ୍ଦ୍ର ସାମନ୍ତ, ଅନନ୍ୟାର ସଭାପତି ସନ୍ତୋଷ ନନ୍ଦ, ଶିକ୍ଷକ ଗଣ ସୌମ୍ୟରଂଜନ ମହାପାତ୍ର, ରାଧାରମଣ ମହାରଣା, ବାସୁଦେବ ସେନାପତି, ନିବେଦିତା ସାମଲ, ଜୈରୁଦ୍ଦିନ ଖାନ୍, ସୌମ୍ୟରଂଜନ ନାୟକ, ସମାଜସେବୀ ସୁବାସ ମହାପାତ୍ର ପ୍ରଭୃତି ଯୋଗଦେି ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ିବା ସହିତ ଗୀତା ଅଧ୍ୟୟନର ଉପକାରିତା ଉପରେ ଆଲୋକପାତ କରିଥିଲେ । ଇତି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗୀତା ପାଠ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ୧୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## ୧୪ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମେଳା ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି

ଯାଜପୁର:୧୩/୧୨ ():୧୪ତମ ରାଜ୍ୟସ୍ତରୀୟ ପୁସ୍ତକ ମେଳା ନିମନ୍ତେ ପ୍ରସ୍ତୁତି ଶେଷ ହୋଇଛି । ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ ନନ୍ଦଙ୍କ ଅଧ୍ୟକ୍ଷତାରେ ଯାଜପୁର ଜିଲ୍ଲା ହାଇସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଯାଜପୁର ସ୍ଥିତ କୁସୁମା ପଡ଼ିଆ ଠାରେ ଚଳିତ ମାସ ଡିସେମ୍ବର ୨୩ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦ ଓ ଅନନ୍ୟା ସାହିତ୍ୟ ସଂସଦ ଉଭୟଙ୍କ ଆୟୋଜକତ୍ୱରେ ଏହି ପୁସ୍ତକ ମେଳା ଅନୁଷ୍ଠିତ ହେବ । ଉକ୍ତ ସଭାରେ ବିଶିଷ୍ଟ ଅତିଥି ମାନଙ୍କୁ ଅମନ୍ତ୍ରଣ କରାଯିବା ସହ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଗଲା । ପ୍ରଶାସନିକ ସ୍ତରରେ ସମସ୍ତ ପ୍ରକାରର ଆୟୋଜନ କରାଯାଇଥିବାର ସୂଚନା ମିଳିଛି । ବରିଷ୍ଠ ନାଗରିକ ବୃନ୍ଦ, ଛାତ୍ର, ଶିକ୍ଷକ, ଅଧ୍ୟାପକ, ଅଧ୍ୟାପିକା, ସ୍କୁଲ, କଲେଜର ସମସ୍ତ ଛାତ୍ରଛାତ୍ରୀ ବୁଦ୍ଧିଜୀବୀଙ୍କର ସହଯୋଗ କାମନା କରାଯାଇଥିଲା । ଅନନ୍ୟାର ସମ୍ପାଦକ ଡଃ କାହ୍ନୁ ଚରଣ ମିଶ୍ର ପୁସ୍ତକ ମେଳାର ପ୍ରସ୍ତୁତି ବିଷୟରେ ସମସ୍ତଙ୍କୁ ସୂଚନା ଦେଇଥିଲେ । ଉକ୍ତ ଆଲୋଚନାରେ ଉପସଭାପତି ବିଭୂତିଭୂଷଣ ମହାପାତ୍ର, ଉପଦେଷ୍ଟା ଉଦୟ ନାରାୟଣ ପରିଡ଼ା, ଅଧ୍ୟକ୍ଷ ଅନିଲ କୁମାର ମହାନ୍ତି, ହରିଶ୍ଚନ୍ଦ୍ର ପଣ୍ଡା, ହୃଷିକେଶ ପତି, ଅଶୋକ କୁମାର ଦାସ, ଉମାକାନ୍ତ ସାମଲ, ବିଷ୍ଣୁ ଚରଣ ବେହେରା, ଡଃ ବି ଉପସ୍ଥିତ ଥିଲେ।

## ଯାଜପୁର ଜିଲ୍ଲା ଇନଡୋର ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ପାଳିତ

ଯାଜପୁର, ତା ୧୩.୧୨.୨୦୨୪ ରିଖ : ଯାଜପୁର ଜିଲ୍ଲା ପ୍ରଶାସନ ଏବଂଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ, ଯାଜପୁର ଓ ଜିଲ୍ଲା ସ୍କୁଲ୍ ଦୁଇଟି ସ୍ଥାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଲୋକ ନୃତ୍ୟ, ଲୋକ ଗୀତ, ଔପଚାରିକ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ ଇତ୍ୟାଦି ବିଭାଗ ଗୁଡ଼ିକରେ ପ୍ରତିଯୋଗିତା ସମ୍ପନ୍ନ ହୋଇଅଛି। ଏହି ଯୁବ ଉତ୍ସବରେ ଜିଲ୍ଲାର ୧୫ ରୁ ୨୯ ବର୍ଷୀୟ ଯୁବକ ଯୁବତୀମାନେ ଅଂଶ ଗ୍ରହଣ କରିଥିଲେ। ଦିବା ୧୦ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲା କ୍ରୀଡା ଅଧିକାରୀ, ଶ୍ରୀ ଫକୀର ମୋହନ ଟୁଡୁ, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଯୁବ ଉତ୍ସବ ଉଦଘାଟିତ ହୋଇଥିଲା ।ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶୁଭେନ୍ଦ୍ର କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯୁବ ଶକ୍ତି ହେଲେ ଦେଶର ଭବିଷ୍ୟତ। ଯୁବଉତ୍ସବ ମାଧ୍ୟମରେ ଯୁବକ ଯୁବତୀମାନଙ୍କର ପ୍ରତିଭାର ବିକଶିତ ହୋଇପାରିବ।



## ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ

ନବରଙ୍ଗପୁର:୧୩/୧୨ (ନି.ପ୍ର): ସ୍ଥାନୀୟ ପୋଲିସ ପଡିଆ ଠାରେ ଆଜି କୃଷି ଓ କୃଷକ ସଶକ୍ତି କରଣ ବିଭାଗ, ନବରଙ୍ଗପୁର ପକ୍ଷରୁ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଯୋଗ ଦେଇ ମେଳାର ଉଦ୍ଘାଟନ କରିଥିଲେ। ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପି.ଭି. ରମଣ, ଏଡିଏଓ(ପାପଡାହାଣ୍ଡି) ବିଶ୍ୱଜିତ ସାହୁ, ଏଡିଏଓ (ନବରଙ୍ଗପୁର) ଅନୀଲ ପ୍ରହରାଜ, ସହକାରି ଯନ୍ତ୍ରୀ ଗୌରହରି ସାହୁ ମଞ୍ଚାସିନ ଥିଲେ।ସଭାରେ ଯୋଜନା ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀ , ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା, ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି , ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ମହିଳା ଓ ପୁରୁଷ ଚାଷୀଙ୍କୁ ଅନୁମୋଦିତ ମୁଗ ଓ ବୁଟ ବିହନ ବଣ୍ଟନ କରାଯାଇଥିଲା। ୩ ଜଣ ଚାଷୀଙ୍କୁ ରିହାତି ଦରରେ ଟ୍ରାକ୍ଟର ପ୍ରଦାନ କରାଯାଇଥିଲା। ବିଭିନ୍ନ ଓୟୁଏଟି କଲେଜର ଗୁଣପୁର,ଭବାନୀପାଟଣା, ସୋଆ ଏବଂ ଭୁବନେଶ୍ୱର ରୁ ୩୦ ଜଣ ଛାତ୍ର ଛାତ୍ରୀ ଆସି ୩ ମାସ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଗାଁ ବୁଲି ଚାଷୀ ମାନଙ୍କୁ ଉନ୍ନତ ଚାଷ ପ୍ରଣାଳୀ ସମ୍ପର୍କରେ ବୁଝାଇଥିଲେ ଓ ସେମାନଙ୍କୁ ମୁଖ୍ୟ ଅତିଥି ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ମେଳାରେ ୫୪ଟି ଷ୍ଟଲ ସ୍ଥାପନ କରାଯାଇଥିଲା ସେଥିମଧ୍ୟରୁ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ ଓ ଜଳ ବିଭାଜିକା, ମିଲଟ ମିଶନର ୧୯ଟି ଷ୍ଟଲ ରହିଥିଲା ଏବଂ ୩୬ଟି ବ୍ୟବସାୟିକ କୃଷି ଯନ୍ତ୍ରପାତି , ଟ୍ରାକ୍ଟର ଷ୍ଟଲ ରହିଥିଲା। ଉକ୍ତ ମେଳାରେ ନବରଙ୍ଗପୁର ଜିଲ୍ଲାର ଚାଷୀ ଭାଇ ଭଉଣୀ ଙ୍କ କୃଷି କାର୍ଯ୍ୟ ନିମନ୍ତେ ସମସ୍ତ ପ୍ରକାର କୃଷି ଯନ୍ତ୍ରପାତି ସରକାରୀ ରିହାତି ମୂଲ୍ୟରେ ଯୋଗାଇ ଦିଆଯିବ। ଏଥି ପାଇଁ ଉକ୍ତ ମେଳାରେ କୃଷି ଯନ୍ତ୍ରପାତି ଉତ୍ପାଦନ କାରୀ, ବିତରକ, ଋଣ ପ୍ରଦାନକାରି ସଂସ୍ଥା ଓ ବିଭାଗୀୟ କର୍ମଚାରୀଙ୍କ ସମନ୍ୱୟରେ ଚାଷୀ ମାନଙ୍କୁ ଯନ୍ତ୍ରପାତିର ଆବଶ୍ୟକତା ଓ ବ୍ୟବହର, ରକ୍ଷଣା ବେକ୍ଷଣ, ସରକାରୀ ରିହାତି ସମ୍ପର୍କରେ ତାଲିମ ଦେଇ ସଚେତନ କରାଯିବ। ଏହି ଅବସରରେ କୃଷି ଯନ୍ତ୍ରପାତି ର ବ୍ୟବହାର ଓ ରିହାତି ଉପରେ ଏକ ସଚେତନତା ଶୋଭାଯାତ୍ରା ଚାଉଁରିଆଗୁଡା ଠାରୁ ପୋଲିସ ପଡିଆ ପର୍ଯ୍ୟନ୍ତ ଅନେକ ସୁସଜ୍ଜିତ ଟ୍ରାକ୍ଟର ଓ ଚାଷୀ ଭାଇ ଭଉଣୀ ଙ୍କ ଗ୍ରହଣରେ ଅନୁଷ୍ଠିତ ହୋଇଥିଲା।

# ବିନା ଶିକ୍ଷକ ନିଯୁକ୍ତିରେ ସ୍କୁଲ ଅପଗ୍ରେଡେସନ୍

## ୫ ବର୍ଷ ହେବ ନାହାନ୍ତି ଶିକ୍ଷକ, ଦଶମ ଫଳାଫଳକୁ ନେଇ ଆଶଙ୍କାରେ ଅଭିଭାବକ

ନବରଙ୍ଗପୁର:(ତା ୧୩/୧୨)(ନି.ପ୍ର): ବିନା ଶିକ୍ଷକ ନିଯୁକ୍ତିରେ ଝରିଗାଁ ବ୍ଲକର ୩ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ମାନ୍ୟତା ଦିଆଯାଇଛି। କିନ୍ତୁ ୫ବର୍ଷ ପରେ ମଧ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ନିମନ୍ତେ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇନି। ଏଭଳି ପରିସ୍ଥିତିରେ ଦଶମ ଶ୍ରେଣୀ ପରୀକ୍ଷାକୁ ନେଇ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ତାରାକନାଡି, ମଙ୍ଗରଚଚରା ଏବଂ ଇଚ୍ଛାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷା ବିଭାଗ ପକ୍ଷରୁ ୨୦୧୯-୨୦ ଶିକ୍ଷାବର୍ଷରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ମାନ୍ୟତା ଦିଆଯାଇଥିଲା। ଏହାପରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ପର୍ଯ୍ୟାୟକ୍ରମେ ଏହି ୩ଟି ବିଦ୍ୟା?ଳୟରେ ନାମ ଲେଖାଇଥିଲେ। କିନ୍ତୁ ଶିକ୍ଷା ବିଭାଗ ପକ୍ଷରୁ ଏହି ୩ଟି ବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ କେ?ଣସି ଶିକ୍ଷକଙ୍କୁ ନିଯୁକ୍ତ କରାଯାଇନି। ତେଣୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପଢ଼ାଉଛନ୍ତି। ଦୁଇ ମାସ ପରେ ମାଟ୍ରିକ ବୋର୍ଡ ପରୀକ୍ଷା ଥିବା ବେଳେ ତାରାକନାଡ଼ି ଉନ୍ନୀତ ଉଚ୍ଚବିଦ୍ୟାଳୟର ୪୨ ଜଣ, ମଙ୍ଗରଚଚରା ଉନ୍ନୀତ ଉଚ୍ଚବିଦ୍ୟାଳୟର ୪୭ ଜଣ ଏବଂ ଇଚ୍ଛାପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୩୦ ଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳକୁ ନେଇ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି। ଏହି ୩ଟି ବିଦ୍ୟାଳୟକୁ ୨୦୨୩-୨୪ ଶିକ୍ଷାବର୍ଷରେ ୫-ଟି ମାନ୍ୟତା ଦିଆଯାଇଥିଲା। କିନ୍ତୁ ୫-ଟି ଅଧୀନସ୍ଥ ନୂତନ ବିଦ୍ୟାଳୟ କାମ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିଥିବାରୁ ପ୍ରଥମରୁ



ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଦୟନୀୟ ଅବସ୍ଥାରେ ପଢୁଛନ୍ତି। ତାରାକନାଡ଼ି ଉନ୍ନୀତ ଉଚ୍ଚବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ୩୪୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୦ ଜଣ ଛାତ୍ର ହଷ୍ଟେଲରେ ରହୁଛନ୍ତି। ବିଦ୍ୟାଳୟର ୮ଟି ଶ୍ରେଣୀଗୃହ ମଧ୍ୟରୁ ୨ଟି ଆଜବେଷ୍ଟସ୍ ଶ୍ରେଣୀଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଅନ୍ୟ ୬ଟି ଶେଣୀଗୃହ ମଧ୍ୟରୁ ୩ଟି ଗୃହର ଝରକା ଭଙ୍ଗାରୁଜା ଅବସ୍ଥାରେ ରହିଛି। ଅନ୍ୟପଟେ ନୂତନ ହଷ୍ଟେଲ କୋଠା ନିର୍ମାଣ ପାଇଁ ମାସେ ତଳେ ପୁରୁଣା ହଷ୍ଟେଲକୁ ଭାଙ୍ଗି ଦିଆଯାଇଛି। ଫଳରେ ଦିନରେ ଶ୍ରେଣୀଗୃହରେ ପାଠପଢ଼ା ହେଉଥିବା ବେଳେ ରାତିରେ ହଷ୍ଟେଲ ଚାଲିଛି। ବିଦ୍ୟାଳୟର ୮ଟି ଶୌଚାଳୟ ମଧ୍ୟରୁ ୬ଟି ଭାଙ୍ଗି ଦିଆଯାଇଛି। ଫଳରେ ଦୁଇଟି ଶୌଚାଳୟ ଉପରେ ସମସ୍ତ ଛାତ୍ରଛାତ୍ରୀ ନିର୍ଭର କରୁଛନ୍ତି। ବିଦ୍ୟାଳୟ ଚାରିପଟେ ପାଚେରି ନଥିବାରୁ ଛାତ୍ରଛାତ୍ରୀ ଅସୁରକ୍ଷିତ ମଣୁଛନ୍ତି। ସେହିପରି ମଙ୍ଗରାଚଚରା ଉନ୍ନୀତ ଉଚ୍ଚବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୧୦ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ମାତ୍ର ୭ଟି ଶ୍ରେଣୀଗୃହ ରହିଛି। କିନ୍ତୁ ବର୍ଷାଦିନେ ୩ଟି ଶ୍ରେଣୀଗୃହ ଛାତରୁ ପାଣି ଗଳୁଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ସେହିପରି ପାଚେରି ନଥିବାରୁ ସମସ୍ୟା ହେଉଛି। ଇଚ୍ଛାପୁର ଉନ୍ନୀତ ଉଚ୍ଚବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୮୭ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ମାତ୍ର ୪ଟି ଶ୍ରେଣୀଗୃହ ରହିଛି। ଫଳରେ ଛାତ୍ରଛାତ୍ରୀଙ୍କୁ ପଢ଼ାଇବା ସମୟରେ ସମସ୍ୟା ଦେଖାଦେଉଥିବା ବେଳେ ବିଦ୍ୟାଳୟ ଚାରିପଟେ ପାଚେରି ନିର୍ମାଣ ହୋଇନି। ତୁରନ୍ତ ଏହି ୩ଟି ବିଦ୍ୟାଳୟରେ ଚାଲିଥିବା ୫-ଟି କାମ ସଂପୂର୍ଣ୍ଣ କରିବା ସହିତ ଶିକ୍ଷକ ନିଯୁକ୍ତି ଓ ଅନ୍ୟ ସମସ୍ୟାର ସମାଧାନ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବାରିକପୁର ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ନିର୍ବାଚନ



ଭଦ୍ରକ , ୧୩/୧୨ (ନି.ପ୍ର):ବାରିକପୁର ବରିଷ୍ଠ ନାଗରିକ ମଞ୍ଚ ,ବାରିକପୁର ର ଏକ ସାଧାରଣ ବୈଠକ ଶ୍ରୀରାମ ମନ୍ଦିର ପରିସରରେ ଡ଼ ପୁରୁଷୋତ୍ତମ ଧଳ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହା ଧାମନଗର ଥାନା ଅଧିନସ୍ଥ ଜଳମଣ୍ଡୁଆ,ବିଷ୍ଣୁପୁର,ନିର୍ଗୁଣ୍ଡି ଓ ନଗୁଆଁ ଗ୍ରାମପଞ୍ଚାୟତକୁ ନେଇ ଗଠିତ । ଉକ୍ତ ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି । ସେମାନେ ହେଲେ ସର୍ବଶ୍ରୀ ଅକ୍ଷୟ କୁମାର ମହାନ୍ତି-ସଭାପତି ,ଡ଼ ପୁରୁଷୋତ୍ତମ ଧଳ -କାର୍ଯ୍ୟକାରୀ ସଭାପତି, ଡ଼ ନିରଞ୍ଜନ ଓଝା -ଉପ ସଭାପତି ,ଜଗନ୍ନାଥ ନାୟକ -ସମ୍ପାଦକ ,ଘନଶ୍ୟାମ ସ୍ୱାଇଁ- ସହ ସମ୍ପାଦକ ,ଖଗେଶ୍ୱର ସୁତାର -କୋଷାଧ୍ୟକ୍ଷ ,ଏତଦ ବ୍ୟତୀତ କାର୍ଯ୍ୟକାରୀ ସଭ୍ୟ ଭାରତ ଚନ୍ଦ୍ର ଦାସ, ଭାସ୍କର ଚନ୍ଦ୍ର ଦାସ ,ସୁରେନ୍ଦ୍ର ଦାସ ,କରୁଣାକର ବାରିକ, ପ୍ରଭାକର ମହାପାତ୍ର ଏବଂ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ସାହୁ ଓ ସନ୍ତୋଷ କୁମାର ସାହୁ ।

## ଜିଲ୍ଲା ରେଡ୍ କ୍ରସ ଶାଖାର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ

ବାଲେଶ୍ୱର୧୩/୧୨ (ନି.ପ୍ର):: ଜିଲ୍ଲା ରେଡ୍ କ୍ରସ ଶାଖା (ଡିଆରସିବି)ର ବାର୍ଷିକ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ସଦ୍ଭାବନା ସଭା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଡିଆରସିବିର ଅଧ୍ୟକ୍ଷ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମଣ୍ଡଳୀୟ ବନ ଅଧିକାରୀ ଖୁଶଓ୍ୱନ୍ତ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତଥା ଡିଆରସିବି ସଚିବ ସାଇ କୃଷ୍ଣ ଜେନା ପ୍ରମୁଖ ମଞ୍ଚାସୀନ ହୋଇ ଏହି ସଙ୍ଗଠନର କାର୍ଯ୍ୟଧାରା ଓ ଗୋଷ୍ଠୀ ପ୍ରଭାବକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ ପୂର୍ବକ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ ଓ ଉକ୍ତ ବୈଠକରେ ପରିଚାଳନା କମିଟିର ସଭାପତି, ଉପାଧ୍ୟକ୍ଷ ଓ କୋଷାଧ୍ୟକ୍ଷଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କୁ ଚୟନ କରାଯାଇଥିଲା। ଏଥି ସହିତ ଉପ-ସମିତିର ଅଧ୍ୟକ୍ଷମାନଙ୍କୁ ମଧ୍ୟ ଚୟନ କରାଯାଇଥିଲା ଓ ଏହି କ୍ରମେ ୨୦୦୮-୦୯ ମସିହାରୁ ବକେୟା ଥିବା ରାଜ୍ୟ ଅଂଶଧନର ୩୦ ପ୍ରତିଶତ ଅର୍ଥ ପ୍ରଦାନ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ନୂତନ କମିଟିକୁ ବାର୍ଷିକ କାର୍ଯ୍ୟ ଯୋଜନା ଓ ବଜେଟ୍ ପ୍ରସ୍ତୁତ କରିବାର ଦାୟିତ୍ୱ ଦିଆଯାଇଥିଲା। ଏହି ବୈଠକରେ ଡିଆରସିବି, ଓ୍ୱାଇଆରସି, ଜେଆରସି, ବିପର୍ଯ୍ୟୟ କମିଟି ଏବଂ ସ୍ୱାସ୍ଥ୍ୟ କମିଟି ମଧ୍ୟରେ ସମନ୍ୱୟ ବୈଠକ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା । ଯୁଗ୍ମ ସଚିବଙ୍କ ବକେୟା ଦରମା ପ୍ରଦାନ ଏବଂ ନୂଆ ସଚିବଙ୍କ ସମ୍ଭାବ୍ୟ ପଦୋନ୍ନତି କିମ୍ବା ନିଯୁକ୍ତିକୁ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଅନ୍ୟାନ୍ୟ ବିଷୟ ଗୁଡିକ ମଧ୍ୟରେ ଜିଲ୍ଲା ରେଡକ୍ରସ କାର୍ଯ୍ୟାଳୟର ପୃଥକ କାର୍ଯ୍ୟ ଓ କମ୍ପ୍ୟୁଟରୀକରଣ, ମାସିକ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବିର ପାଇଁ ଯୋଜନା, ରେଡକ୍ରସ ସମ୍ପତ୍ତି ପାଇଁ ଜବରଦଖଲ ଓ ଭଡା ସମ୍ପର୍କିତ ସମସ୍ୟାର ସମାଧାନ ଏବଂ ୧୨ ଗୋଟି ବହୁମୁଖୀ ରେଡକ୍ରସ ବାତ୍ୟା ଆଶ୍ରୟସ୍ଥଳୀର ମରାମତି ପାଇଁ ଅର୍ଥ ପ୍ରଦାନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉକ୍ତ ବାର୍ଷିକ ବୈଠକରେ ଆଲୋଚନା କରାଯାଇଥିବା ସମସ୍ତ ପ୍ରସଙ୍ଗର ସମୀକ୍ଷା, ପ୍ରମୁଖ ପ୍ରାଥମିକତା ଉପରେ ସାମଞ୍ଜସ୍ୟ ଏବଂ ଜିଲ୍ଲାରେ ରେଡକ୍ରସର ଉପସ୍ଥିତି ଏବଂ ପ୍ରଭାବକୁ ଆହୁରି ସୁଦୃଢ଼ କରିବା ଦିଗରେ ସମସ୍ତଙ୍କ ମିଳିତ ସହଯୋଗ ପାଇଁ ଜିଲ୍ଲାପାଳ ଶ୍ରୀ ବିକାଶ ଆଶା ପ୍ରକାଶ କରିଥିଲେ। ଏହି ବୈଠକରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

## ବଡ଼ନୀ ଗ୍ରାମରେ ସାମୁହିକ ଲକ୍ଷ୍ମୀପୂଜା ଅନୁଷ୍ଠିତ

ନବରଙ୍ଗପୁର , ୧୩/୧୨ (ନି.ପ୍ର):ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ପାଲିଆ ଗ୍ରାମ ପଂଚାୟତର ବଡ଼ନୀ ଗ୍ରାମଠାରେ ଚାଲିଥିବା ଲକ୍ଷ୍ମୀପୂଜା ଆଜି ସମାପିତ ହୋଇଯାଇଛି ।ଗ୍ରାମର ନୁଆଁପଡାର ସଧବା ମହିଳାମାନେ ଏକତ୍ରିତ ହୋଇ ସାମୁହିକ ଭାବେ ମହାଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି ।ଆଜକୁ ପାଞ୍ଚବର୍ଷ ପୂର୍ବେ ନୁଆଁପଡା ସାହିର ଗଉଡୁଣୀ ମହିଳାମାନେ ଏକତ୍ରିତ ହୋଇ ଏହି ପୂଜାକାର୍ଯ୍ୟଟି ସାମୁହିକ ଭାବେ କରି ମହାଲକ୍ଷ୍ମୀଙ୍କ ପୂଜା ଆରମ୍ଭ କରିଥିଲେ ।ସମ୍ପୂର୍ଣ୍ଣ ଭକ୍ତି ଓ ନିଷ୍ଠାର ସହ ପ୍ରତିବର୍ଷ ମାର୍ଗଶୀର ମାସରେ ମହିଳାମାନେ ଏକତ୍ରିତ ହୋଇ ସାମୁହିକ ପୂଜା କରି ଆସୁଛନ୍ତି ।ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଲଝରୀ ଗ୍ରାମର ତାରିଣୀ ସାଧକ ଜବରସିଂ ଗୌଡ଼ ମହିଳା ମାନଙ୍କୁ ବ୍ରତ ଦଉଡି ପ୍ରଦାନ କରିବା ସହ ପୂଜାକାର୍ଯ୍ୟ ସମାପନ କରିଛନ୍ତି ।ମଙ୍ଗଳବାର ଦିନ ସମସ୍ତ ମହିଳା ପୁଷ୍କରିଣୀରୁ ଜଳ ଆଣି କଳସ ସ୍ଥାପନ କରିବା ପରେ ଦୁଇଦିନ ଧରି ଲକ୍ଷ୍ମୀ ପୁରାଣ ଶୁଣିଥିଲେ ଓ ବ୍ରତର ନିତିନିୟମ ଅନୁସାରେ ବ୍ରତ ପାଳନ କରିଥିଲେ ।ଆଜି ଭୋର ସକାଳୁ ପୂଜକ ପାଣି ଛଡେଇବା ପରେ ସମସ୍ତେ ନିଜ ନିଜ ପୂଜା ସାମଗ୍ରୀ ଧରି ନିଜ ନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।ଶେଷଦିନରେ ସମସ୍ତେ ଏକତ୍ରିତ ହୋଇ ପ୍ରସାଦ ସେବନ କରିଥିଲେ ଓ ସାହିଲୋକଙ୍କୁ ମଧ୍ୟ ପ୍ରସାଦ ବାଣ୍ଟିଥିଲେ ।ସାହିର ସଇତ ଗୌଡ଼, ଚମ୍ପା ଗୌଡ଼, ନମିତା ଗୌଡ଼, ସପୁର ଗୌଡ଼, ପାଞ୍ଚ ଗୌଡ଼, ଜୟନ୍ତୀ ଗୌଡ଼, ଦୁତି ଗୌଡ଼,ସୁଭଦ୍ରା ଗୌଡ଼,ସୁମିତ୍ରା ଗୌଡ଼, ଖମେ ଗୌଡ଼, ଧନମତି ଗୌଡ଼, ଫୁଲମତି ଗୌଡ଼, ଦେବକୀ ଗୌଡ଼, ବୃନ୍ଦା ଗୌଡ଼ ଚନ୍ଦ୍ରିକା ଗୌଡ଼, ଚୁଡା ଗୌଡ଼, ବେଳ ଗୌଡ ଓ ଭାଗ୍ୟ ଗୌଡ଼ଙ୍କ ସମେତ ସମସ୍ତ ଗୌଡୁଣୀ ମହିଳା ମାନେ ଏହି ଲକ୍ଷ୍ମୀପୂଜାରେ ସାମିଲ ରହିଥିଲେ ।

## ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ

ନବରଙ୍ଗପୁର:(୧୩/୧୨/୨୦୨୪)ସ୍ଥାନୀୟ ପୋଲିସ ପଡିଆ ଠାରେ ଆଜି କୃଷି ଓ କୃଷକ ସଶକ୍ତି କରଣ ବିଭାଗ, ନବରଙ୍ଗପୁର ପକ୍ଷରୁ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଯୋଗ ଦେଇ ମେଳାର ଉଦ୍ଘାଟନ କରିଥିଲେ। ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପି.ଭି. ରମଣ, ଏଡିଏଓ(ପାପଡାହାଣ୍ଡି) ବିଶ୍ୱଜିତ ସାହୁ, ଏଡିଏଓ (ନବରଙ୍ଗପୁର) ଅନୀଲ ପ୍ରହରାଜ, ସହକାରି ଯନ୍ତ୍ରୀ ଗୌରହରି ସାହୁ ମଞ୍ଚାସିନ ଥିଲେ ।ସଭାରେ ଯୋଜନା ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀ , ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା, ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି , ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ମହିଳା ଓ ପୁରୁଷ ଚାଷୀଙ୍କୁ ଅନୁମୋଦିତ ମୁଗ ଓ ବୁଟ ବିହନ ବଣ୍ଟନ କରାଯାଇଥିଲା। ୩ ଜଣ ଚାଷୀଙ୍କୁ ରିହାତି ଦରରେ ଟ୍ରାକ୍ଟର ପ୍ରଦାନ କରାଯାଇଥିଲା। ବିଭିନ୍ନ ଓୟୁଏଟି କଲେଜର ଗୁଣପୁର,ଭବାନୀପାଟଣା, ସୋଆ ଏବଂ ଭୁବନେଶ୍ୱର ରୁ ୩୦ ଜଣ ଛାତ୍ର ଛାତ୍ରୀ ଆସି ୩ ମାସ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଗାଁ ବୁଲି ଚାଷୀ ମାନଙ୍କୁ ଉନ୍ନତ ଚାଷ ପ୍ରଣାଳୀ ସମ୍ପର୍କରେ ବୁଝାଇଥିଲେ ଓ ସେମାନଙ୍କୁ ମୁଖ୍ୟ ଅତିଥି ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ମେଳାରେ ୫୪ଟି ଷ୍ଟଲ ସ୍ଥାପନ କରାଯାଇଥିଲା ସେଥିମଧ୍ୟରୁ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ ଓ ଜଳ ବିଭାଜିକା, ମିଲଟ ମିଶନର ୧୯ଟି ଷ୍ଟଲ ରହିଥିଲା ଏବଂ ୩୬ଟି ବ୍ୟବସାୟିକ କୃଷି ଯନ୍ତ୍ରପାତି , ଟ୍ରାକ୍ଟର ଷ୍ଟଲ ରହିଥିଲା। ଉକ୍ତ ମେଳାରେ ନବରଙ୍ଗପୁର ଜିଲ୍ଲାର ଚାଷୀ ଭାଇ ଭଉଣୀ ଙ୍କ କୃଷି କାର୍ଯ୍ୟ ନିମନ୍ତେ ସମସ୍ତ ପ୍ରକାର କୃଷି ଯନ୍ତ୍ରପାତି ସରକାରୀ ରିହାତି ମୂଲ୍ୟରେ ଯୋଗାଇ ଦିଆଯିବ। ଏଥି ପାଇଁ ଉକ୍ତ ମେଳାରେ କୃଷି ଯନ୍ତ୍ରପାତି ଉତ୍ପାଦନ କାରୀ, ବିତରକ, ଋଣ ପ୍ରଦାନକାରି ସଂସ୍ଥା ଓ ବିଭାଗୀୟ କର୍ମଚାରୀଙ୍କ ସମନ୍ୱୟରେ ଚାଷୀ ମାନଙ୍କୁ ଯନ୍ତ୍ରପାତିର ଆବଶ୍ୟକତା ଓ୍ୟୁହାର, ରକ୍ଷଣା ବେକ୍ଷଣ, ସରକାରୀ ରିହାତି ସମ୍ପର୍କରେ ତାଲିମ ଦେଇ ସଚେତନ କରାଯିବ। ଏହି ଅବସରରେ କୃଷି ଯନ୍ତ୍ରପାତି ର ବ୍ୟବହାର ଓ ରିହାତି ଉପରେ ଏକ ସଚେତନତା ଶୋଭାଯାତ୍ରା ଚାଉଁରିଆଗୁଡା ଠାରୁ ପୋଲିସ ପଡିଆ ପର୍ଯ୍ୟନ୍ତ ଅନେକ ସୁସଜ୍ଜିତ ଟ୍ରାକ୍ଟର ଓ ଚାଷୀ ଭାଇ ଭଉଣୀ ଙ୍କ ଗ୍ରହଣରେ ଅନୁଷ୍ଠିତ ହୋଇଥିଲା।

## ସମସ୍ତ ସରକାରୀ ସହାୟତା ପ୍ରଦାନ ଲାଗି ଶିକ୍ଷିତ ଭିନ୍ନକ୍ଷମ ଯୁବକଙ୍କ ଗୁହାରି



ଜଳେଶ୍ୱର୧୩/୧୨ (ନି.ପ୍ର):ଅଧା ଗଢା କାଳିଆ ସାଆନ୍ତ କୁ ଯେମିତି ଭକ୍ତ ଙ୍କ ଦ୍ୱାରା ସମସ୍ତ ସେବା ଯୋଗାଇ ଦିଆଯାଉଛି । ସେହିପରି ଦିବ୍ୟାଙ୍ଗ ଙ୍କ ପାଇଁ ମଧ୍ୟ ସରକାର ବିଭିନ୍ନ ସୁବିଧା ସୁଯୋଗ ଓ ସହାୟତା ଲାଗି ବ୍ୟାପକ ବ୍ୟବସ୍ଥା କରିଛନ୍ତି ।କେତେକ ତ୍ରୁଟି ବିଚ୍ୟୁତି ଓ ସହଯୋଗ ଅଭାବରୁ କାଳିଆ ସାଆନ୍ତ ଯେମିତି ଉପବାସ ରୁହନ୍ତି, ସେହି ଭଳି ଦିବ୍ୟାଙ୍ଗ ଜଙ୍ଗେଶ୍ୱର(୨୮) ମଧ୍ୟ କେତେକ ମୌଳିକ ସୁବିଧା ରୁ ବଞ୍ଚିତ ହୋଇ ଦୁଃଖରେ କାଳାତିପାତ କରୁଛନ୍ତି ।ଜଳେଶ୍ୱର ବ୍ଲକ ଅନ୍ତର୍ଗତ,ଝାଡ ପିମ୍ପଳ ପଞ୍ଚାୟତର ଦିବ୍ୟାଙ୍ଗ ଯୁବକ, ଜନ୍ମରୁ ଗୋଡ଼ ନଥିବା ବେଳେ ପରିବାର ଉପରେ ବୋଝ ନ ହେବାକୁ ପଣ କରିଛନ୍ତି ।ତେଣୁ ପିଲାଟି ଦିନରୁ ପାଠ ରେ ମନୋନିବେଶ କରି ବାଲେଶ୍ୱର ସ୍ଥିତ ଗୁରୁ ହରେକୃଷ୍ଣ ବେହେରା କଳା କେନ୍ଦ୍ର ରୁ ହିନ୍ଦୁସ୍ଥାନୀ ଭୋକାଲ ରେ, +୨ ରେ, ୨ୟ ଶ୍ରେଣୀ ରେ ଉତ୍ତିର୍ଣ୍ଣ ହୋଇଥିଲେ। ୭୦ ଶତକଡା ଭିନ୍ନକ୍ଷମ ପ୍ରମାଣ ପତ୍ର ସହ ଚାକିରି ପାଇଁ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟ ରେ ବୁଲି ବୁଲି, ପୋଷ୍ଟାଲ ବିଭାଗରେ ଆବେଦନ ମଧ୍ୟ କରିଥିଲେ ।ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ପରିଣତ ବୟସରେ ଜଣେ ଜୀବନ ସାଥୀ ର ହାତ ଧରି ଦୁଃଖ ସୁଖେ ବାଟ ଚାଲୁଛନ୍ତି। ମହଙ୍ଗା ଦୁନିଆରେ,୫ କେଜି ଚାଉଳ ଓ ୧୨ ଶହ ଟଙ୍କାରେ ପରିବାର ଚଳାଉଥିବା ବେଳେ, ଘର ଖଣ୍ଡିଏ ଓ ରାସନ୍ କାର୍ଡ ପାଇଁ ବାରମ୍ବାର ଗୁହାରି ଜଣାଇଛନ୍ତି ।ଏହା ସହିତ ଚଳପ୍ରଚଳ ଲାଗି ଏକ ବ୍ୟାଟେରୀ ଚାଳୀତ ଟ୍ରାଏ ସାଇକେଲ ଦେବା ପାଇଁ ନିବେଦନ ମଧ୍ୟ କରିଥିଲେ ।ଗୁରୁବାର ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ରେ ବ୍ଲକ ଅଦ୍ଧକ୍ଷ ମାନସ ଜେନା ଙ୍କ ତ୍ୱତ୍ତ୍ୱାବଧାନ ରେ, ବିଭିନ୍ନ ସମସ୍ୟା ନେଇ ବିଡ଼ିଓ ଗୌରାଙ୍ଗ ଘୋଷ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।ଫଳରେ ତତକ୍ଷଣାତ୍ ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ସଲମା ରାଉତ୍,ତାଙ୍କୁ ଟ୍ରାଏ ସାଇକେଲ ପ୍ରଦାନ କରିଛନ୍ତି। କିନ୍ତୁ ସ୍ୱାଭିମାନ ର ସହିତ ଜୀବନଧାରଣ ପାଇଁ, ଚାଉଳ ବୃଦ୍ଧି,ଆବାସ ଗୃହ ଓ ଏକ ଛୋଟ ସରକାରୀ ଚାକିରୀ ପାଇଁ ଜଙ୍ଗେଶ୍ୱର, ସରକାର ଙ୍କୁ ଗୁହାରୀ ଜଣାଇଛନ୍ତି।

# ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ନିମାଇଁ , ମାନସ , କଳାକାର

## ଶ୍ରୀ ବଳଦେବଜୀଉ ନର୍ସିଂ କଲେଜର ଚେୟାରମ୍ୟାନ ପ୍ରକୃତରେ କିଏ ?

କେନ୍ଦ୍ରାପଡା, ୧୩/୧୨ (ନି.ପ୍ର): କେନ୍ଦ୍ରାପଡ଼ା ପୌରସଂସ୍ଥା ଅନ୍ତର୍ଗତ କଜଳା ସ୍ଥିତ ସ୍ୱୟଂଶାସିତ ମହାବିଦ୍ୟାଳୟ ନିକଟରେ ଥିବା ଶ୍ରୀ ବଳଦେବଜୀଉ କଲେଜ ଅଫ୍ ନର୍ସିଂ ନାମରେ ଆସିଲା ଏକ ବହୁତ ବଡ ସାଂଘାତିକ ଅଭିଯୋଗ । ପ୍ରକୃତରେ ବଳଦେବଜୀଉ ନର୍ସିଂ କଲେଜର ମାଲିକ କିଏ ? ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ସଂସାରଫଳ ସରକାରୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ନିମାଇଁ ଚରଣ ଦାସ ନା ବହୁ ଚର୍ଚ୍ଚିତ ଆଇନଜୀବୀ କହୁଥିବା କଳାକାର ରାଉତ ଏକାଧିକ କଲେଜରେ ଅଧ୍ୟକ୍ଷଥିବା ଏବଂ ବହୁ ଅଭିଯୋଗରେ ଛନ୍ଦି ହୋଇଥିବା ମାନସ କୁମାର ଦାସ । ଉପରୋକ୍ତ ତିନିଜଣଙ୍କ ମଧ୍ୟରୁ ପ୍ରକୃତରେ କିଏ ସେ ଉକ୍ତ ନର୍ସିଂ କଲେଜର ପ୍ରକୃତ ମାଲିକ । ଯୋଉ କଲେଜକୁ ନେଇ କେନ୍ଦ୍ରାପଡା ସହର ଖାଲି ଉଠୁଛି ଆଉ ପଡୁଛି ଏବଂ ସ୍ଥାନୀୟ ଲୋକଙ୍କ ମନରେ , ମୂଖ୍ୟ ଆଲୋଚ୍ୟର ବିଷୟ ପାଲଟିଛି । ଏହି ନର୍ସିଂ କଲେଜର ନା ଅଛି କିଛି ସରକାରୀ ନୀୟମାବଳୀ ମୁତାବକ କୌଣସି ସଠିକ୍ ପ୍ରମାଣ ପତ୍ର ନା କୌଣସି କାଗଜ ପତ୍ର । ନା କଲେଜ୍ ନିର୍ମାଣ କରିବା ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରହିଛି କୌଣସି ନୋ ଅବଜେକ୍ସନ୍ ସାର୍ଟିଫିକେଟ୍ । ଏହିନର୍ସିଂ କଲେଜରେ ପାଖା ପାଖି ୩ଶହ ପିଲା ପାଠ ପଢୁଥିବା ସୂଚନା ମିଳିଥିବା ବେଳେ ପରିଚାଳନା କମିଟିର ନିଷ୍ପତି କ୍ରମେ ଗୋଟେ ପିଲାଙ୍କ ପିଚ୍ଛା ୧ ଲକ୍ଷ ୨୦ ହଜାର ଲେଖା ଟଙ୍କା ଆଦାୟ କରାଯାଉଥିବା ବେଳେ ୨ବର୍ଷିଆ ଡିପ୍ଲୋମା, ୩ ବର୍ଷିଆ ଏ.ଏନ୍.ଏମ୍ ପିଲାଙ୍କ ସମେତ ୪ବର୍ଷିଆ ବି.ଏସ୍.ସି ନର୍ସିଂ କୋର୍ସ କରିବା ପିଲାମାନଙ୍କ ପାଇଁ ପ୍ରାୟ ୪ବର୍ଷକୁ ପାଖା ପାଖି ୫ରୁ ୬ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଆଦାୟ କରି ବିନା ସରକାରୀ ମାନ୍ୟତା ଓ ସିକୃତିରେ ବେଆଇନ୍ ଭାବେ ଦୀର୍ଘଦିନ ଧରି ସେହି ସ୍ଥାନରେ କଲେଜ ଖୋଲି କୋଟି କୋଟି ଟଙ୍କା ହରିଲୁଟ୍ ସହିତ ଆତ୍ମସାତ କରାଯାଉଥିବା ଅଭିଯୋଗ କରାଯାଇଛି । କଣ ପାଇଁ ଖୋଦ୍ ଜିଲ୍ଲାପାଳଙ୍କ ସମେତ ବି.ଇ.ଓ ଏବଂ ଡି.ଇ.ଓ ସମସ୍ତେ ଉକ୍ତ ନର୍ସିଂ କଲେଜର ମାଲିକ ମାନଙ୍କୁ ଘଣ୍ଟ ଘୋଡାଇବା ସହିତ ନିଜେ ନିଜେ ନୀରବ ଦ୍ରଷ୍ଟା ପାଲଟିବା ସଙ୍ଗେ ସଙ୍ଗେ ଉକ୍ତ କଲେଜର ମ୍ୟାନେଜିଂ କମିଟି ବିରୋଧରେ କାହିଁକି ଏପର୍ଯ୍ୟନ୍ତ ଚୁପ ବସିଛି ପ୍ରଶାସନ ସମସ୍ତ ତଥ୍ୟ ପାଇସାରିବା ଏବଂ ଜାଣି ସାରିବା ପରେ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ କଣ ପାଇଁ ଗ୍ରହଣ କରାଯାଉ ନାହିଁ । ଏହି ବେଆଇନ୍ କଲେଜ ପ୍ରଶାସନ ପଛରେ କେଉଁ ନେତା ମନ୍ତ୍ରୀଙ୍କ ସମେତ କୋଉ କୋଉ ପ୍ରଶାସନିକ ଅଧିକାରୀଙ୍କ ହାତ ରହିଛି । ଏମାନଙ୍କୁ ଏଭଳି ପିଲା ମାନଙ୍କ ଠାରୁ ଟଙ୍କା ଆଦାୟ କରିବାକୁ କିଏ ଦେଉଛି ଏତେ ସାହାସ । ପୁଣି ସେହି ନର୍ସିଂ କଲେଜର କଳାକାର ରାଉତ୍ ଓରଫ ଦୀପୁ ସାର ନାମକ ବ୍ୟକ୍ତି କୁଆଡେ ପିଲା ମାନଙ୍କୁ ଫର୍ଜରୀ ଆଡମିସନ୍ ରସିଦ୍ ଦେଇ କୋଟି କୋଟି ଟଙ୍କା ଲୁଟି ନେଇଥିବା ଭଳି ମଧ୍ୟ ଏକ ସଂଗୀନ ମୂଳକ ଅଭିଯୋଗ ହେଇଛି । ଠିକ୍ ସେହିପରି ନିମାଇଁ ଦାସ ନାମକ ବ୍ୟକ୍ତି ମଧ୍ୟ ଏକ ସରକାରୀ ଅନୁଦାନ ଓ ଶିକୃତି ପ୍ରାପ୍ତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ମଧ୍ୟ ଚାକିରୀ କରି କେମିତି ଉକ୍ତ ନର୍ସିଂ କଲେଜର ବେଆଇନ୍ ଭାବେ ଚେୟାରମ୍ୟାନ୍ ପଦବୀରେ ରହି ବିଭିନ୍ନ ବ୍ୟାଙ୍କ ଚେକରେ ଉଭୟ ଚେୟାରମ୍ୟାନ୍ ଓ ସଂମ୍ପାଦକଙ୍କ ଜାଗାରେ ଦସ୍ତଖତ ମାରି କୋଟି କୋଟି ଟଙ୍କାର ଚେକ୍ ବ୍ୟାଙ୍କରେ ଡିପୋଜିଟ୍ କରି ଠକି ହରିଲୁଟ୍ କରିବା ଭଳି ସଂଗୀନ ଅଭିଯୋଗ ହେବାପରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ଫୋନ୍ ନ ଉଠାଇ, କୌଣସି ପ୍ରତିକ୍ରିୟା ନ ଦେଇ, କେଉଁଆଡେ ନିମାଇଁ ସାର ଲୁଚି ରହିବା ଭଳି ତଥ୍ୟ ପଦାକୁ ଆସିବା ପରେ । ମାନସ କୁମାର ଦାସ ନାମକ ବ୍ୟକ୍ତି ସେହି ନର୍ସିଂ କଲେଜର ପରିଚାଳନା ନିର୍ଦ୍ଧେଶକ ପରିଚୟ ଦେଇ ଭୂବନେଶ୍ୱରରେ ଲୁଚିରହି ଲୋକମାନଙ୍କୁ ଭୁଆଁ ବୁଲାଉଛନ୍ତି। ମାନସ ସାର ଏକାଧିକ ପ୍ରାଇଭେଟ୍ କଲେଜରେ ଅଧକ୍ଷ ଭାବେ କାର୍ଯ୍ୟକରି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ଠକି କୋଟି କୋଟି ଟଙ୍କା ଆତ୍ମସାତ କରିଥିବା ଭଳି ସଂଗୀନ ସଂଗୀନ ମୂଳକ ଅଭିଯୋଗ ଶ୍ରୀ ବଳଦେବଜୀଉ ନର୍ସିଂ କଲେଜର ଛାତ୍ର ଛାତ୍ରୀ ମାନଙ୍କ ଅଭି ଭାବକ ମାନଙ୍କ ଠାରୁ ଆସିଥିବା ସୂଚନା ମିଳିଛି । ସେପଟେ ଉକ୍ତ ନର୍ସିଂ କଲେଜର କୌଣସି ସଠିକ୍ ପ୍ରମାଣ ପତ୍ର କିମ୍ବା କାଗଜ ପତ୍ର ସହିତ ଏନ୍. ଓ.ସି ନାହିଁ ବୋଲି ସଫା ସଫା ଗଣମାଧ୍ୟମକୁ ସୂଚନା ଦେଇ ମନାକରି ଦେଇଛନ୍ତି ଜିଲ୍ଲା ଶିକ୍ଷାଧିକାରୀ । ଆହୁରି ମଧ୍ୟ ସେ ସୂଚନା ଦେଇ କହିଛନ୍ତି ଯେ - ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିମାଇଁ ଦାସଙ୍କ ନାମରେ ଇନକ୍ୱାରୀ ନିମନ୍ତେ ସେ ଜିଲ୍ଲାପାଳଙ୍କ ସମେତ ରାଜ୍ୟ ଶିକ୍ଷା ନିର୍ଦ୍ଧେଶକଙ୍କୁ ତାଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ମଧ୍ୟ ଏକ ଚିଠି ଲେଖି ଜଣାଇଁ ଦେଇଛନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି ଯେ - କେବେ ଏହି ଭଳି ଏକ ବିନା ପ୍ରମାଣ ପତ୍ର ଓ କାଗଜ ପତ୍ରରେ ଚାଲୁଥିବା ଏକ ଠକ ନର୍ସିଂ କଲେଜ ବିରୋଧରେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ଗ୍ରହଣ କରୁଛନ୍ତି ଦୃଢ଼ରୁ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଖାଲି ଦେଖିବାକୁ ବାକି ରହିଲା ।

## କବି ଅନନ୍ତ ସ୍ମୃତି ପାଠାଗାର ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଦଶରଥପୁର,୧୩/୧୨ (ନି.ପ୍ର): ଦଶରଥପୁର ବ୍ଲକ ମଙ୍ଗଳପୁର ଅଞ୍ଚଳର ଅଗ୍ରଣୀ କଳା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ କବି ଅନନ୍ତ ସ୍ମୃତି ପାଠାଗାର ର କାର୍ଯ୍ୟ କାରିଣୀ ବୈଠକ ଆଜି ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୁର୍ଯୋଧନ ଜେନାଙ୍କ ସଭାପତିତ୍ୱ ରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପାଠାଗାର ର ସମସ୍ତ କାର୍ଯ୍ୟ ନିର୍ବାହୀ ସଭ୍ୟ ଯୋଗଦେଇ ବାର୍ଷିକ ଉତ୍ସବରେ ହୋଇଥିବା କାର୍ଯ୍ୟକ୍ରମର ସମୀକ୍ଷା ଓ ଆୟ ବ୍ୟୟର ହିସାବ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ସୁବାସ ବିଶ୍ୱାଳ,ସନାତନ ନାୟକ,ଅକ୍ଷୟ ମଲ୍ଲିକ,ଜ୍ଞାନରଞ୍ଜନ ତ୍ରିପାଠୀ,ଧୀରେନ୍ଦ୍ର ମଲ୍ଲିକ,ନିର୍ମଳ ପତି, କାର୍ତ୍ତିକ ଜେନା,ବିପିନ ସେନାପତି,ବିଜୟ କୃଷ୍ଣ ନାୟକ,ଅଭିରାମ ଧଳ,ରବୀନ୍ଦ୍ର ନାଥ ନାୟକ,ଅଭୟ କର ପ୍ରମୁଖ ଯୋଗଦେଇଥିଲେ।

## ପରମିଟ ଘାଟରୁ ଜବର ଦଖଲ ଉଚ୍ଛେଦ ଦାବି କଲେ ଗ୍ରାମବାସୀ

ବାଲେଶ୍ୱର ୧୩/୧୨ (ନି.ପ୍ର): ପରମିଟ ଘାଟରୁ ଜବର ଦଖଲ ଉଚ୍ଛେଦ କରିବା ଦାବି ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୁରୁଣା ବାଲେଶ୍ୱରରେ ନିକଟରେ ଅବସ୍ଥିତ ଏହି ପରମିଟ ଘାଟ ଏବେ ଜବର ଦଖଲକାରୀଙ୍କ କବଜାରେ ରହିଛି। ଏପରିକି ସେଠାରେ କବାଡ଼ିଆ ଦୋକାନ କରାଯାଇ ଏହାର ପ୍ରବେଶ ପଥକୁ ଅବରୋଧ କରାଯାଇଛି ଓ ଗ୍ରାମରେ କୌଣସି ପୂଜା କିମ୍ବା ଶୁଭକାର୍ଯ୍ୟ ହେଲେ ଏହି ଘାଟଟିକୁ ବ୍ୟବହାର କରୁଥିଲେ ଓ ବର୍ତ୍ତମାନ ଉକ୍ତ ଘାଟଟି ସେଠାକାର କିଛି ଅସାମାଜିକ ଲୋକ ଓ କବାଡ଼ିଆଙ୍କ କବଜାରେ ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଣୁ ଅସାମାଜିକ ଲୋକ ଓ କବାଡ଼ିଆଙ୍କ ଠାରୁ ମୁକ୍ତ କରି ନୂତନ ଘାଟ ନିର୍ମାଣ କଲେ ସାଧାରଣ ଲୋକେ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ଗ୍ରାମବାସୀ ସ୍ଥାନୀୟ କାଉନସିଲର ସସ୍ମିତା ନାଥ , ଦିଲ୍ଲୀପ ମାଝୀ, ବିଜୟ ବେହେରା, ମନୋଜ ଖଟୁଆ, ପରମେଶ୍ୱର ଦାସ ଦାବି କରିଛନ୍ତି ।

## ପାରିବାରିକ ଗଣ୍ଡଗୋଳ ମାମଲାରେ ଜଣେ ଗିରଫ

ବାଲେଶ୍ୱର୧୩/୧୨ (ନି.ପ୍ର): ପାରିବାରିକ ଗଣ୍ଡୋଗଳରୁ ଜଣେ ଯୁବକକୁ ରେମୁଣା ପୁଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଏ ରେମୁଣା ନେଇ ଥାନାରେ କେଶ ନମ୍ବର ୨୦୮/୨୪ ମୂଳେ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି । ପୁଲିସ ସୂଚନା ଅନୁସାରେ ୧୯ତାରିଖ ସନ୍ଧ୍ୟାରେ ରେମୁଣା ଏନଏସି ୪ନଂ ଓ୍ୱାର୍ଡ ଅନ୍ତର୍ଗତ ରୁଦ୍ରପୁର ଗ୍ରାମର କାମିନୀମଣି ସିଂ(୪୧) ଙ୍କୁ ଟ୍ୟୁବ୍ ଓ୍ୱେଲରୁ ପାଣି ନେବାକୁ କେନ୍ଦ୍ର କରି ସେହି ଗାଁର ସୁବ ସିଂ(୨୧) ଠେଙ୍ଗାରେ ମାରଣାନ୍ତକ ଆକ୍ରମଣ କରିଥିଲେ । ଏ ନେଇ କାମିନୀ ଥାନାରେ ଏତଲା ଦାୟର କରିଥିଲେ । ପୁଲିସ ଘଟଣାର ତଦନ୍ତ କରି ସୁଶାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ସଂପାଦକୀୟ

# ନିଶା ମୁକ୍ତି !

ଆମେରିକୀୟ ସମାଜବିଜ୍ଞାନୀ ସ୍କଟ୍ ? ଜେ. ମୁଲିଗନ୍ ?ଙ୍କ ଏକ ସ୍ୱଅନୁଭୂତି ସଂବଳିତ କଥାଟିଏ ସ୍ମରଣକୁ ଆସିଥାଏ, ଯାହା ସେ ଏକ 'ପଡ୍ ?କାଷ୍ଟ'ରେ କହିଥିଲେ। କଥାଟି ଏହିପରି: ଦିନକୁ ପ୍ରାୟ ନଅ ଘଣ୍ଟା ସ୍ମାର୍ଟଫୋନ୍ ?ରେ ବିତାଉଥିବା ଜଣେ ବାର ବର୍ଷର ବାଳକକୁ ସେ ଯେତେବେଳେ ପ୍ରଶ୍ନ କରିଥିଲେ ଯେ ତା' ବାପାମା' ତାକୁ ଏଥିରୁ ନିବୃତ୍ତ କରନ୍ତି ନାହିଁ କି? ବାଳକଟିର ଉତ୍ତର ଥିଲା, 'କରିବେ କେମିତି? ସେମାନେ ବି ତ ସେଥିରେ ବୁଡ଼ି ରହିଥାଆନ୍ତି!'ଗଲା ଗୁରୁବାର ଦିନ ଅଷ୍ଟ୍ରେଲିଆରେ ଏକ ନୂତନ ଆଇନ ବଳରେ ଷୋହଳ ବର୍ଷ ବୟସରୁ କମ୍ ? ବୟସ୍କଙ୍କ ଲାଗି ସାମାଜିକ ଗଣମାଧ୍ୟମର ବ୍ୟବହାରକୁ ନିଷେଧ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଏଭଳି ପଦକ୍ଷେପ ନେବାରେ ଅଷ୍ଟ୍ରେଲିଆ ହେଉଛି ପୃଥିବୀରେ ପ୍ରଥମ, ଯାହା ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକର ପ୍ରତିଷ୍ଠାତା-ପରିଚାଳକମାନଙ୍କ ମଧ୍ୟରେ ଭ୍ରୂକୁଂଚନ ଓ ଏହାର ସଫଳତା ନେଇ ସନ୍ଦେହ ସୃଷ୍ଟି କରିଛି। ଯଦିଓ, ଅଧିକାଂଶ ପ୍ରାପ୍ତବୟସ୍କ ଅଷ୍ଟ୍ରେଲୀୟ ଏଭଳି ପଦକ୍ଷେପର ସମର୍ଥନ କରନ୍ତି, ସେମାନେ ମଧ୍ୟ ଏହି ନିଷେଧାଦେଶର ରୂପାୟନ ଓ ଫଳପ୍ରଦତା ନେଇ ସନ୍ଦିହାନ। ଏଥିରେ ଦ୍ୱିରୁକ୍ତି ନାହିଁ ଯେ କେ ?ଶୋରରୁ ପିଲାମାନେ ସାମାଜିକ ଗଣମାଧ୍ୟମର ସର୍ବଭୁକ୍ ? ବୁଭୁକ୍ଷା ମଧ୍ୟକୁ ଶୋଷି ହୋଇଯାଇ ତା' ଭିତରେ ଜୀର୍ଣ୍ଣ ହୋଇ ଚାଲିଥିବାରୁ ପୃଥିବୀର ସର୍ବତ୍ର ପିତାମାତାମାନେ ଅତ୍ୟନ୍ତ ବିବ୍ରତ। ଏଣେ, ନୂତନ ରୋମାଂଚର ଆବିଷ୍କାର ଓ ଆହରଣରେ ତୀବ୍ର ଆଗ୍ରହ, ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶ କରିବାର ଦୁର୍ବାର କାମନା ଓ ପ୍ରଚଳିତ ସାମାଜିକ ନିୟମଗୁଡ଼ିକୁ ପ୍ରଶ୍ନ ଓ ଅବଜ୍ଞା କରିବାର ଇଚ୍ଛା ଭଳି କାରଣରୁ କିଶୋର-କି ?ଶୋରୀମାନେ ଅତି ସ୍ୱାଭାବିକ ଭାବେ ସାମାଜିକ ଗଣମାଧ୍ୟମର ଦିଗନ୍ତ ବିସ୍ତାରୀ କ୍ଷେତ୍ରରେ ଭବଘୁରା ଭଳି ଘୂରିବୁଲି ଦିଗହରା ଓ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି। ସୁତରାଂ, ଏଭଳି ଏକ ସଙ୍ଗିନ ପରିସ୍ଥିତିରେ ଏହି ନିଷେଧାଦେଶ ବା ସେଭଳି କେ ?ଣସି ପଦକ୍ଷେପର ଯଥାର୍ଥତା ଓ ଫଳପ୍ରଦତା ଏକ କ୍ଷୁଦ୍ର ଆଲୋଚନା ସକାଶେ ଅବକାଶ ସୃଷ୍ଟି କରିଥାଏ।କହିବା ବାହୁଲ୍ୟ, ସାମାଜିକ ଗଣମାଧ୍ୟମର ରସରେ ପରିପ୍ଳୁତ ଅସଂଖ୍ୟ କିଶୋର-କିଶୋରୀ ଅଶ୍ଳୀଳତାର ଅସରନ୍ତି ବଜାର ଓ ଜୁଆ ଆଡ୍ ?ଡାମାନରେ ଦେଖିବାକୁ ମିଳୁଛନ୍ତି; ବିକୃତ ଚିନ୍ତା ଓ କଦର୍ଯ୍ୟ ରୁଚିବୋଧର ଅଧିକାରୀ ହେଉଛନ୍ତି; ପାଠପଢ଼ା ବା ଭବିଷ୍ୟତ୍ ? ନିର୍ମାଣର ଆଧାରଗୁଡ଼ିକ ସେମାନଙ୍କ ଠାରେ ଭୁଶୁଡ଼ି ପଡୁଛି। କେବଳ ସେତିକି ନୁହେଁ, ମନୋବିଜ୍ଞାନୀମାନେ କହିଥାଆନ୍ତି ଯେ ସାମାଜିକ ଗଣମାଧ୍ୟମରେ ନିବିଷ୍ଟ ଅଳ୍ପ ବୟସର ପିଲାମାନେ ଘୋର ଉଦ୍ ?ବେଗ ଓ ବିଷାଦର ଶିକାର ମଧ୍ୟ ହୁଅନ୍ତି, ଯାହା ପରବର୍ତ୍ତୀ କାଳରେ ସେମାନଙ୍କ ବ୍ୟକ୍ତିତ୍ୱରେ ଦୃଶ୍ୟମାନ ହୋଇଥାଏ। ଜଣାପଡ଼ିଛି ଯେ ସାମାଜିକ ଗଣମାଧ୍ୟମର ପ୍ରାଦୁର୍ଭାବରୁ ସ୍କୁଲ ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଚଞ୍ଚଳମନା ହୋଇ ଉଠି ମାତ୍ର ନଅ ସେକେଣ୍ଡ (ହାରାହାରି)ରୁ ଅଧିକ ସମୟ ଏକାଗ୍ର ଚିତ୍ତ ହୋଇ ରହିପାରୁ ନାହାନ୍ତି। ବନ୍ଧୁତା ସୃଷ୍ଟି ଲାଗି ଉଦ୍ଦିଷ୍ଟ 'ଫେସ୍ ?ବୁକ୍ ?' ଭଳି ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକ କିଭଳି ନିଃସଙ୍ଗତା ଓ ବିଷଣ୍ଣବୋଧ ସୃଷ୍ଟି କରନ୍ତି, ତାହାକୁ ପ୍ରାଂଜଳ କରି ମନୋବିଜ୍ଞାନୀମାନେ କହନ୍ତି ଯେ ସାମାଜିକ ଗଣମାଧ୍ୟମରେ ପ୍ରତ୍ୟହ ଆବିର୍ଭୂତ ହେଉଥିବା କୋଟି କୋଟି ସଂଖ୍ୟାର ଫଟୋଗୁଡ଼ିକ ଏକ ଧାରଣା ସୃଷ୍ଟି କରନ୍ତି ଯେ ସତେ ଯେମିତି ସେଥିରେ ଦୃଶ୍ୟମାନ ହେଉଥିବା ଚରିତ୍ର ଓ ପରିବାରଗୁଡ଼ିକ ଅତ୍ୟନ୍ତ ସୁଖୀ ତଥା ପରିପୂର୍ଣ୍ଣ ଏବଂ ସେମାନଙ୍କ ସକାଶେ ଜୀବନ ଏକ ଅନ୍ତହୀନ ଉତ୍ସବ। ଏହାକୁ ଦେଖି ଅସଂଖ୍ୟ ସାଧାରଣ ଲୋକ ନିଜ ଜୀବନର କର୍କଶ ବାସ୍ତବତା ପରି ?ପ୍ରେକ୍ଷୀରେ ଗଭୀର ମୁହ୍ୟମାନ ହୋଇପଡ଼ନ୍ତି, ଯାହା ଅନେକ ସମୟରେ ଅତ୍ୟନ୍ତ ତୀବ୍ର ହୋଇ ଆତ୍ମଘାତ ବା ଆତ୍ମହତ୍ୟାର କାରଣ ମଧ୍ୟ ହୋଇଥାଏ। କିନ୍ତୁ ସେମାନେ ପାସୋରି ଯାଆନ୍ତି ଯେ ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ଊଣାଅଧିକେ ସେହି ଏକା ଭଳି ନର୍କ ଭୋଗ କରନ୍ତି, ଅଥଚ କେତେକ ସୁନିର୍ବାଚିତ କ୍ଷଣର ସ୍ଥିରଚିତ୍ରମାନ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶିତ କରିଥାଆନ୍ତି ଯାହା! ଡାକ୍ତରମାନେ କହନ୍ତି ଯେ ସାମାଜିକ ଗଣମାଧ୍ୟମରେ ପ୍ରବେଶ କରିବା ମାତ୍ରେ ତତ୍ ?କ୍ଷଣାତ୍ ? ମିଳୁଥିବା ସୁଖବୋଧର କାରଣ ହେଉଛି ମସ୍ତିଷ୍କରେ 'ଡୋପାମିନ୍ ?'ର କ୍ଷରଣ, ଯାହା କେ ?ଣସି ନିଶାସକ୍ତ ବ୍ୟକ୍ତି ଠାରେ ଘଟିଥାଏ, ଯେତେବେଳେ ସେ ଲୋଡୁଥିବା ନିଶା ଦ୍ରବ୍ୟଟି ତା' ହାତକୁ ଚାଲିଆସେ। ସୁତରାଂ, ସାମାଜିକ ଗଣମାଧ୍ୟମରେ ପ୍ରବେଶ କରିବାର ଇଚ୍ଛା କେବଳ ଏକ ନିରୀହ ଆଗ୍ରହ ମାତ୍ର ନୁହେଁ। ଏହା ଏକ ଦୁର୍ବାର ନିଶା, ଯାହାର ଲକ୍ଷଣ ହେଲା ପ୍ରାତଃ କାଳରେ ଶଯ୍ୟା ତ୍ୟାଗ କରିବା ମାତ୍ରକେ ସର୍ବ ପ୍ରଥମେ ସ୍ମାର୍ଟଫୋନ୍ ?କୁ ଲୋଡ଼ା ଯିବା!

ଏଭଳି ଏକ ଦୃଶ୍ୟପଟେ ?ର କିଶୋରାବସ୍ଥାରେ ଥିବା ପିଲାମାନଙ୍କ ଭବିଷ୍ୟତ୍ ? ନେଇ ଅତ୍ୟନ୍ତ ବିବ୍ରତ କେତେକ ମା' ଯୁକ୍ତରାଷ୍ଟ୍ର ଆମେରିକାରେ କରିଥିବା ଲିଖିତ ଅଭିଯୋଗମାନ ପରିପ୍ରେକ୍ଷୀରେ 'ଫେସ୍ ?ବୁକ୍ ?'ର ପ୍ରତିଷ୍ଠାତା-ସ୍ୱତ୍ୱାଧିକାରୀ ମାର୍କ ଜୁକ ?ବର୍ଗଙ୍କୁ ଏକ ଗମ୍ଭୀର ଆଲୋଚନାରେ ଅଂଶ ଗ୍ରହଣ କରିବାକୁ ପଡ଼ିଥିଲା। କହିବା ବାହୁଲ୍ୟ, ଅଧିକାଂଶ ଉଦ୍ ?ବିଗ୍ନ ପିତାମାତା ଚାହାନ୍ତି ଯେ 'ଡିଜିଟାଲ ପୃଥିବୀ'କୁ ପ୍ରଦୂଷଣମୁକ୍ତ କରିବାର ଦାୟିତ୍ୱ ମାର୍କ ଜୁକ ?ବର୍ଗଙ୍କ ଭଳି ପ୍ରତୀୟମାନ ବିଶ୍ୱ (ଭର୍ଚୁଆଲ୍ ? ୱାର୍ଲଡ୍ ?)ର ପ୍ରତିଷ୍ଠାତା ଈଶ୍ୱରମାନେ ନିଅନ୍ତୁ, ଯେଉଁମାନେ ବ୍ୟବହାରକାରୀଙ୍କ 'ଡେଟା' ବିକ୍ରୟ କରି ଅପରିମେୟ ଅର୍ଥ ଉପାର୍ଜନ କରି ଚାଲିଥିବା ସତ୍ତ୍ୱେ ସାମାଜିକ ଦାୟିତ୍ୱବୋଧ ପ୍ରଦର୍ଶନ ସଂଦର୍ଭରେ ଅନାଗ୍ରହୀ ରହନ୍ତି। କିନ୍ତୁ ଏକ ବାସ୍ତବତା ହେଲା, ସାମାଜିକ ଗଣମାଧ୍ୟମ ମଞ୍ଚର ନିୟନ୍ତ୍ରଣ ଆଉ ସେହି ସ୍ରଷ୍ଟାମାନଙ୍କ କ୍ଷମତାଧୀନ ହୋଇ ରହିନାହିଁ। କେବଳ ସେତିକି ନୁହେଁ, ଏହା ମଧ୍ୟ ସମସ୍ତେ ହୃଦ୍ ?ବୋଧ କରନ୍ତି ଯେ ସରକାରୀ କଟକଣା ବା ନିଷେଧାଦେଶ ଏକ ଯଥାର୍ଥ ଉତ୍ତର ନୁହେଁ, କାରଣ ସାମାଜିକ ଗଣମାଧ୍ୟମର ବରଦାନ ମଧ୍ୟ ପୃଥିବୀ ଓ ଜନସମାଜକୁ ବିଭିନ୍ନ ସୂତ୍ରରୁ ସମୃଦ୍ଧ କରିଛି। ସୁତରାଂ, ଅନେକଙ୍କ ମତରେ ଏହାକୁ ନିଷେଧ କରିବା ଭଳି ପଦକ୍ଷେପ କେବଳ ଅବାସ୍ତବ ନୁହେଁ, ଅପରିପକ୍ୱ ମଧ୍ୟ! ଉଲ୍ଲେଖଯୋଗ୍ୟ ଯେ ଅଠର ବର୍ଷ ବୟସରୁ କମ୍ ? ବୟସ୍କଙ୍କ ଲାଗି ଇଣ୍ଟ ?ନେଟ୍ ? ବାରଣ ଭଳି ଏକ ବ୍ୟବସ୍ଥା ୨୦୧୧ ମସିହାରେ ଦକ୍ଷିଣ କୋରିଆରେ ପ୍ରବର୍ତ୍ତିତ ହୋଇଥିଲେ ମଧ୍ୟ ସୂଚନା ପାଇବାର ମେ ?ଳିକ ଅଧିକାର ହରାଇଥିବା କାରଣରୁ କ୍ରମେ ପ୍ରତିବାଦ ମୁଖର ହୋଇଥିଲା ଏବଂ ସେ ବ୍ୟବସ୍ଥା ଅଗତ୍ୟା ହଟି ଯାଇଥିଲା। ଅନେକ ଗଣତନ୍ତ୍ରରେ ଏହି କାରଣରୁ ସାମାଜିକ ଗଣମାଧ୍ୟମ ଉପରେ କଟକଣା ଲଗାଇବା ମଧ୍ୟ ସମ୍ଭବ ହୋଇପାରୁନାହିଁ। ତେଣୁ ବାଲ୍ୟକାଳ ଓ କେ ?ଶୋର କିଭଳି ସାମାଜିକ ଗଣମାଧ୍ୟମର ପ୍ରଦୂଷଣରୁ ଦୂରେଇ ରହିବ, ସେ ନେଇ ମାନସ ମନ୍ଥନ ଓ ଚିନ୍ତନର ଆବଶ୍ୟକତା ରହିଛି। ଏଭଳି ସ୍ଥଳେ ଚୀନରେ ଗୃହୀତ ଏକ ପନ୍ଥାକୁ ଅଭିନବ ବୋଲି କୁହାଯାଇପାରେ, ଯହିଁରେ 'ଇଣ୍ଟରନେଟ୍ ? ନିଶା ନିବାରଣ କେନ୍ଦ୍ର'ମାନ ଗଢ଼ି ଉଠିଲାଣି। ସେଠାରେ ଜୀବନଶେ ?ଳୀରେ ପରିବର୍ତ୍ତନ ଘଟାଇ, ବ୍ୟାୟାମ, ପୋଷା ଜନ୍ତୁ ଓ ଆତ୍ମୀୟମାନଙ୍କ ସହିତ ମନୋଜ୍ଞ ସଂପର୍କର ସୂତ୍ର ସୃଷ୍ଟି କରି ଏବଂ ସର୍ଜନଶୀଳ କାର୍ଯ୍ୟରେ ମନୋନିବେଶ କରାଇ ଏହି ନିଶାରୁ ନିବୃତ୍ତି ସକାଶେ ଉଦ୍ୟମ କରାଯାଉଛି। ଅନେକଙ୍କ ମତରେ ନିଷେଧାଦେଶ ପରିବର୍ତ୍ତେ ଏଭଳି ଉଦ୍ୟମ ଅଧିକ ଫଳପ୍ରସୂ ହୋଇପାରେ। ସୁତରାଂ, ବିକଳ୍ପ ଚିନ୍ତନର ଆବଶ୍ୟକତା ମଧ୍ୟ ମହତ୍ତ୍ୱପୂର୍ଣ୍ଣ।

ଅଷ୍ଟ୍ରେଲିଆର ନୂତନ ପ୍ରାବଧାନ ଅନୁସାରେ ବର୍ଷକ ପରେ ଯାଇ ହିଁ ଏହି ନିଷେଧାଦେଶ କାର୍ଯ୍ୟକାରୀ ହେବ। ଏହା ହେଲେ ସ୍ମାର୍ଟଫୋନ୍ ବିବର୍ଜିତ କିଶୋର-କିଶୋରୀମାନେ ସହସା ଅବଲମ୍ବନଶୂନ୍ୟ ହୋଇ ଏକ ଅତ୍ୟନ୍ତ ଅସ୍ଥିର ସ୍ଥିତିରେ ନିଜକୁ ଆବିଷ୍କାର କରିପାରନ୍ତି। ଏତିକିବେଳେ ସେମାନଙ୍କ ପିତାମାତା, ପରିବାରବର୍ଗ ତଥା ସେମାନଙ୍କ ପରିବେଷ୍ଟନୀ ଓ ପରିବେଶ ସେମାନଙ୍କୁ ସହାୟତା ପ୍ରଦାନ କରିବା ଲାଗି ସଦା ଉପସ୍ଥିତ ରହିବା ଜରୁରି। ଏହି କଥା ଲେଖିଲାବେଳେ ଆମେରିକୀୟ ସମାଜବିଜ୍ଞାନୀ ସ୍କଟ୍ ? ଜେ. ମୁଲିଗନ୍ ?ଙ୍କ ଏକ ସ୍ୱଅନୁଭୂତି ସଂବଳିତ କଥାଟିଏ ସ୍ମରଣକୁ ଆସିଥାଏ, ଯାହା ସେ ଏକ 'ପଡ୍ ?କାଷ୍ଟ'ରେ କହିଥିଲେ। କଥାଟି ଏହିପରି: ଦିନକୁ ପ୍ରାୟ ନଅ ଘଣ୍ଟା ସ୍ମାର୍ଟଫୋନ୍ ?ରେ ବିତାଉଥିବା ଜଣେ ବାର ବର୍ଷର ବାଳକକୁ ସେ ଯେତେବେଳେ ପ୍ରଶ୍ନ କରିଥିଲେ ଯେ ତା' ବାପାମା' ତାକୁ ଏଥିରୁ ନିବୃତ୍ତ କରନ୍ତି ନାହିଁ କି? ବାଳକଟିର ଉତ୍ତର ଥିଲା, 'କରିବେ କେମିତି? ସେମାନେ ବି ତ ସେଥିରେ ବୁଡ଼ି ରହିଥାଆନ୍ତି!' ସୁତରାଂ, ଅଷ୍ଟ୍ରେଲୀୟ ନିଷେଧାଦେଶ ପରିପ୍ରେକ୍ଷୀରେ ଆଶା କରିବା ଯେ ପିଲାମାନେ ସାମାଜିକ ଗଣମାଧ୍ୟମର ବାହୁଫାଶରୁ ମୁକ୍ତ ହୋଇଗଲେ ବୋଲି ସ୍ୱସ୍ତିର ନିଃଶ୍ୱା ?ସ ମାରି ସେମାନଙ୍କ ପିତାମାତାମାନେ ଅନ୍ତତଃ ନିଜ ନିଜ ସ୍ମାର୍ଟଫୋନ୍ ?ରେ ବୁଡ଼ି ଯିବେ ନାହିଁ!

# ଓଡ଼ିଆ ଅସ୍ମିତା ଓ କଟକର ତାରକସି

**ପୂର୍ଣ୍ଣେନ୍ଦୁ କର**

ଓଡ଼ିଆ ଅସ୍ମିତାର ଚର୍ଚ୍ଚା ଅଦ୍ୟାବଧି ଓଡ଼ିଶାର ଲୋକ ?କ୍ଷେତ୍ରରେ ଅନେକତ୍ର ଚଳଚଞ୍ଚଳ ରହିଛି। ଏଥିରୁ ଲବ୍ ?ଧ ନିଷ୍କର୍ଷ ହେଲା ଏକ ମହାଜାତି ଭାବେ ଓଡ଼ିଶା ଓ ଓଡ଼ିଆଙ୍କର ରହିଥିବା ସ୍ୱତନ୍ତ୍ର ପରିଚିତି ବା ଅସ୍ତିତ୍ୱର ଶଙ୍ଖ ବା ଚିହ୍ନ ହିଁ ହେଉଛି ଓଡ଼ିଆ ଅସ୍ମିତା। ଏହି ପରିପ୍ରେକ୍ଷୀରେ କଟକର ତାରକସି ହେଉଛି ଓଡ଼ିଆ ଅସ୍ମିତାର ଏକ ସନ୍ତକ, ଯାହାର ପାଖାପାଖି ୫୦୦ ବର୍ଷର ଏକ ଦୀର୍ଘ ଐତିହ୍ୟ ରହିଛି। କଟକର ସୂକ୍ଷ୍ମ ତାରକସି କଳାର ପଟାନ୍ତର ନାହିଁ ଏବଂ ଏ କଳାରେ ନିମଗ୍ନ ରହି ଏହି ଶିଳ୍ପକୁ ଜୀବନ୍ତ କରି ରଖିଥିବା କାରିଗରମାନେ ମଧ୍ୟ ଓଡ଼ିଆ ଅସ୍ମିତାର ଜଣେ ଜଣେ ପ୍ରତୀକ ପୁରୁଷ। କିନ୍ତୁ ପ୍ରଶ୍ନ ହେଲା କଟକ ତାରକସିର ଶିଳ୍ପ ଓ ତା'ର କାରିଗରମାନଙ୍କ ସାଂପ୍ରତିକ ସ୍ଥିତି କିଭଳି ?ସମଗ୍ର ଭାରତରେ ରୁପା ତାରକସି ବା 'ସିଲ୍ ?ଭ ? ଫିଲିଗ୍ରି' (ଇଂରେଜୀରେ ତାରକସି ହେଉଛି 'ଫିଲିଗ୍ରି') ବ୍ୟବସାୟ କଟକ ଓ ତେଲେଙ୍ଗାନାର କରିମ ନଗରରେ ହୋଇଥାଏ। ଏହା ବ୍ୟତୀତ ପଶ୍ଚିମବଙ୍ଗର 'ଦକ୍ଷିଣ ଚବିଶ ପ୍ରଗଣା' ଜିଲ୍ଲାରେ ପ୍ରାୟ ୩୦ଟି ଗ୍ରାମରେ ସମୁଦାୟ ୩୦୦୦ ରୁପା ତାରକସି କାରିଗର ଅଛନ୍ତି। କଟକର ତାରକସିକୁ ୨୦୨୧ରେ ଭାରତ ସରକାରଙ୍କ ଦ୍ୱାରା 'ଜି.ଆଇ. ଟ୍ୟାଗ୍ ?' ବା ମାନ୍ୟତା ମିଳିଛି। ଅନ୍ୟ ପକ୍ଷରେ କରିମ ନଗରର ତାରକସିକୁ ୨୦୦୭ ମସିହାରୁ 'ଜି.ଆଇ. ଟ୍ୟାଗ୍ ?' ମିଳିସାରିଛି। ଭାରତର ଉପରୋକ୍ତ ତିନିଟି ଜାଗାକୁ ଛାଡ଼ିଦେଲେ ଆଉ ପ୍ରାୟ କେଉଁଠି 'ସିଲ୍ ?ଭ ? ଫିଲିଗ୍ରି'ର କେନ୍ଦ୍ର ନାହିଁ। କେତେକ ରିପୋର୍ଟରୁ ଜଣାଯାଇଥାଏ ଯେ ଦେଶରେ 'ସିଲ୍ ?ଭ ? ଫିଲିଗ୍ରି'ର ବଜାର ମୂଲ୍ୟ ୨୦ ହଜାର କୋଟି ଟଙ୍କାରେ ପହଂଚିଲାଣି। 'ଇଣ୍ଡିଆନ୍ ? ଚେମ୍ବ ? ଅଫ କମର୍ସ'ର ତଥ୍ୟ ଅନୁସାରେ 'ସିଲ୍ ?ଭ ? ଫିଲିଗ୍ରି' ସମେତ ଅନ୍ୟ ରୁପା ଅଳଙ୍କାରର ରପ୍ତାନି ମୂଲ୍ୟ ପାଖାପାଖି ୧୭ ହଜାର କୋଟି ଟଙ୍କାରେ ପହଂଚିଲାଣି ଏବଂ ଏହା ବାର୍ଷିକ ୮% ହାରରେ ବୃଦ୍ଧି ପାଉଛି। ସେମିତି ଦେଶର ନାମୀ ଅଳଙ୍କାର କମ୍ପାନିମାନଙ୍କର ଆନୁଆଲ୍ ? ରିପୋର୍ଟରୁ ଜଣାପଡ଼େ ଯେ 'ଫିଲିଗ୍ରି' ବ୍ୟବସାୟ ଓ ବିଦେଶକୁ ଏହାର ରପ୍ତାନି ବାର୍ଷିକ ୧୦%ରୁ ଅଧିକ ହାରରେ ବୃଦ୍ଧି ପାଇବାରେ ଲାଗିଛି; ଏପରିକି 'ସିଲ୍ ?ଭ ? ଫିଲିଗ୍ରି' ବଜାରରେ ରହିଥିବା ସୁଯୋଗକୁ ବାରିପାରି ଅନେକ ଆଞ୍ଚଳିକ ବ୍ୟବସାୟୀ ରୀତିମତ କର୍ପୋରେଟ୍ ? ଶୈଳୀରେ ଏହାର ବ୍ୟବସାୟ କରି ସଫଳ ହେଉଛନ୍ତି। ବଜାର ଅନୁଧ୍ୟାନ କଲେ ଜଣା ପଡ଼ିଥାଏ ଯେ ଗଲା କେଇ ବର୍ଷ ମଧ୍ୟରେ ଅନେକ ମଧ୍ୟମ ସ୍ତରୀୟ ବ୍ୟବସାୟୀ (ଟ୍ରେଡ ?) ନୂଆ ନୂଆ ୱେବ୍ ?ସାଇଟ୍ ? ଖୋଲି ବଜାରରେ ରୁପା ଓ ତାରକସିର ବ୍ୟବସାୟ ଆରମ୍ଭ କରିସାରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ହେଲା, ଏହି ସବୁ କମ୍ପାନିମାନଙ୍କୁ ତାରକସି ଦ୍ରବ୍ୟ ଯୋଗାଉଥିବା କାରିଗରଙ୍କର ଆର୍ଥିକ ଅବସ୍ଥାରେ ସେମିତି କିଛି ଉନ୍ନତି ହେଉନାହିଁ; ଅର୍ଥାତ୍ ?, ତାରକସି ବ୍ୟବସାୟର ଅସଲ ଲାଭ ଦଲାଲମାନେ ଉପଭୋଗ କରୁଛନ୍ତି। ବିଭିନ୍ନ କମ୍ପାନିଙ୍କର ଅନୁଆଲ୍ ? ରିପୋର୍ଟେ ?ର ଥିବା ତଥ୍ୟରୁ ଜଣାପଡ଼େ ଯେ ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ ରୁପା ତାରକସି ବା 'ସିଲ୍ ?ଭ ? ଫିଲିଗ୍ରି' ଦ୍ରବ୍ୟର ଅନେକ ଚାହିଦା



ରହିଛି ଏବଂ ଏହା ଏକ ଲାଭଜନକ ବ୍ୟବସାୟ। ତେଣୁ ବ୍ୟବସାୟ ସହିତ ତାଳ ଦେଇ ତାରକସି କାରିଗରମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି କାହିଁକି ଘଟୁନାହିଁ, ସେ ସଂଦର୍ଭରେ ଏକ ଆଲୋଚନା କରାଯାଉ।ପ୍ରଥମତଃ ଆମ ରାଜ୍ୟରେ ବଜାରରୁ ଉଚିତ ମୂଲ୍ୟ ପାଇବାରେ ତାରକସି କାରିଗରମାନଙ୍କୁ ସାହାଯ୍ୟ କରିବା ପାଇଁ ସେମିତି କେ ?ଣସି ସଂସ୍ଥା ବା ଏଜେନ୍ ?ସି ନାହାନ୍ତି। ଉଦାହରଣ ସ୍ୱରୂପ, ତେଲେଙ୍ଗାନାର କରିମ ନଗରରେ 'ସିଫକା' ହାଣ୍ଡିକ୍ରାଫ୍ ?ଟ ୱେଲ୍ ?ଫେଆ ? ସୋସାଇଟି' ଏ ଯାବତ୍ ୬୦୦ରୁ ଅଧିକ କାରିଗରଙ୍କୁ ପଞ୍ଜୀକୃତ କରି ପାରିଛି ଏବଂ ସେଠାକାର ତାରକସିକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାରେ ସଫଳ ଉଦ୍ୟମ ଜାରି ରଖିଛି। କିନ୍ତୁ କଟକ 'ତାରକସି ଆସୋସିଏସନ୍ ?'ର ସେଭଳି ଉଦ୍ୟମ ଦେଖାଯାଏ ନାହିଁ। ବଜାର ଦୃଷ୍ଟିରୁ କଟକ ତାରକସି ଦ୍ରବ୍ୟମାନ ମୋଟାମୋଟି ଆଞ୍ଚଳିକ ଚାହିଦା ମେଣ୍ଟାଉଛି। ଅନ୍ତର୍ଜାତୀୟ ବଜାର ଓ ରାଜ୍ୟ ବାହାରେ ରହିଥିବା ଏକ ବଡ଼ ବଜାରକୁ କଟକ ତାରକସି ବିଷୟରେ ସୂଚନା ନାହିଁ। ତେଣୁ ଏକ ବୃହତ୍ ? ବଜାରର ଅସ୍ତିତ୍ୱ ସତ୍ତ୍ୱେ ତାହାର ଲାଭ କଟକ ତାରକସି ଲାଗି ଉପଲବ୍ ?ଧ ହେଉନାହିଁ। ଉଦାହରଣ ସ୍ୱରୂପ ରାଜ୍ୟ ସରକାରଙ୍କର 'ଓଡ଼ିଶା ରୁରାଲ୍ ? ଡେଭେଲପ୍ ?ମେଣ୍ଟ ଏଣ୍ଡ୍ ? ମାର୍କେଟିଙ୍ଗ୍ ? ସୋସାଇଟି' ବା 'ଓ ?ମାସ' ଯେଉଁଭଳି ଅନ୍ୟ ଉତ୍ପାଦଗୁଡ଼ିକର ବିକ୍ରୟ କରି ଭଲ ବ୍ୟବସାୟ କରିପାରୁଛି, ଯଦି ସେହି ଭଳି କଟକ ତାରକସିର ବିପଣନ ଦାୟିତ୍ୱ ନେଇ ପାରନ୍ତେ, ତେବେ କାରିଗରମାନେ ବଜାରର ଉଚିତ ମୂଲ୍ୟ ପାଇପାରନ୍ତେ ଏବଂ ତାହା ତାରକସି ନେଇ ଓଡ଼ିଆ ଅସ୍ମିତାକୁ ଯଥାର୍ଥତା ପ୍ରଦାନ କରିପାରନ୍ତା। ଅନ୍ୟ ପକ୍ଷରେ ଏହି ବ୍ୟବସାୟରେ ସରକାରଙ୍କ ତରଫରୁ କାରିଗରମାନଙ୍କୁ ସେମିତି ବିଶେଷ କିଛି ଆର୍ଥିକ ସହାୟତା ବା ପୁଞ୍ଜି ଯୋଗାଣର ବ୍ୟବସ୍ଥା ନାହିଁ। କାରିଗରମାନଙ୍କ ପାଇଁ ଯେଉଁ ସବୁ ସରକାରୀ ଯୋଜନାମାନ ପ୍ରଚଳିତ ଅଛି, ତାହା ପର୍ଯ୍ୟାପ୍ତ ନୁହେଁ। ଆଉ ଏକ ବଡ଼ କଥା ହେଲା, କଟକର ପ୍ରାୟ ୪୦୦ ତାରକସି କାରିଗର ଏବେ କଲିକତାର କାରିଗରଙ୍କ ସହ ପ୍ରତିଯୋଗିତା କରୁଛନ୍ତି, ଯଦ୍ଦ୍ୱାରା ବଜାରରେ ପତିଆରା ସାବ୍ୟସ୍ତ କରିବା ସହଜସାଧ ହେଉନାହିଁ। ଯେହେତୁ ପଶ୍ଚିମବାଙ୍ଗର ଦକ୍ଷିଣ ଚବିଶ ପ୍ରଗଣା ଜିଲ୍ଲାରେ ପାଖାପାଖି ୩୦୦୦ କାରିଗର ରୁପା ତାରକସି କାମ କରିଥାନ୍ତି ଓ ଉତ୍ପାଦନର ପରିମାଣ ଅଧିକ, ତେଣୁ ଉତ୍ପାଦନ ଖର୍ଚ୍ଚ କମ୍ ? ହୋଇଥାଏ। ଏହି କାରଣରୁ ବଜାରରେ କଟକର ତାରକସିକୁ ଦ୍ରବ୍ୟର ମୂଲ୍ୟ ନେଇ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହି ମୌଳିକ ଅସୁବିଧାକୁ ବାରି ପାରି ୧୯୬୨ ମସିହାରେ ବିଜୁ ବାବୁଙ୍କ ଉଦ୍ୟମରେ 'କଳିଙ୍ଗ ଫିଲିଗ୍ରି କୋଅପରେଟିଭ୍ ? ସୋସାଇଟି' ନାମକ ଏକ ସଂସ୍ଥା ଗଠିତ ହୋଇଥିଲା। ତାରକସି କାରିଗରଙ୍କର ଆର୍ଥିକ ଉନ୍ନତି ଓ ବ୍ୟବସାୟ ପରିସର ବୃଦ୍ଧି କରିବା ଥିଲା ଏଇ ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ। କିନ୍ତୁ, ଏହା ବିଶେଷ ସଫଳ ହୋଇପାରିଲା ନାହିଁ। ସେମିତି ଆଉ ଏକ ମୌଳିକ ଅସୁବିଧା ହେଲା, ଏ ଯାବତ୍ ? କାରିଗରମାନେ ହୁଏତ ନିଜ ଘର ପିଣ୍ଡାରେ କିମ୍ବା ଛୋଟ ପୁରୁଣା ଦୋକାନ ଘରେ ନିଜର କାର୍ଯ୍ୟ ଏବଂ ବ୍ୟବସାୟ ଚଳାଉଛନ୍ତି। କହିବାର ତାତ୍ପର୍ଯ୍ୟ ହେଲା, ଓଡ଼ିଶାର ତାରକସି କଳା ବିଷୟରେ ଅବଗତ ହୋଇ ଯଦି କେ ?ଣସି ପର୍ଯ୍ୟଟକ ତାହା ଦେଖିବାକୁ ଆସନ୍ତି, ତେବେ ତାଙ୍କୁ ଆକର୍ଷିତ କଲା ଭଳି ବା ପ୍ରଲୋଭିତ କଲା ଭଳି ପରିସ୍ଥିତି ସେଠାେ ?ର ମିଳିବ ନାହିଁ। ତେଣୁ ତାରକସି କାମ କରାଯାଉଥିବା ସ୍ଥାନ ଓ ଉତ୍ପା ?ଦକୁ ସୁନ୍ଦର ଭାବେ ପ୍ରଦର୍ଶିତ କରିବା ଲାଗି ବିଶେଷ ମଞ୍ଚ ବା 'ସୋ ରୁମ୍ ?'ର ବ୍ୟବସ୍ଥା ମଧ୍ୟ କରାଯିବା ଉଚିତ। ସେମିତି ଅନ୍ତର୍ଜାତୀୟ ବଜାରରେ କଟକ ତରକସିର କେତେ ଚାହିଦା ରହିଛି କିମ୍ବା ବାର୍ଷିକ ବଜାର ମୂଲ୍ୟର ଆକଳନ ଏ ଯାବତ୍ ? ସରକାରୀ ସ୍ତରରେ ନାହିଁ। ମୂଳ କଥା ହେଉଛି ରାଜ୍ୟର କୌଣସି ଜିନିଷ 'ଜି.ଆଇ. ମାନ୍ୟତା' ପାଇଗଲେ, ତାହା ଅନ୍ତିମ ଓ ସର୍ବଶ୍ରେଷ୍ଠ ଉପଲବ୍ ?ଧି ବୋଲି ବିଚାର କରାଯିବା ଉଚିତ ନୁହେଁ; 'ଜି.ଆଇ. ଟ୍ୟାଗ' ଲାଭ କରିବା ପରେ ସେହି ବିଶେଷତ୍ୱକୁ ଉପଯୋଗ କରି କିଭଳି ବଜାର ସୃଷ୍ଟି କରାଯାଇପାରିବ, ତାହା ହିଁ ଧ୍ୟେୟ ହେବା ଆବଶ୍ୟକ।

ତେଣୁ ରାଜ୍ୟ ସରକାର ଏ ଦିଗରେ ମୁଖ୍ୟତଃ ତିନିଟି ପଦକ୍ଷେପ ନେଇପାରିବେ। ପ୍ରଥମତଃ ଜାତୀୟ ଓ ଅନ୍ତର୍ଜାତୀୟ ବଜାରର ଚାହିଦା ଓ ମୂଲ୍ୟର ଏକ ଆକଳନ କରିବା ଦରକାର, ଯାହା ଫଳରେ କଟକର ତାରକସି କାରିଗରମାନେ ତାରକସି ବଜାରର ଆକାର ବିଷୟରେ ଧାରଣା ପାଆନ୍ତେ। ଉଲ୍ଲେଖ ଥାଉ କି ୧୯୮୦ ମସିହାରୁ ଏ ଯାବତ୍ ? ପାର୍ଲିଆମେଣ୍ଟରେ ତାରକସିକୁ ନେଇ ପଚରା ଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଶାସକ ଦଳଗୁଡ଼ିକ ଦେଇ ପାରିନାହାନ୍ତି। ଦ୍ୱିତୀୟତଃ ଏକ ଉନ୍ନତ ଓ ସଫଳ ବଜାର ଚାନେଲ ମାଧ୍ୟମରେ କଟକ ତାରକସିର ବିଶେଷତ୍ୱ ବିଷୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ତୃତୀୟରେ ତାରକସି କଳାକୁ ଆଗେଇ ନେବା ପାଇଁ ଭବିଷ୍ୟତ ପିଢ଼ିକୁ ପ୍ରୋତ୍ସାହିତ କରାଯିବା ଜରୁରି, ସେଥି ଲାଗି ଆକର୍ଷଣୀୟ ଆର୍ଥିକ ସହାୟତାର ବ୍ୟବସ୍ଥା କରାଯିବା ଆବଶ୍ୟକ।

ଏହି ଆଲୋଚନାକୁ ସମାପ୍ତ କଲାବେଳେ ଓଡ଼ିଆ ଅସ୍ମିତା ଓ ଜାତିର ପରିଚୟବୋଧ ସହିତ ଯୋଡ଼ି ହୋଇ ରହିଥିବା କଟକ ତାରକସି ଶିଳ୍ପ ବିଷୟରେ ଅତୀତର ସାମନ୍ୟ ରୋମନ୍ଥନ କରାଯାଉ। ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ରୂପେ ଓଡ଼ିଶା ସର୍ବପ୍ରଥମେ ଆତ୍ମପ୍ରକାଶ କରିଥିଲା ଏବଂ ଏହି ଉଦ୍ୟମର ପ୍ରମୁଖ ସାରଥି ଉତ୍କଳଗୌରବ ମଧୁସୂଦନ ଦାସ କଟକର ତାରକସି କଳାକୁ ଓଡ଼ିଆଙ୍କ ସକାଶେ ଏକ ପରିଚୟ ବିଭବ ରୂପେ ପ୍ରତିଷ୍ଠା କରିବାକୁ ଚାହିଁଥିଲେ। ମଧୁବାବୁଙ୍କ ଉଦ୍ୟମରେ କଟକ ତାରକସି କଳା ଓ ବ୍ୟବସାୟ ପଥିକୃତ୍ ପ୍ରୟାସ ଓ ତ୍ୟାଗର ଏକ ନିର୍ଦ୍ଦିଷ୍ଟ ସ୍ୱାକ୍ଷର ଛାଡ଼ିଯାଇଛି। ୧୮୯୭ ମସିହା ବେଳକୁ ତାରକସି କଳା ଓ ବ୍ୟବସାୟର ମାନ୍ଦା ଅବସ୍ଥାକୁ ଲକ୍ଷ୍ୟ କରି ଉତ୍କଳଗୌରବ ମଧୁସୂଦନ ନିଜ ପକେଟରୁ ଖର୍ଚ୍ଚ କରି ୧୫୦ ଜଣ କାରିଗରଙ୍କୁ ନେଇ ନିଜ ଘରେ ଏକ କାରଖାନା ବସାଇଥିଲେ, ଯାହା ପରବର୍ତ୍ତୀ ସମୟରେ 'ଉତ୍କଳ ଆର୍ଟ ? ୱାର୍କ ଫ୍ୟାକ୍ ?ଟ୍ରି' ନାମରେ ପରିଚିତି ପାଇଥିଲା। ଏହା ଦ୍ୱାରା କଟକ ତାରକସି ବ୍ୟବସାୟ ପୁଣି ଥରେ ମୁଣ୍ଡ ଟେକିବାକୁ ଲାଗିଥିଲା।

# ବାକ୍ସୁ ବାକ୍ୟବୀର ନ ହେଉ

**ସତ୍ୟନାରାୟଣ ଗନ୍ତାୟତ**

ଜାଣୁ, ଆପଣ ପଚାରିବେ ଯେ ପୁଣ୍ୟ ମାସ ବୋଇଲେ କାର୍ତ୍ତିକ ମାସ ତ ସରିଗଲା, ଏବେ ପୁଣି ଏ ପୁଣ୍ୟ ମାସର ଚର୍ଚ୍ଚା କିଆଁ? କଥା ହେଲା ଆମ ସହରର ନାମ ହେଉଛି ଗଡ଼ଗଡ଼ା ସହର। ଏଠି ଲୋକେ ଧର୍ମପ୍ରାଣ ବୋଲି ଆଖପାଖ ଲୋକେ ଜାଣନ୍ତି। ତେଣୁ, ପୁଣ୍ୟ ମାସ ସରିବାର ଢେର ଦିନ ପରେ ବି ସେ ବାବଦରେ ଗପସପ ଚାଲେ। ଆମେ ଗଡ଼ଗଡ଼ା ସହର ଛାଡ଼ି ଢେର ଦିନ ହେଲାଣି ରାଜଧାନୀରେ ବସା ବାନ୍ଧିଛୁ। କିନ୍ତୁ ସେଠିକାର ସ୍ଥାୟୀ ବାସିନ୍ଦା ପରମ ମିତ୍ର ସତ୍ୟେନ୍ଦୁ ସହିତ ବେଳେବେଳେ ଫୋନାଳାପ ହୋଇଥାଏ। ତ ସତ୍ୟେନ୍ଦୁ ସେ ଦିନ ଫୋନ କରି ପୁଣ୍ୟ ମାସ କଥା କହୁ କହୁ ଆମ ପିଲା ଦିନର କାର୍ତ୍ତିକ ମାସ କଥା କହି ପକାଇଲା। ସେ କହିଲା- ମନେ ପଡୁଛିଟି କେମିତି କାର୍ତ୍ତିକ ମାସ ଆରମ୍ଭ ହେଉ ହେଉ ଆମେ ଜାଣି ଯାଉଥିଲୁ ଯେ ଏଣିକି ଘରର ସଭିଏଁ ସବୁ ଦିନ ଜେଜେମା' ଓ ବୋଉଙ୍କ ପାଇଁ ପ୍ରସ୍ତୁତ ହବିଷ୍ୟାନ୍ନ ଖାଇବେ। ଗୋଟାମୁଗ ସାରୁ ନଡ଼ିଆ କୋରା କନ୍ଦମୂଳାଦି ସହ ଓଉ ଭଳି କିଛି ପରିବା ପଡ଼ି ସିଝା ହୋଇ ବଘରା ନ ହୋଇ ଗୁଆ ଘିଅ ଆଉ ସୈନ୍ଧବ ଲୁଣ ପଡ଼ିଥିବା ଡାଲମା, ସାରୁ ବା କନ୍ଦମୂଳ ବା ନଡ଼ିଆରେ ଅଦା ମିଶା ଦହି ପାଚେଡ଼ି, ଅଗସ୍ତି ଶାଗ ଖରଡ଼ା ଓ ଖଟା କମଳା ଲେମ୍ବୁ ସୈନ୍ଧବ ଲୁଣ ଦଳା ପାଗ ଭଳି ଭୋଜପ, ପୁଣି ମଧ୍ୟାହ୍ନରେ କଦଳୀ ପତ୍ରରେ ବଢ଼ା, ଲାଗୁ ନ ଥିଲା କି ସତରେ ଏଇଟା ଗୋଟିଏ ପୁଣ୍ୟ ମାସ !ଆମେ କହିଲୁ- ଠିକ୍ ? ତ କହିଛୁ, ଏବେ କ'ଣ କାର୍ତ୍ତିକ ମାସ ଆଉ ପୁଣ୍ୟ ମାସ ଭଳି ଲାଗୁନି କି ?ସତ୍ୟେନ୍ଦୁ କହିଲା- ନା'ରେ ଭାଇ ବହୁତ କିଛି ବଦଳି ଯାଇଛି ଗଡ଼ଗଡ଼ା ସହରରେ। ମା' ଓ ମାଉସୀଏ ନିଷ୍ଠାର ସହିତ ପାଳୁଛନ୍ତି ସତ, କିନ୍ତୁ ସେ ଭାବ ଆଉ ନାହିଁ। ଆମର ମନେ ପଡ଼ିଗଲା ଯେ ସତ୍ୟେନ୍ଦୁ ପିଲା ଦିନୁ ଶୁଦ୍ଧ ଶାକାହାରୀ ଏବଂ ଯୋଗକୁ ତା' ପତ୍ନୀ ବି ତା' ଭଳି। କୁକୁଡ଼ା ବଦଳରେ କାକୁଡ଼ି ଓ କଙ୍କଡ଼ା ବଦଳରେ କାଙ୍କଡ଼ ଖାଇ ସେମାନେ ସଦା କାଳେ ଖୁସି। ତେଣୁ ସେ ଓ ତା' ପତ୍ନୀ କାର୍ତ୍ତିକ ମାସ ସାରା ହବିଷ୍ୟାନ୍ନ ଖାଉଥିବେ ନିଶ୍ଚୟ। ତ ପଚାରିଲୁ- କ'ଣ ହେଲା? ତୁ ତ ମାସ ସାରା ହବିଷ୍ୟାନ୍ନ ଖାଇଥିବୁ! ସତ୍ୟେନ୍ଦୁ କହିଲା- ଆରେ ଭାଇ, ପ୍ରତି ମାସ ଗୋଟେ ମନ୍ଦିର ପକ୍ଷରୁ ହବିଷ୍ୟାନ୍ନ ବିକ୍ରି ହୁଏ। ତାକୁ ଆମେ ଦୁଇ ପ୍ରାଣୀ ମଗାଇ ଖାଉଁ। ହେଲେ ଏ ବର୍ଷ ସେ ନନା ମନା କରିଦେଲେ। କାହିଁକି ମନା କରୁଛନ୍ତି ବୋଲି ପଚାରିଲାରୁ ନନାଙ୍କ ପୁଅ କହିଲେ- ଆମେ ଆପଣଙ୍କ ଭଳି ଜଣେ ଦି ଜଣଙ୍କ ପାଇଁ ଏ ଝିଞ୍ଜଟ େ ?ନବାକୁ ଚାହୁଁନୁ। ଏବେ ପରିବାରର ବୁଢ଼ାବୁଢ଼ୀମାନଙ୍କ ଛଡ଼ା ଆଉ କେହି ହବିଷ୍ୟାନ୍ନ ଖାଇବାକୁ ରାଜି ନୁହେଁ। ପରିବାରର ଅନ୍ୟମାନେ ଘରେ ଆଇଁଷ ଖାଇବା ମନା ଥିବାରୁ ବାହାରେ ଖାଉଛନ୍ତି। ତେଣୁ ମା' ମାଉସୀଏ ଯେ ଝା ଘରେ ନିଜ ଲାଗି ଅରୁଆ ଡାଲମା କମଳା ଲେମ୍ବୁ ପାଗ କରି ଚଳାଇ ନେଉଛନ୍ତି। ତେଣୁ ଅଧିକ ଅର୍ଡର ନାହିଁ।ରାଜଧାନୀରେ ରହୁଥିବା ହେତୁ କଥାଟା ଆମକୁ ସେମିତି କିଛି ତା ?ଜୁବ କଲା ଭଳି ଲାଗିଲା ନାହିଁ। କିନ୍ତୁ, ଗଡ଼ଗଡ଼ା ଭଳି ଛୋଟ ସହରରେ ରହୁଥିବା ସତ୍ୟେନ୍ଦୁ ଲାଗି ଏହା ଥିଲା ଏକ ବିରାଟ ଅପଲକ୍ଷଣ! ଆମେ ତା' ପରେ ପଚାରିଦେଲୁ- ହଉ ପୁଣ୍ୟ ମାସ ତ ସରିଗଲା। ଏବେ କହ ଛାଡ଼ଖାଇଟା ତୁମ ସହରରେ କେମିତି ହେଲା ?କଥାଟି ପଚାରି ଜାଣ ବିରୁଡ଼ି ବସାରେ ହାତ ମାରିଦେଲୁ। ଲାଗିଲା ସହସ୍ର ବିରୁଡ଼ି ବିନ୍ଧି ପକାଇବେ। ସେ କହିଲା- ଚୁଲିକି ଯାଉ ଗଡ଼ଗଡ଼ା ଲୋକଙ୍କ ପୁଣ୍ୟ! ମାସ ସାରା ତ ଘରେ ଆଇଁଷ ନ ଖାଇ ବାହାରେ ଖାଉଥିଲେ, ଏବେ ଛାଡ଼ଖାଇକୁ ଲାଗିଲା ସତେ ଯେମିତି କାହିଁ କେତେ କାଳୁ ଆଇଁଷ ଦେଖି ନାହାନ୍ତି। ମାଛ, ଛେଳି ଓ କୁକୁଡ଼ାଙ୍କ ବଂଶ ବୁଡ଼େଇ ଦେଲେ ହୋ! କରିମ୍ ଚାଚାଙ୍କ ପୁଅ ସଲିମ କହୁଥିଲା ଯେ ଏତେ କାଟିବାକୁ ପଡ଼ିଲା ଯେ ବିଚରା ସନ୍ଧ୍ୟାରେ ହାଲିଆ ହୋଇ ଅଚେତ ହେବା ଭଳି ଅବସ୍ଥା। କିନ୍ତୁ ପୁଣ୍ୟ ମାସ ସାରିଥିବା ଲୋକେ କହିଲେ, ବିଶ୍ରାମ ନାହିଁ। ସାଲାଇନ୍ ? ଲଗା ଆଉ ମା ?ଉଁସ କାଟ୍ ?!

ସେ ପଟୁ ସେ ହଠାତ୍ ? ତୁନି ହୋଇଗଲା।

ଏବେ ଆମେ କହିଲୁ- ହଉ, ଯାହା ହେଲା ହେଲା। ତୁ ଏଇ କଥା ସବୁକୁ ଦିହକୁ ନେଏନା। ଯୁଗ ବଦଳୁଛି ଧନ। ଆଗ ଭଳି ମାସେ କାଳ ହବିଷ୍ୟାନ୍ନ ଖାଇ ଆନନ୍ଦିତ ହେବାର ପରିବାରମାନ ନାହାନ୍ତି। ତୁ ଓ ଭାଉଜ ଶୁଦ୍ଧ ଶାକାହାରୀ, ତେଣୁ ତୁମେମାନେ ପୁଣ୍ୟ ମାସରେ ଖୁସି ପାଉଛ। କିନ୍ତୁ ଚିକେନ ଟିକ୍ ?କା କବାବରେ ସ୍ୱର୍ଗସୁଖ ପାଉଥିବା ଅଧିକାଂଶମାନଙ୍କ ଆଖିରେ ତୁମେମାନେ ଏବେ ଏବେ 'କାଟ୍ ?ଲ କ୍ଲାସ୍ ?' ବା ଗୋରୁ ଶ୍ରେଣୀୟ। ତୁମେମାନେ ତୃଣଭୋଜୀ ଆଉ ତୃଣଭୋଜୀଙ୍କ ମାଉଁସରେ ତ ଛାଡ଼ଖାଇ ଭୋଜି ହୁଏ!

କଥାର ଶ୍ଳେଷ ବୁଝିଲା ସତ୍ୟେନ୍ଦୁ କିନ୍ତୁ ଆମେ ବିସ୍ମିତ ହେଲୁ ଯେ ସେ ରାଗି ନ ଯାଇ ହୋ ହୋ ହୋଇ ହସି ଉଠିଲା ଓ କହିଲା ଏବେ କଥା ଭଳି କଥାଟିଏ କହୁଲୁ। ଆମେମାନେ ହିଁ 'କାଟ୍ ?ଲ କ୍ଲାସ୍ ?'। ସୁଧା ମୂର୍ତ୍ତିଙ୍କୁ ଧନ୍ୟବାଦ। ଆମ ଭଳି 'ମଫ'ଙ୍କ ଲାଗି ଗୋଟିଏ ନାଁ ବାହାର କରି ନାହାଁନ୍ତି ଆଉ କ'ଣ! 'କାଟ୍ ?ଲ କ୍ଲାସ୍ ?'।





# ପାର୍କରେ ବୁଲୁବୁଲୁ ହୋଇଗଲେ କୋଟିପତି

ପାର୍କରେ ବୁଲୁ ବୁଲୁ ଚମକିଲା ଭାଗ୍ୟ। ରାତାରାତି କୋଟିପତି ପାଲଟି ଗଲେ ମହିଳା। ଭଗବାନ ଯେବେ ବି ଦିଅନ୍ତି ଛପର ଫାଡି ଦିଅନ୍ତି। ଏହି ଉକ୍ତିଟି ଜଣେ ମହିଳାଙ୍କ ନିକଟରେ ସତ୍ୟ ପ୍ରମାଣିତ ହୋଇଛି। ପାର୍କରେ ବୁଲୁଥିବା ବେଳେ ଜଣେ ମହିଳାଙ୍କୁ ମିଳିଛି ଦୁର୍ଲଭ ହୀରା। କାଲିଫର୍ଣ୍ଣିଆର ଜଣେ ମହିଳାଙ୍କ ଏଭଳି ଭାଗ୍ୟ ଚମକିଛି। ନୋରେନ ୱେଡବର୍ଗ ନାମକ ମହିଳା ଗତ ସେପ୍ଟେମ୍ବର ୨୩ ତାରିଖରେ କ୍ରେଟର ଅଫ ଡାଇମଣ୍ଡସ ଷ୍ଟେଟ ପାର୍କ ବୁଲିବାକୁ ଯାଇଥିଲେ। ସେଠାରେ ସେ ବୁଲିବା ବେଳେ ତାଙ୍କୁ ଅଚାନକ ଏକ ହଳଦିଆ ରଙ୍ଗର ୪.୩୮ କ୍ୟାରେଟ୍‌ର ହୀରା ଖଣ୍ଡ ମିଳିଥିଲା। ନୋରେନ୍‌ଙ୍କୁ ଯେଉଁ ହୀରା ମିଳିଥିଲା ତା'ର ଦାମ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ନୋରେନ ୱେଡବର୍ଗ ନାମକ ମହିଳାଙ୍କୁ ପାର୍କ ଭିତରୁ ହଳଦିଆ ରଙ୍ଗର ହୀରା ମିଳିଛି। ଉକ୍ତ ମହିଳା ଜଣକ କହିଛନ୍ତି, ସେ ଜାଣି ନଥିଲେ ଯେ, ତାଙ୍କ ହାତରେ ଏତେ ଦାମୀ ହୀରା ଲାଗିଛି। ତଳେ ପଡିଥିବା ଏକ ଚକମକ କରୁଥିବା ହଳଦିଆ ରଙ୍ଗର ପଥରକୁ ସେ ଉଠାଇଥିଲେ ବୋଲି କହିଛନ୍ତି। ନୋରେନ ଏହି ହୀରାକୁ ନିଜ ଘରକୁ ନେଇ ଯାଇଛନ୍ତି। ୟୁଏସଏ ଟୁଡେ ମୁତାବକ, ନୋରେନ୍‌ଙ୍କୁ ୧୯୦୬ ପରଠାରୁ ବର୍ତ୍ତମାନର ସବୁଠାରୁ ବ ହୀରା ମିଳିଛି। ୧୯୭୨ରେ "କ୍ରେଟର ଅଫ ଡାଇମଣ୍ଡସ' ଷ୍ଟେଟ ପାର୍କରେ ପରିଣତ ହୋଇଥିଲା। ଏହି ପାର୍କକୁ ସାଧାରଣ ଲୋକେ ଆସି ହୀରା ଖୋଜି ପାରିବେ। ଯଦି ସନ୍ଧାନ ବେଳେ କାହାକୁ ହୀରା ମିଳେ ତେବେ ଉକ୍ତ ବ୍ୟକ୍ତି ସେହି ହୀରାକୁ ନିଜ ପାଖରେ ରଖିପାରିବେ ଏବଂ ଇଚ୍ଛା ଅନୁଯାୟୀ ବିକ୍ରି ମଧ୍ୟ କରିପାରିବେ। ବର୍ତ୍ତମାନ ଯାଏଁ ଏହି ପାର୍କ ଭିତରୁ ପ୍ରାୟ ୭୫,୦୦୦ଟି ହୀର ମିଳିସାରିଲାଣି। ଚଳିତ ବର୍ଷ ହିଁ ଏହି ପାର୍କରୁ ୨୫୮ଟି ହୀରା ମିଳିଥିବା ସୂଚନା ରହିଛି।



# ପ୍ରେସର କୁକୁରକୁ ବାହାହେଲେ ଯୁବକ

ବିବାହ ପୂର୍ବରୁ ଏମିତି କେତେ କଣ ସ୍ୱପ୍ନ ଆଖି ଆଗରେ ଘୁରିବୁଲେ। ଆଉ ତା'ପରେ ବାସ୍ତବ ଜୀବନରେ ସେମିତି ପାଇବାକୁ ମନ ହୋଇଥାଏ। ଏ ସ୍ୱପ୍ନ ପ୍ରତ୍ୟେକ ପୁରୁଷ ତା' ଜୀବନରେ ଦେଖିଥାଏ। ହେଲେ ଏ ଅଜବ ଦୁନିଆରେ ଦେଖିବାକୁ ମିଳିଛି ଏକ ଗଜବ ଘଟଣା। ଜଣେ ଯୁବକ ଲାସ୍ୟମୟୀ ବା ହାସ୍ୟମୟୀଙ୍କ ପାଇଁ ପାଗଳ ହୋଇନାହିଁ। ହୋଇଛି ଏକ ବିଦ୍ୟୁତ ଚାଳିତ ପ୍ରେସରକୁକର ପାଇଁ। କଥାଟି ବିଶ୍ୱାସ ହେଉନଥିଲେ ବି ବାସ୍ତବରେ ଏମିତି ଘଟିଛି। ଜଣେ ଯୁବକ ଏକ ବିଦ୍ୟୁତ ପ୍ରେସର କୁକରକୁ ଜୀବନ ସାଥୀ ଭାବେ ଗ୍ରହଣ କରିଛନ୍ତି। ବିବାହ କରିଥିବା ଏହି ଯୁବକ ଜଣକ ଇଣ୍ଡୋନେସିଆର ଖୋଇରୋଲ ଅମନ ବୋଲି କୁହାଯାଉଛି। ସେ ରୋଷେଇରେ ବ୍ୟବହାର କରୁଥିବା ବିଦ୍ୟୁତ ପ୍ରେସର କୁକରକୁ ବିବାହ କରିଛି। ତାହା ପୁଣି ପାରମ୍ପରିକ ରୀତିନୀତିରେ। ଖୋଇରୋଲ ନିଜେ ଧଳା ରଙ୍ଗର ପୋଷାକ ସେରୱାନୀ ପିନ୍ଧି ଥିବା ବେଳେ ଟୋପି ପିନ୍ଧିଛନ୍ତି। ଆଉ ବେକରେ ପକାଇଛନ୍ତି ମାଳ। ସେ ଧଳା ରଙ୍ଗର ବିଦ୍ୟୁତ ଚାଳିତ ପ୍ରେସର କୁକୁର ଉପରେ ଓଣୀ ପକାଇ କେତେ ବେଳେ ପ୍ରିତିମୟୀ ଚୁମ୍ୱନ ଦେଉଛନ୍ତି ତ ଆଉ କେତେବେଳେ ଆଲିଙ୍ଗନ କରୁଛନ୍ତି, ସତେ ଯେପରି ପ୍ରେମିକାଟିଏ ପରି। ଖୋଇରୋଲ ବିବାହ ପରେ ଏମିତି କିଛି ଆବେଗପୂର୍ଣ୍ଣ ମୁହୂର୍ତ୍ତର ଫଟୋ ସୋଶାଲ ମିଡିଆ ଭାଇରାଲ ହୋଇଛି। ଏପରିକି ସେ ନିଜେ ମଧ ଟ୍ୱିଟରରେ ଏହି ଫଟୋକୁ ସେୟାର୍ କରିଛନ୍ତି। ଆଉ ତା'ପରେ ଲୋକମାନେ ବିନ୍ଦାସ ଭାବେ କମେଂଟ ଦେଉଛନ୍ତି।



# ଲକ୍ଷେ ଟଙ୍କିଆ ଡ୍ରେସ୍

ଦିବଂଗତ ଅଭିନେତ୍ରୀ ଶ୍ରୀଦେବୀ ଓ ଫିଲ୍ମ ମେକର ବୋନି କପୁରଙ୍କ ଝିଅ ଖୁସି କପୁର ଏପର୍ଯ୍ୟନ୍ତ ବଲିଉଡ୍ ସ୍କ୍ରିନ୍‌ରେ ନଜର ଆସିନାହାନ୍ତି। କିନ୍ତୁ କୌଣସି ସେଲିବ୍ରିଟିଙ୍କଠୁ ସେ କମ୍ ନୁହନ୍ତି। ତାଙ୍କୁ ନେଇ ଗ୍ଲାମର ଇଣ୍ଡଷ୍ଟ୍ରିରେ ଖୁବ୍ ଚର୍ଚ୍ଚା। ପ୍ରତିଦିନ ସୋସିଆଲ ମିଡିଆରେ ଖୁସିଙ୍କ ଫଟୋ ଭାଇରାଲ ହେଉଛି। ତାଙ୍କ ଗ୍ଲାମରସ୍ ଅନ୍ଦାଜ୍ ଓ ଫ୍ୟାଶନ୍ ସେନ୍ସ ପ୍ରତିଥର ଫ୍ୟାନ୍‌ଙ୍କ ହୃଦୟ ଜିଣୁଛି। ଏବେ ପୁଣି ଥରେ ତାଙ୍କ ଷ୍ଟାଇଲ୍ ଷ୍ଟେଟ୍‌ମେଂଟ୍ ସଭିଙ୍କ ଆକର୍ଷଣର କେନ୍ଦ୍ର ହୋଇଛି। ଇନ୍‌ଷ୍ଟା ଷ୍ଟୋରୀରେ ଖୁସି ଫଟୋ ଶେୟାର କରିଛନ୍ତି। ଫ୍ୟାଶନ୍ ଡିଜାଇନର ଅର୍ପିତା ମେହେତାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରିଂଟେଡ୍ କୋ-ଅର୍ଡି ସେଟ୍ ସହିତ ଏକ ଗର୍ଜିଅସ୍ ଜ୍ୟାକେଟ୍‌ରେ ସେ ନଜର ଆସିଛନ୍ତି। ପ୍ରିଂଟେଡ୍ ବ୍ରାଲେଟ୍, ଥାଇ-ହାଇ ସ୍କିଟ୍ ସ୍କଟ୍ ଓ ମିରର କାମ ହୋଇଥିବା ଜ୍ୟାକେଟ୍‌ରେ ଖୁସି କୌଣସି ଫ୍ୟାଶନିଷ୍ଟାରଠୁ କମ୍ ଲାଗୁନାହାନ୍ତି। ତେବେ ତାଙ୍କର ଏହି ଡ୍ରେସ୍‌ର ମୂଲ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜାଣି ଆଶ୍ଚର୍ଯ୍ୟ ହେଲେ ଖୁସିଙ୍କ ଏହି ପୋଷାକର ମୂଲ୍ୟ ୧ ଲକ୍ଷ ୨ ହଜାର ଟଙ୍କା। ଏହା ପୂର୍ବରୁ ମଧ୍ୟ ଅନେକଥର ଡିଜାଇନର ଡ୍ରେସ୍ ଜରିଆରେ ଖୁସି ନିଜ ସୌନ୍ଦର୍ଯ୍ୟର ଜଲୱା ଦେଖାଇଛନ୍ତି। କିଛିଦିନ ତଳେ ଡିଜାଇନର ଅନିତା ଡୋଙ୍ଗରେଙ୍କ ପାରମ୍ପରିକ ପୋଷାକ ପିନ୍ଧି ବାନ୍ଧବୀ ଶନାୟା କପୁରଙ୍କ ସହ ଫଟୋ ଶେୟାର କରିଥିଲେ। ଯେଉଁଥିରେ ଖୁସିଙ୍କ ଲୁକ୍ ଖୁବ୍ ସୁନ୍ଦର ହୋଇଥିଲା।





# ବୃଦ୍ଧାଙ୍କୁ ଡରିଗଲା ବାଘ

ବୃଦ୍ଧାଙ୍କୁ ଡରିଗଲା ବାଘ। ବାଘ ସହ ମୁହାଁମୁହିଁ ହେଲେ ବୟସ୍କ ମହିଳା। ସାହସିକତାର ସହ ମୁକାବିଲା କରି କଲରାପତରିଆ। ବାଘକୁ ଡରାଇ ଦେଲେ। ବାଘ ମଧ୍ୟ ମହିଳାଙ୍କୁ ଡରି ଉକ୍ତ ସ୍ଥାନ ଛାଡି ଦୌଡି ପଳାଇଲା। ମୁମ୍ବାଇର ଆରେ ଅଂଚଳରେ ଦେଖିବାକୁ ମିଳିଛି ଏଭଳି ଛାତି ଥରାଇଲାଭଳି ଘଟଣା, ଯାହାର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏକ ଜନବସତି ଅଂଚଳରେ ଘଟିଛି ଏହି ଘଟଣା। ରାତିରେ ୫୫ ବର୍ଷୀୟ ନିର୍ମଳା ଦେବୀ ନାମକ ଜଣେ ବୃଦ୍ଧା ଘରୁ ବାହାରି ତାଙ୍କ ବାରଣ୍ଡାରେ ଆସି ବସିଥିଲେ। ତେବେ ସେଠାରେ ଏକ କଲରାପତରିଆ ବାଘ ପୂର୍ବରୁ ବୁଲୁଥିଲା। ବୃଦ୍ଧାଜଣକ ବାଘକୁ ନେଇ ସାମନ୍ୟତମ ଟେର ପାଇନଥିଲେ। ତେବେ ସେ ବସିବା ପରେ ବାଘଟି ରାତିର ଅନ୍ଧାରର ଫାଇଦା ଉଠାଇ ହଠାତ୍ ତାଙ୍କ ଉପରକୁ ଝମ୍ପି ପଡିଥିଲା। ବାଘର ଆକ୍ରମଣରେ ବୃଦ୍ଧା ଜଣକ ପ୍ରଥମେ ଗଳି ପଡିଥିଲେ ହେଲେ ପରେ ସେ ଉଠିପଡି ଧରିଥିବା ଆଶା ବାଡି ସାହାଯ୍ୟରେ ବାଘଟିକୁ ଘଉଡାଇ ସାହସିକତାର ସହ ମୁକାବିଲା କରିଥିଲେ। ପରେ ବାଘଟି ତାଙ୍କୁ ଡରି ସେଠାରୁ ଦଉଡି ପଳାଇଥିଲା। ବୃଦ୍ଧାଙ୍କ ଚିତ୍କାର ଶୁଣି ଅନ୍ୟ ଲୋକେ ମଧ୍ୟ ଜମା ହୋଇଯାଇଥିଲେ ମିଳିଥିବା ସୂଚନା ଅନୁଯାୟୀ ବୃଦ୍ଧାଙ୍କର ଏଥିରେ ମୁହଁ ଓ ବେକରେ ସାମାନ୍ୟ କ୍ଷତ ହୋଇଥିଲା। ପରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇ ତାଙ୍କର ଚିକିତ୍ସା କରାଯାଇଛି। ଏହି ସମସ୍ତ ଘଟଣାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓଟିକୁ ଦେଖିବା ପରେ କିଛି ଲୋକ ଚକିତ ହୋଇଯାଇଥିବା ବେଳେ ଆଉ କିଛି ଲୋକ ବୃଦ୍ଧାଙ୍କ ସାହସିକତାକୁ ନେଇ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଯେ, ମୁମ୍ବାଇର ଏହି ଅଂଚଳରେ ବାଘ ବୁଲିବା ତୃତୀୟ ଘଟଣା। ଏହାପୂର୍ବରୁ ଏକ କଲରାପତରିଆ ବାଘ ଉକ୍ତ ଅଂଚଳରେ ଏକ ୪ ବର୍ଷ ଶିଶୁ ଉପରେ ଆକ୍ରମଣ କରିଥିଲା। କିନ୍ତୁ ସୌଭାଗ୍ୟବଶତଃ ସ୍ଥାନୀୟ ଲୋକଙ୍କ ସହାୟତାରେ ଶିଶୁଟିର ଜୀବନ ବଂଚି ଯାଇଥିଲା।

# ବାଧିଲା ତେଲ ଦର, ବାଇକକୁ ସାଇକେଲ କରିଦେଲେ ଯୁବକ

ରାତି ପାହିଲେ ବଢୁଛି ପେଟ୍ରୋଲ ଓ ଡିଜେଲ ଦର। ପେଟ୍ରୋଲ ଓ ଡିଜେଲର ଏପରି ମହଙ୍ଗା ମାଡ଼ର ଶିକାର ହୋଇ ଅତିଷ୍ଠ ହେଲେଣି ସାଧାରଣ ଲୋକ। କରୋନା କାଳରେ ଅନେକ ଲୋକ ବେରୋଜଗାର ହୋଇ ଯାଇଥିବା ବେଳେ ବୋଝ ଉପରେ ନଳିତା ବିଡ଼ା ସାଜୁଛି ତେଲ ଦର। ରାତି ପାହିଲେ କର୍ମସ୍ଥଳକୁ ଯିବା ନିମନ୍ତେ ଗାଡ଼ିରେ ତେଲ ପକାଇବାକୁ ପଡ଼େ। ଏହାର ଅହେତୁକ ଦର ବୃଦ୍ଧି ସେମାନଙ୍କୁ ଖୁବ ବାଧୁଛି। ଏପରିକି ଏହା ସାଧାରଣ ଲୋକଙ୍କ ପୂରା ବଜେଟକୁ ଦୋହଲାଇ ଦେଉଛି। ଏଥିପାଇଁ ସାଧାରଣ ଲୋକେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦାୟୀ କରୁଥିଲେ ମଧ୍ୟ ଉଭୟ ପରସ୍ପରକୁ ଦୋଷାରୋପ କରି ଚୁପ ବସୁଛନ୍ତି। ଏପରି ସ୍ଥିତିରେ ତେଲ ଦର ବୃଦ୍ଧିରେ ଅତିଷ୍ଠ ହୋଇ ଜଣେ ଲୋକ ଏପରି ଉପାୟ ବାହର କରିଛନ୍ତି, ଯାହାକୁ ଦେଖି ଆପଣ ବି ଘଂଟେ ଭାବିବେ। ବ୍ୟକ୍ତିଜଣକ ବାଇକ ଚଳାଉଛନ୍ତି, କିନ୍ତୁ ତାହା ତେଲରେ ଚାଲୁନି। ବାଇକରେ ମାରିବାକୁ ପଡ଼େ ପେଡେଲ। ତେଲ ଦରରୁ ମୁକ୍ତି ପାଇବାକୁ ବ୍ୟକ୍ତିଜଣକ ଏପରି ଯୋଗାଡ଼ କରିଛନ୍ତି, ଯାହା ଦେଖି ଜଣେ ହସି ହସି ବେଦମ ହୋଇଯିବ। ତେଲ ପକାଇବାରୁ ବଂଚିବା ନିମନ୍ତେ ବ୍ୟକ୍ତିଜଣକ ଏପରି ଅଭିନବ ଉପାୟ ଆପଣାଇଛନ୍ତି।ଏହି ଭିଡିଓ ଏବେ ସୋଶାଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳିଛି ବ୍ୟକ୍ତିଜଣକ ବାଇକ ଚଳାଉଛନ୍ତି, ହେଲେ ପେଡେଲ ମାରୁଛନ୍ତି। ତେଣୁ ତାଙ୍କ ଗାଡ଼ି ଅଧା ବାଇକ ଓ ଅଧା ସାଇକେଲ। ଏହା ଚଳାଇବା ସାଇକେଲ ପରି, କିନ୍ତୁ ଦେଖାଯିବ ବାଇକ ପରି।





# ମୌଳିକ ସୁବିଧା ରୁ ବଞ୍ଚିତ ଗ୍ରାମବାସୀ

## ବୋରଭଟା ଗ୍ରାମବାସୀ କେବେ ପାଇବେ 'ବସୁଧା'ଯୋଜନା ର ପାଣି





ଭବାନୀପାଟଣା ୧୩/ ୧୨ (ନି.ପ୍ର): ଗଗନ ଚାହିଁ ମୁଣ୍ଡ ଟେକିଛି ସୁଉଚ୍ଚ ପାଣି ଟାଙ୍କି। ସରକାରଙ୍କ ସ୍ଲୋଗାନ ଥିଲା ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବାର ସ୍ୱପ୍ନ ଦେଖୁଥିଲେ ପୂର୍ବ ସରକାର। ଯେଉଁଠି ଲୋକେ ପାଣି ଟିକକ ପାଇବା ପାଇଁ ମାଇଲ ମାଇଲ ବାଟ ଚାଲୁଥିଲେ ସେଠାରେ ଏବେ ହାତ ପାହନ୍ତାରେ ବିଶୁଦ୍ଧ ପାନୀୟ ଜଳ । ଯେଉଁସବୁ ସ୍ଥାନରେ ପ୍ରକଳ୍ପ ହୋଇଥିଲା ସେଠାରେ ଶୁଭାରମ୍ଭର କିଛି ଦିନ କିମ୍ବା କିଛି ମାସ ଠିକ୍ ଠିକ୍ ଠାକ୍ ପରେ ଗଡ଼ବଡ଼ ଆରମ୍ଭ ହୋଇଗଲା। ଲୋକେ ନିୟମିତ ଭାବେ ପାଣି ପାଇ ପାରିଲେ ନାହିଁ । ଏନେଇ ଜନତା ସମ୍ପୃକ୍ତ ବିଭାଗ, ପ୍ରଶାସନ, ନିର୍ବାଚିତ ଜନପ୍ରତିନିଧି, ସରକାର ସମସ୍ତଙ୍କୁ ଅଭିଯୋଗ କଲେ। କେତେକ ସ୍ଥାନରେ ସମସ୍ୟାର ସମାଧାନ ହେଲା ତ ଆଉ କେତେକ ସ୍ଥାନରେ ଯଥା ପୂର୍ବଂ ତଥା ପରଂ ଅବସ୍ଥା ।ପ୍ରତିଦିନ ଗଣ ଗଣମାଧ୍ୟମରେ ଦେଖିବାକୁ ମିଳେ ବସୁଧା ପାଣି ଠିକ୍ ଭାବରେ ପାଇପାରୁ ନାହାଁନ୍ତି ଲୋକେ। ତୃଟି ଉପରେ ତୃଟି। ଏହାର ସ୍ଥାୟୀ ସମାଧାନ ହୋଇ ପାରିନାହିଁ। ଠିକାଦାର ପୋଷା ନିତି ପାଇଁ ବସୁଧାର ଏହି ଅବସ୍ଥା ଠିକ୍ ସେହିପରି ପାନୀୟଜଳ ଯୋଗାଣ ବିଭାଗର ଦୁର୍ନୀତିଗ୍ରସ୍ତ କର୍ମଚାରୀମାନେ ମଧ୍ୟ ପ୍ରତକ୍ଷ୍ୟ କିମ୍ବା ପରୋକ୍ଷ ଭାବେ ସଂପୃକ୍ତ ।ସେହି ସମୟରେ ଅଫିସର ରାଜ୍ ଚାଲିଥିବାରୁ କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବଡ଼ବଡ଼ିଆ ବାବୁ ସବୁ ମାଲାମାଲ ହେଉଥିଲେ। ଅନିୟମିତତା ଓ ଦୁର୍ନୀତିର ପାହାଡ଼ ଉପରେ ଛିଡ଼ା ହେଉଥିଲେ ଦୁର୍ନିତୀଗ୍ରସ୍ତ ଯନ୍ତ୍ରୀ ଓ ଠିକାଦାର। ସମସ୍ତ ଠିକାଦାର, ଯନ୍ତ୍ରୀ, ଅଫିସର ଦୁର୍ନୀତିଗ୍ରସ୍ତ ନଥିଲେ। ଅନେକ ସଚ୍ଚୋଟ ଥିଲେ ଯେଉଁଥିପାଇଁ ଆଜି ପର୍ଯ୍ୟନ୍ତ କେତେକ ଯାଗାରେ ଠିକ୍ ଠାକ୍ ଚାଲିଛି ପାନୀୟଜଳ ଯୋଗାଣ ଓ ଲୋକେ ପୂର୍ବ ସରକାର ଏବଂ ବିଭାଗୀୟ ଅଧିକାରୀମାନଙ୍କ ଗୁଣଗାନ ମଧ୍ୟ କରୁଛନ୍ତି। ଯେଉଁଠି ଟାଙ୍କି ଅଛି, ପାଇପ ବିଛା ହୋଇଛି, ଠିକାଦାର ବିଲ୍ ପାଇ ସାରିଛନ୍ତି, ଘର ଦୁଆର ମୁହଁରେ ଟେପ୍ ଅଛି କିନ୍ତୁ ଲୋକେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି ସେଠାରେ ନିଶ୍ଚିତ ଭାବରେ ଅନିୟମିତତା ହୋଇଛି। ନହେଲେ ଏତେ ବ୍ୟବସ୍ଥା ପରେ ବି ପାଣି ମୁନ୍ଦାକ ପାଇଁ ଜନସାଧାରଣ ଏତେ ଡହକ ବିକଳ ହେଉନଥାନ୍ତି। ତେଣୁ ବର୍ତ୍ତମାନର ସରକାର ପାନୀୟ ଜଳଯୋଗାଣ ବ୍ୟବସ୍ଥାକୁ ଠିକ୍ ଭାବରେ ପରିଚାଳିତ କରିବା ସହ ଯଦି ଏଥିରେ କୌଣସି ପ୍ରକାରର ଦୁର୍ନୀତି କିମ୍ବା ଅନିୟମିତତା ହୋଇଛି ତେବେ ତାହାର ତଦନ୍ତ କରାଇବା ଜରୁରୀ। ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। ଯଦି ଏହା ବ୍ୟବସ୍ଥିତ ଭାବେ ହୋଇ ନପାରିଲା ତେବେ ଜନତା ବିଧି ବ୍ୟବସ୍ଥା ଉପରକୁ ଆଙ୍ଗୁଳି ନିର୍ଦ୍ଦେଶ କରନ୍ତି ।ସେହି ଭଳି ଭବାନୀ ପାଟଣା ବ୍ଲକ ଅନ୍ତର୍ଗତ କାମଠନା ଗ୍ରାମ ପଞ୍ଚାୟତ ଅଧିନସ୍ଥ ବୋରଭଟା ଗ୍ରାମରେ ପୂର୍ବତନ ବିରୋଧି ଦଳ ନେତା ଓଡ଼ିଶା ବିଧାନସଭା ତଥା ଭବାନୀ ପାଟଣା ସଦର ବିଧାୟକ ଶ୍ରୀପ୍ରଦୀପ୍ତ କୁମାର ନାଏକ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ନମିତାରାଣୀ ସାହୁ, ପୂର୍ବତନ ଭବାନୀ ପାଟଣା ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତି ସଂତୋଷିନି ଦାସ,ପୂର୍ବତନ ସମିତି ସଭ୍ୟା ଶ୍ରୀମତି ହିମାଦ୍ରୀ ଛତ୍ରିଆ ଓ ପୂର୍ବତନ ସରପଞ୍ଚ କାମଠନା ଗ୍ରାମ ପଞ୍ଚାୟତ ଶ୍ରୀମତି ସଞ୍ଜିତା ଦୁର୍ଗା ପ୍ରମୁଖ ଉପସ୍ଥିତ ରହି ଆଜିକୁ ତିନି ବର୍ଷ ପୂର୍ବେ ତାରିଖ ୨୩.୧୨.୨୦୨୧ ଦିନ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ, କିନ୍ତୁ ଅତିଦୁଃଖର ବିଷୟ ତିନିବର୍ଷରୁ ଉର୍ଦ୍ଧ ହେବ ବସୁଧା ଯୋଜନା କାର୍ଯ୍ୟକାରୀ ହେଇ ନାହିଁ, କେବଳ ପାଇପ ବିଛେଇ କାମ ସହ କିଛି ଘର ଆଗରେ ଷ୍ଟାଣ୍ଡ ପଏଣ୍ଟ କରାଯାଇଛି। ବିଭାଗୀୟ ଅଧିକାରୀ ମାନଙ୍କୁ ଯୋଗାଯୋଗ କଲେ ଫୋନ ଉଠାଇ ନାହାଁନ୍ତି କି ସନ୍ତୋଷଜନକ ଉତ୍ତର ଦେଉ ନାହାଁନ୍ତି ତଥା ଠିକା ନେଇଥିବା ସଂସ୍ଥା ମଧ୍ୟ ନିରବ ଦ୍ରଷ୍ଟା। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଜଳ ଯୋଗାଣ ବିଭାଗ ତତ୍ପରତା ଦେଖାଇ ଅଧା ରହିଥିବା କାମକୁ ସମ୍ପୂର୍ଣ୍ଣ କରି ଯଥା ଶୀଘ୍ର ଜଳ ଯୋଗାଣ କଲେ ସୁବିଧା ପାଇବେ ବୋରଭଟା ଗ୍ରାମବାସୀ।

## ସପ୍ତ ଦିବସୀୟ ଭାରତୀୟ ଭାଷା ଉତ୍ସବ ପାଳିତ

ବେଲଗୁଣ୍ଠା ୧୩/ ୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଓ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ନିର୍ଦ୍ଦେଶ ପ୍ରକାରେ ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଗାଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବହୁ ଆଡମ୍ବର ସହକାରେ ଭାରତୀୟ ଭାଷା ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ରାଣୀ ଦାଶ ଙ୍କ ତତ୍ତ୍ୱାବଧାନରେ ରେ ପାଳିତ ହୋଇଯାଇଛି ।ମହା କବି ସୁବ୍ରମଣ୍ୟମ୍ ଭାରତୀ ଙ୍କ ଜନ୍ମ ବାର୍ଷିକୀ ଅବସରରେ ଚଳିତ ବର୍ଷର ବିଷୟ ବସ୍ତୁ ରହିଥିଲା 'ଭାଷା ମାଧ୍ୟମରେ ଏକତା' ।ପ୍ରଥମ ଦିବସରେ ପ୍ରକୃତି ଏବଂ ପରିବେଶ ଉପରେ ଗୀତ ଆବୃତ୍ତି,ଦ୍ୱିତୀୟ ଦିବସରେ ବିଭିନ୍ନ ରାଜ୍ୟର ଖାଦ୍ୟ ପ୍ରଦର୍ଶିତ,ତୃତୀୟ ଦିବସରେ ପ୍ରସିଦ୍ଧ କବି ଓ ଲେଖକଙ୍କ ସାହିତ୍ୟକୃତି ସମ୍ପର୍କରେ ଆଲୋଚନା,ଚତୁର୍ଥ ଦିବସରେ ସାଂପ୍ରତିକ ସମାଜରେ ଚାଲିଥିବା କୁଶିକ୍ଷା ଦୂର ପାଇଁ ସ୍ଲୋଗାନ୍,ପଞ୍ଚମ ଦିବସରେ ଦ୍ୱିଭାଷୀୟ ଗୀତ ଆବୃତ୍ତି,ଷଷ୍ଠ ଦିବସରେ ଭାଷା ମିତ୍ର ଭାବେ ଶିକ୍ଷାର୍ଥୀ ମାନେ ବିଭିନ୍ନ ଭାଷାରେ ନିଜର ପରିଚୟ ପ୍ରଦାନ ଏବଂ ଅନ୍ତିମ ତଥା ସପ୍ତମ ଦିବସରେ ବିବିଧତା ମଧ୍ୟେ ଏକତାକୁ ନେଇ ଶିକ୍ଷାର୍ଥୀ ମାନେ ବିଭିନ୍ନ ରାଜ୍ୟର ପୋଷାକ ପରିଧାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସ୍ମିତା ନାୟକ,ଦିପା ପ୍ରଧାନ,ପିଙ୍କି ଦଳାଇ,ଅଳକା ମହାପାତ୍ର,ଶିକ୍ଷକ ଆକୁଳ ସାହୁ,ନାରାୟଣ ସାହୁ,ପ୍ରକାଶ ଚନ୍ଦ୍ର ଗୌଡ,ସତ୍ୟ ନାରାୟଣ ପ୍ରଧାନ, ସନିତ୍ କୁମାର ଜେନା ଓ ଶିବରାମ ମହାନ୍ତି ସହଯୋଗ କରିଥିଲେ ।ବ୍ଲକ ର ଅନ୍ୟ ବିଦ୍ୟାଳୟରେ ମଧ୍ୟଏହି ଭାଷା ଦିବସ ପାଳନ କରାଯାଇଥିଲା ।

## ଔଷଧ ଦୋକାନୀର ଭୁଲ ଇଞ୍ଜେକସନ ଯୋଗୁଁ ଦଶମ ଛାତ୍ରର ମୃତ୍ୟୁ ଅଭିଯୋଗ

ପାଟଣା ୧୩/ ୧୨ (ନି.ପ୍ର): ପାଟଣା ଥାନା ଅଞ୍ଚଳ ସାହାରପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ଦଶମ ଶ୍ରେଣୀ ରେ ପଢୁଥିବା ଜଣେ ଆଦିବାସୀ ଛାତ୍ର ର ଅଭାବନୀୟ ଘଟଣା କ୍ରମରେ ମୃତ୍ୟୁ ଘଟିବା ଅଞ୍ଚଳ ରେ ଚର୍ଚ୍ଚା ର ପ୍ରସଙ୍ଗ ହୋଇଛି । ଜଣେ ଔଷଧ ଦୋକାନୀ ନକଲି ଡାକ୍ତର ସାଜି ଭୁଲ ଇଞ୍ଜେକସନ ଦେଇ ଜଣେ ଛାତ୍ର ର ଜୀବନ ନେଇଥିବାର ଅଭିଯୋଗ ଖୋଦ ତାଙ୍କ ପିତା କରିଛନ୍ତି । ଭୁଲ ଇଞ୍ଜେକସନ ଦେବାର ମାତ୍ର ୪ମିନିଟ ଭିତରେ ଛାତ୍ର ବାନ୍ତି କରି ସଂଜ୍ଞାହୀନ ହୋଇ ମୃତ୍ୟୁବରଣ କରିଥିଲା । ଘଟଣାରୁ ପ୍ରକାଶ ଯେ କେନ୍ଦୁଝର ଜିଲ୍ଲା ପଣ୍ଡାପଡା ଗ୍ରାମର ବିଜୟ କୁମାର ମୁଣ୍ଡା ଙ୍କ ପୁଅ ଶୁକଦେବ ମୁଣ୍ଡା (୧୫) ପାଟଣା ଥାନା ଅଞ୍ଚଳ ସାହାରପଡା ର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦଶମ ଶ୍ରେଣୀରେ ପାଠ ପଢୁଥିଲା । ହଷ୍ଟେଲ ରେ ରହି ପଢୁଥିବାବେଳ ତାର କାଛୁ ଓ କୁଣ୍ଡିଆ ଭଳି ଡିଆଁ ରୋଗ ଦେଖାଦେଇଥିଲା । ଶିକ୍ଷକ ମାନେ ବିଜୟ ମୁଣ୍ଡା କୁ ଡାକି ପୁଅର ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ । ଆଜି ବିଜୟ ମୁଣ୍ଡା ସାହାରପଡା ର ଏକ ଔଷଧ ଦୋକାନକୁ ପୁଅ କୁ ନେଇଥିଲା ଓ କାଛୁ ପାଇଁ ମଲମ ମାଗିଥିଲା । ଦୋକାନୀ ଜଣକ ଶୁକଦେବ କୁ ମଲମ ଦେବା ସ୍ଥାନରେ ଏକ ଭୁଲ ଇଞ୍ଜେକସନ ତା ହାତ ସିରାରେ ଦେବା ସହ କାଛୁ କୁଣ୍ଡିଆ ଛାଡ଼ିଯିବ ବୋଲି କହିଥିଲା । ଇଞ୍ଜେକସନ ନେବା ମାତ୍ରେ ୩ ରୁ ୪ମିନିଟ ଭିତରେ ଶୁକଦେବ ବାନ୍ତି କରିଥିଲା ଓ ପରେ ସଂଜ୍ଞାହୀନ ହୋଇପଡ଼ିଥିଲା ।ତାକୁ ରୋଗୀଜାନ ଯୋଗେ ତୁରନ୍ତ କରଞ୍ଜିଆ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଛାତ୍ର ଜଣକୁ ଡ଼ାକ୍ତରଖାନା କୁ ଆସିବା ପୂର୍ବରୁ ମୃତ ଘୋଷଣା କରିଛନ୍ତି । ସାହାରପଡ଼ା ପୁଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଶବ ବ୍ୟବଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁ ର କାରଣ ଜଣାପଡିବ ବୋଲି କୁହାଯାଇଛି ।

## ନେଟଙ୍ଗା ସବୁଜ ବାହିନୀର ଅନନ୍ୟ କାର୍ଯ୍ୟକ୍ରମ



ବେଲଗୁଣ୍ଠା ୧୩/ ୧୨ (ନି.ପ୍ର): ଗୁରୁବାର ମା' ଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ ପ୍ରକୃତି ସଂରକ୍ଷଣ କଥାରେ ଅଛି ସ୍ୱଚ୍ଛତା ହିଁ ସେବା, ସ୍ୱାସ୍ଥ୍ୟ ହିଁ ସମ୍ପଦ। ପରିବେଶ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ରହିଲେ ରୋଗମୁକ୍ତ ପରିବେଶ ତିଆରି ହୋଇପାରିବ ତଥା ସଂପୂର୍ଣ୍ଣ ଜୀବଜଗତ ସୁସ୍ଥ ସବଳ ରହିପାରିବେ। ଏକ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ତଥା ସୁସ୍ଥ ପରିବେଶ ସୃଷ୍ଟି ଲକ୍ଷ ନେଇ ଅଣ୍ଟା ଭିଡିଛନ୍ତି ନେଟଙ୍ଗା ଗ୍ରାମରେ ଗଢ଼ି ଉଠିଥିବା ନେଟଙ୍ଗା ସବୁଜ ବାହିନୀ ଏବଂ ନେଟଙ୍ଗା ଗ୍ରାମବାସୀ। ଆଜି ମାର୍ଗଶିର ମାସ ପବିତ୍ର ଶେଷ ଗୁରୁବାର ବା ମାଣବସା ଲକ୍ଷ୍ମୀ ପୂଜା। ଓଡ଼ିଶାର ପୁରପଲ୍ଲୀ, ସହର ଓ ନଗରର କୋଣ ଅନୁକୋଣରେ ବସବାସ କରୁଥିବା ପ୍ରତ୍ୟେକ ଓଡିଆଙ୍କ ଏହା ଏକ ପବିତ୍ର ପୂଜା ଉତ୍ସବ। ବର୍ଷକୁ ଥରେ ଜମିରେ ଚାଷ କରାଯାଇଥିବା ଧାନ ଫସଲ ଅମଳ ସମୟରେ ଏହି ପୂଜା ଅନୁଷ୍ଠିତ ହୋଇଥାଏ। ମା'ଙ୍କ ପୂଜାର୍ଚ୍ଚନା ସମୟରେ ଧାନରେ ପ୍ରସ୍ତୁତ ହୋଇଥିବା ଧାନ ଶିଷାର ମାଳ ବା ଧାନମେଣ୍ଟା ବ୍ୟବହୃତ ହୋଇଥାଏ। ଓଡ଼ିଆ ମାନଙ୍କର ପ୍ରତ୍ୟେକ ପୂଜା ପାର୍ବଣ ପ୍ରକୃତି ସହ ସଂପର୍କିତ ତଥା ଜଡ଼ିତ ଏବଂ ପ୍ରାୟ ସମସ୍ତ ପୂଜା ରେ ବିଭିନ୍ନ ପ୍ରକାରର ବୃକ୍ଷ ତଥା ବୃକ୍ଷ ର ପତ୍ର, ଫୁଲ, ଫଳ ଏବଂ ବୃକ୍ଷ ରୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ପଦାର୍ଥ ଆବଶ୍ୟକ ପଡିଥାଏ। କହିବାକୁ ଗଲେ ପ୍ରକୃତି ମାତା ହିଁ ସବୁ ପୂଜା ର ମୂଳରେ ରହିଥାନ୍ତି ଅର୍ଥାତ୍ ପ୍ରକୃତି ମାତାଙ୍କ ପୂଜା ଅର୍ଚ୍ଚନା ହିଁ ସର୍ବ ଦେବଦେବୀଙ୍କ ପୂଜା। ପ୍ରକୃତି ମାତା ଶାନ୍ତ ହେଲେ ସବୁ ଦେବାଦେବୀ ସନ୍ତୁଷ୍ଟ ହୋଇଥାନ୍ତି। ସେହି କ୍ରମରେ ଅଶାନ୍ତ ପ୍ରକୃତି ଅଥବା ପରିବେଶ କୁ ଶାନ୍ତ କରିବା ଲକ୍ଷ୍ୟ ନେଇ ଆଜି ନେଟଙ୍ଗା ସବୁଜ ବାହିନୀ ବୃକ୍ଷ ଚାରା ରୋପଣ, ବୃକ୍ଷ ସୁରକ୍ଷା ଅଭିଯାନ ଏବଂ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ କରିଛନ୍ତି। ପ୍ରକୃତି ବନ୍ଧୁ ତଥା ବିଜ୍ଞାନ ଶିକ୍ଷକ ଦ୍ୱିତୀକୃଷ୍ଣ ଲେଙ୍କାଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାଧବ ନାୟକ, ପ୍ରଶାନ୍ତ ତ୍ରିପାଠୀ, ରଞ୍ଜିତ ପାତ୍ର, ରାଜେନ୍ଦ୍ର ଲେଙ୍କା, ପ୍ରହଲ୍ଲାଦ ଲେଙ୍କା, ନବ ପାତ୍ର, ପ୍ରଫୁଲ୍ଲ ନାୟକ, ବସନ୍ତ ନାୟକ, ବିଜୟ ଲେଙ୍କା, କାର୍ତ୍ତିକ ନାୟକ, ସଂଗ୍ରାମ ଲେଙ୍କା, ନିହାର ରଞ୍ଜନ ବିଶ୍ୱାଳ, ରବୀନ୍ଦ୍ର ପ୍ରଧାନ, ଶୁଭମ୍ ଯେନା, ଟୁଲୁ ଲେଙ୍କା, ବୁଲୁ ଲେଙ୍କା, କୁମର ନାୟକ, ବାଞ୍ଛାନିଧି ଲେଙ୍କା, ପୂର୍ଣ୍ଣ ସାମଲ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଏବଂ ନେଟଙ୍ଗା ଗ୍ରାମର ଟ୍ୟୁସନର ଛାତ୍ରଛାତ୍ରୀ ତଥା ମହିଳାମାନେ ଅଂଶଗ୍ରହଣ କରି ସାହାଯ୍ୟ ଓ ସହଯୋଗ ଥିଲେ। ପ୍ରକାଶ ଥାଉକି, ନେଟଙ୍ଗା ସବୁଜ ବାହିନୀ ବର୍ଷର ପ୍ରତ୍ୟେକ ପର୍ବପର୍ବାଣୀ, ଜାତୀୟ ଦିବସ, ଜାତୀୟ ଉତ୍ସବ ତଥା ଉତ୍ସାହୀ ଓ ଆଗ୍ରହୀ ବ୍ୟକ୍ତିଙ୍କ ପରିବାରଜନଙ୍କ ଜନ୍ମୋତ୍ସବ, ଶ୍ରାଦ୍ଧବାର୍ଷିକୀ, ବିବାହ ଉତ୍ସବ ଓ ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟରେ ବୃକ୍ଷ ଚାରା ରୋପଣ ଭଳି ମହତ୍ କାର୍ଯ୍ୟ କରିଥାନ୍ତି।

## କର୍ଲାମୁଣ୍ଡା ବ୍ଲକ ବିକାଶ ପରିଷଦ ତରଫରୁ କୃଷକ ହକ ପାଇଁ ଗଣଧାରଣା




କର୍ଲାମୁଣ୍ଡା ୧୩/ ୧୨ (ନି.ପ୍ର): ବର୍ତ୍ତମାନ ସମଗ୍ର କଳାହାଣ୍ଡି ଜିଲ୍ଲା ରେ ଧାନ ମଣ୍ଡୀ ଆରମ୍ଭ ହୋଇଯାଇଛି। କିନ୍ତୁ ଘରେ ନ ପଶୁଣୁ ଚାଲ ବାଜିବା ଆରମ୍ଭ ହୋଇଯାଇଛି। ପ୍ରାୟ ଅନେକ ଧାନମଣ୍ଡୀ ରେ ବିବାଦ ଦେଖା ଯାଇଛି। ସେହିଭଳି କର୍ଲାମୁଣ୍ଡା ବ୍ଲକ ର ସମସ୍ତ ପଂଚାୟତ ରେ ଥିବା ଧାନମଣ୍ଡୀ ମାନଙ୍କରେ ମିଲ ମାଲିକ ମାନେ ନିଜ ଏଜେଣ୍ଟ ଜରିଆରେ ଆମେ କଟନୀ ଛଟଣି ବାବଦ ୫ ରୁ ୭ କେଜି ଧାନ କାଟିଲା ପରେ ଧାନ ଉଠିବ ବୋଲି ଚାଷୀ ମାନଙ୍କୁ ଖୋଲା ଖୋଲି କହୁଥିବା ଅଭିଯୋଗ ଆସିଛି। ବିନା କଟନୀ ଛଟନୀ ରେ ଧାନ ଉଠିବ ବୋଲି ଡ଼ିଡ଼ିମ ପିଟୁଥିବା ଭାଜପା ସରକାର ପାଇଁ ଏହା ଏକ ଶକ୍ତ ଚାପୁଡ଼ା ବୋଲି ଆଲୋଚନା ହେଉଛି । ଚାଷୀଙ୍କ କହିବାନୁସାରେ ଆମର ଧାନ ସବୁ ମାନ ନିର୍ଧାରଣ କରୁଛି ତେଣୁ ଆମେ କଟନୀ ଛଟଣି କୁ ମାନିବୁନାହିଁ କି ଏହି ମିଲ ମାନଙ୍କୁ ଧାନ ଦେବୁନାହିଁ ବୋଲି ଚାଷୀ ଦୃଢ ବିରୋଧ କରି ପ୍ରତିବାଦ କରିଛନ୍ତି, କର୍ଲାମୁଣ୍ଡା ତାରିଣୀ ମନ୍ଦିର ରୁ ଶହ ଶହ ଚାଷୀ ବିରାଟ ପଟୁଆଲ ରେ ଶୋଭାଯାତ୍ରା ବାହାରି କର୍ଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୀଧେଶ୍ୱର ମେହେର ଙ୍କୁ ଏକ ଦାବିପତ୍ର ଦେଇ ପୁଣି ତହସିଲ ଅଫିସ ପର୍ଯ୍ୟନ୍ତ ଯାଇ ତହସିଲଦାର ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆମେ ୨ ରୁ ୩ କେଜି ପର୍ଯ୍ୟନ୍ତ ଧାନ କଟନୀ ଛଟଣି କଲେ ଆମେ ମାନିବୁ କିନ୍ତୁ ତାଠାରୁ ଅଧିକ ହେଲେ ଆମେ ଚାଷି କୁଳ ସହିପାରିବୁ ନାହିଁ ଏହି ଗଣଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚଲେଇବୁ ବୋଲି କହିଛନ୍ତି। ଆମେ କର୍ଲାମୁଣ୍ଡା ବ୍ଲକର ଜଗଦମ୍ବା, ହରିପ୍ରିୟା ଏବଂ ବାଙ୍କୀ ବିହାରୀ ରାଇସମିଲ ପାଖରେ ଆଦୌ୍ୟା ଧାନ ବିକ୍ରୟ କରିବୁ ନାହିଁ ଏମାନଙ୍କ ବ୍ୟତୀତ ଅନ୍ୟ ମିଲ ଆମ ପ୍ୟାକ୍ସ କୁ ଦିଆଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି। ଆଜି ନର୍ଲା ବିଧାୟକ ଙ୍କ ପ୍ରତିନିଧି ଭାବେ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି ( ମୁନା )ଆସି ଧର୍ମଘଟ କରିଥିବା ଚାଷୀ ଙ୍କୁ ଭେଟି ତାଙ୍କର ଦାବି ଗୁଡିକ ଶୁଣିବା ସହିତ କେମିତି ସମାଧାନ ହୋଇପାରିବା ତାହାର ବିଚାର କରିଥିଲେ। ଚାଷୀଙ୍କ ସହିତ ସବୁବେଳେ ନର୍ଲା ବିଧାୟିକା ଅଛନ୍ତି, ଚାଷୀ ଆମର ପ୍ରାଣକେନ୍ଦ୍ର, ଆମେ ଚାଷୀଙ୍କ ହକ ପାଇଁ ଲଢ଼େଇକରିବୁ ବୋଲି କହିଥିଲେ ମୁନା ମହାନ୍ତି । ସ୍ଥାନୀୟ ତହସିଲଦାର ଅରୁଣ ବର୍ଗେ ଚାଷୀମାନଙ୍କ ଦାବିପତ୍ର ଗ୍ରହଣ କରି ଅଭିଯୋଗ ଆସିଥିବା ରାଇସମିଲ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ମୁଁ ମୋର ଉପରିସ୍ଥ ଅଧିକାରୀ ଙ୍କୁ ଏ ବାବଦରେ ଜଣାଇବି ବୋଲି କହିଥିଲେ । ଏହି ଗଣଧାରଣା ରେ କର୍ଲାମୁଣ୍ଡା ବ୍ଲକ ର ୧୨ ଟି ପଞ୍ଚାୟତ ରୁ ଶହ ଶହ ଚାଷୀ ଯୋଗଦେଇଥିବା ବେଳେ ଆମ ଦାବିପୂରଣ ନହେଲେ ଆନ୍ଦୋଳନ ତୀବ୍ର ହେବବୋଲି ଚାଷୀ ମାନେ ପ୍ରକାଶ କରିଛନ୍ତି।

## ଗ୍ରାମାଞ୍ଚଳ ସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦଘାଟିତ : ବାରଖମା ଦଳ ବିଜୟୀ

ବାଲିଗୁଡା ୧୩/ ୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ମିଡିଆକିଆ ସ୍ଥିତ ବ୍ଲୁ ଷ୍ଟାର କମିଟି ଆନୁକୂଲ୍ୟରେ ଗୁରୁବାର ଗ୍ରାମାଞ୍ଚଳ ସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଲିଗୁଡା ୱାର୍ଡ଼ ନଂ. ୮ର ବିଜେପି ସଭାପତି ଆଶିଷ କୁମାର ମହାପାତ୍ର ଯୋଗ ଦେଇ ଦୀପ ଧୂପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନର ଉଦଘାଟନୀ ମ୍ୟାଚ ବାରଖମା ସହିତ ସପେଲି ଗ୍ରାମ ମଧ୍ୟରେ ଆୟୋଜିତ ହୋଇଥିଲା, ଏଥିରେ ବାରଖମା ଦଳ ବିଜୟୀ ହୋଇଥିଲେ। ଏହି ଟୁର୍ନାମେଣ୍ଟରେ ଆଖପାଖ ଅଞ୍ଚଳ ର ୧୪ ଟି ଟିମ ଅଂଶ ଗ୍ରହଣ କରୁଥିବା ବେଳେ ବିଜେତା ଦଳକୁ ୨୦ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ୧୫ ହଜାର ଟଙ୍କା ପ୍ରଦାନ କରାଯିବ, ଏବଂ ଏହାର ଫାଇନାଲ ଖେଳ ୧୮ ତାରିଖରେ ଆୟୋଜିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି । ଏଥିରେ କମିଟିର ଅମୁଲ୍ୟ ନାୟକ, ଅରୁଣ ନାୟକ, ବୁଲୁ ନାୟକ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ୨୫ଲକ୍ଷରେ ନିର୍ମାଣ ଭେଣ୍ଡିଙ୍ଗ ଯୋନକୁ ଭାଙ୍ଗିବା ପାଇଁ ଚାଲିଛି କୁଚକ୍ରାନ୍ତ

## କୋଦଳା ଏନ. ଏ. ସି ର ମାରି ଖାଇବା ନୀତି



କୋଦଳା ୧୩/ ୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା କୋଦଳା ଏନ.ଏ. ସି ରେ ଚାଲିଛି ମାରି ଖାଇବା ନୀତି ।ଏଇ କଥା ଆମେ ଏଥି ପାଇଁ କହୁଚୁ କି ସମୟ ବଦଳି ଯାଇଛି ଇତି ମଧ୍ୟରେ ସରକାର ମଧ୍ୟ ବଦଳିଯାଇଛନ୍ତି ପୂର୍ବ ସରକାର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମୁକ୍ତା ଯୋଜନା ଆରମ୍ଭ କରିଥିଲେ ।ସେହି ଯୋଜନାରେ କୋଦଳା ଏନ.ଏ. ସି ଠାରେ ଥିବା ପୁରୁଣା ମାଛ ବଜାର ନିକଟରେ ୧୨ଗୋଟି ଓ ମେଡିକାଲ ଛକ ନିକଟରେ ୧୬ଗୋଟି ଭେଣ୍ଡିଙ୍ଗ ଜୋନ ନିର୍ମାଣ କରାଯାଇଥିଲା ପ୍ରାୟ ୨୫ଲକ୍ଷ୍ୟ ଟଙ୍କା ବିନିମୟରେ ହୋଇଥିଲା ।ଯାହାକୁ ନିଜେ ଅଧକ୍ଷ ଆପୃତ୍ତ କରିଥିଲେ ଗୋଟିଏ କାମ ସରିବାର ପ୍ରାୟ ଦୁଇ ବର୍ଷ ଓ ଆଉ ଏକ କାମ ସାରିବାର ଆଠମାସ ବିତି ଯାଇ ଥିଲେ ମଧ୍ୟ ଏଯାବତ କାହାରିକୁ ଭଡାରେ ଦିଆ ଗଲାନାହିଁ ଏବେ ଏମିତି କଣ ହୋଇଛି କି ଯାହା ଫଳରେ ସେହି ଘରକୁ ଭାଙ୍ଗିବା ଲାଗି ଷଡଯନ୍ତ୍ର କରୁଛନ୍ତି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ ବୋଲି ସଂଗୀନ ଅଭିଯୋଗ ଆଣି ଛନ୍ତି କାଉସିଲର ଭଗବାନ ପାଢ଼ୀ ।ପ୍ରକାଶ ଥାଉକି ବିଭିନ୍ନ ସମୟରେ ଏନ. ଏ. ସି ର ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତଳନ କରି ଆସୁଛନ୍ତି ଶ୍ରୀ ପାଢ଼ୀ। କିଛି ଦିନ ତଳେ ବେ ନିୟମ ଭାବରେ ୬୨ଟେଣ୍ଡର ବାହାର କରାଯାଇଥିଲା ସେଥି ମଧ୍ୟରୁ କିଛି କାମ ଆଗରୁ ସରିଯାଇଥିଲା ଯାହାର ପ୍ରତିବାଦ ମଧ୍ୟ ଶ୍ରୀପାଢ଼ୀ କରିଥିଲେ ।ଫଳରେ ସେଇ କାମକୁ ବାତିଲ କରିବାକୁ ବାଧ ହୋଇଥିଲେ ଅଫିସର । ଏଣୁ ଗଞ୍ଜାମ ଜିଲ୍ଲାପାଳ ଙ୍କୁ ଶ୍ରୀ ପାଢ଼ୀ ନିବେଦନ କରିଛନ୍ତି କି ଏକ ନିର୍ଦ୍ଦେଶ ନାମା ଜାରି କରନ୍ତୁ ନିର୍ମାଣ ହୋଇଥିବା ଘରକୁ ନ ଭାଙ୍ଗି ଭଡାରେ ଦିଆ ଯାଉ ଯାହା ଫଳରେ ୨୮ଟି ପରିବାର ଛୋଟ ଛୋଟ ବେପାର କରି ନିଜ ଜୀବିକା ନିର୍ବାହ କରିବା ସହିତ ସ୍ୱାବଲମ୍ବୀ ମଧ୍ୟ ହୋଇ ପାରିବେ ।

## ରାମପୁର ଥାନାରେ ଆଦିବାସୀ ସମ୍ପ୍ରଦାୟଙ୍କୁ ଉଦେଶ୍ୟମୂଳକ ଭାବରେ ଧମକ ଦେଉଛନ୍ତି ମହିଳା ଆଇ ଓ

ନର୍ଲା ୧୩/ ୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ମ ରାମପୁର ଥାନା ଅନ୍ତର୍ଗତ ମୋହନ ଗିରି ଅଞ୍ଚଳର ଶିରର୍କିହେଜୁ ଗାଁ ରେ କିଛି ଦିନ ତଳେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ମାରପିଟ୍ ହୋଇଥିଲା ଥାନାରେ ମାମଲା ପରେ ତିନି ଅଭିଯୁକ୍ତ ଙ୍କ ନାଁ ରେ ରାମପୁର ଥାନାରେ କେସ ରୁଜୁ ହୋଇଥିଲା ଅଭିଯୁକ୍ତ ମାନେ ବେଲ ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ର ଦ୍ୱାରସ୍ଥ ହୋଇଥିଲେ ଏବଂ ଅଭିଯୁକ୍ତ ତିନିଜଣଙ୍କୁ ଉଚ୍ଚ ନ୍ୟାୟାଳୟ ବେଳନମ୍ବର ଇଇଖଇଚଖ୧୧୯୬୦/ ୨୦୨୪ ମଧ୍ୟବର୍ତ୍ତୀ କାଳୀନ ବେଲ ପ୍ରଦାନ କରିଛନ୍ତି କିନ୍ତୁ ମ.ରାମପୁର ଥାନାର ଉକ୍ତ କେସ ର ଆୟୋ ଜଣେ ମହିଳା ସବ ଇନ୍ସପେକ୍ଟର ବେଲ ପାଇଥିବା ତିନିଜଣ ଅଭିଯୁକ୍ତ ଙ୍କୁ ବାରମ୍ବାର ଥାନାକୁ ଡ଼ାକି ହଇରାଣ ହରକତ କରୁଥିବା ଅଭିଯୋଗ ହୋଇଛି ଏପରିକି ଅଭିଯୁକ୍ତ ଙ୍କୁ ତାଙ୍କର ବ୍ୟକ୍ତିଗତ ବ୍ୟବସାୟ ର ଟ୍ରାକ୍ଟର ର ଋଣ କିସ୍ତି ଆଉ ଛଅ ମାସ ବାନ୍ଧି ପାରିବୁନି ବୋଲି ଧମକ ଦେଉଛନ୍ତି ।ସେ ବେଲ ରେ ଆସିଥିବା ତିନି ଜଣକୁ ପୁଣି ଥରେ ତମମାନଙ୍କ ବେଲ ମୁଁ କ୍ୟାନସଲ କରିଦେବି ଆଉ ତମେ ବାପା ପୁଅ ସବୁ ଯାଇ ପୁଣି ଜଙ୍ଗଲ ରେ ଲୁଚିବ ବୋଲି ସେମାଙ୍କୁ ଥାନା କୁ ଡାକି ଧମକ ଦେଉଛନ୍ତି ।ଏହି ମହିଳା ପୋଲିସ ଅଧିକାରୀଣୀ ଜଣକ ଦବଙ୍ଗ ଗିରି ରାମପୁର ଥାନାରେ ଦିନକୁ ଦିନ ବଢି ଚାଲିଥିବା ସାଧାରଣ ରେ ଅଭିଯୋଗ ହେଉଛି ବର୍ତ୍ତମାନ ରାଜ୍ୟରେ ପରିବର୍ତ୍ତିତ ବିଜେପି ସରକାର ଚାଲିଥିବା ବେଳେ ଲୋକଙ୍କୁ ସମ୍ମାନ ମିଳିବା ପରିବର୍ତ୍ତେ ପୋଲିସ ଅଧିକାରୀଣୀ ପୂର୍ବ ବିଜେଡି ସରକାର ଅମଳା ନୀତି ସହଜରେ ବଦଳେଇ ପାରୁ ନ ଥିବା ଚର୍ଚ୍ଚା ହେଉଛି । ସେ ନିଜକୁ ନିଜେ ଓଡିଶା ର ଉଚ୍ଚତମ ନ୍ୟାୟାଳୟ ରୁ ଉର୍ଦ୍ଧରୁ ବୋଲି ଭାବୁଛନ୍ତି ।ଏଣୁ ଏହି ଦବଙ୍ଗ ଗିରି ଦେଖାଉଥିବା ମହିଳା ସବ ଇନ୍ସପେକ୍ଟର ଙ୍କୁ ତୁରନ୍ତ ରାମପୁର ଥାନାରୁ ବଦଳି କରିବା ପାଇଁ ସାଧାରଣରେ ଦାବି ହେଉଛି। ଅଭିଯୋଗ ହେଉଛି ମ ରାମପୁର IIC ସବୁ ଜାଣି ଶୁଣି ଚୁପ ରହୁଛନ୍ତି । ନୂତନ ସରକାର ଓଡିଶା ରେ ଶାସନଭାର ସମ୍ଭାଳି ସାରିଲାଣି । ମାନ୍ୟବର ମୁଖ୍ୟମନ୍ତ୍ରୀ ଡିଜିପି ସମ୍ମିଳନୀ ରେ ନିର୍ଦ୍ଦେଶ ଦେଇଛନ୍ତି ଥାନାରେ ଲୋକଙ୍କୁ ଭୟଭିତ୍ତ ନକରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ କୁ ମ ରାମପୁର ଥାନା ରେ ଖୋଲାଖୋଲି ଦଳିଚକଟି ଦିଆଯାଉଛି ।ମ ରାମପୁର ଥାନା ର ସେହି ମହିଳା ୫ଓ ଙ୍କୁଫୋନ ଯୋଗେ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଗଲା କିନ୍ତୁ ସେ ଫୋନ କ୍ୱରମସରଙ୍ଗର କରିନଥିଲେ । ଘଟଣାରୁ ଜଣାପଡୁଛି କଣ ଆୟୋ ଉଦେଶ୍ୟମୂଳକ ଭାବେ ବେଲ ରେ ଆସିଥିବା ଲୋକଙ୍କୁ ହଇରାଣ କରୁଛି କି ???



## ବାଲିଗୁଡା କୋର୍ଟରେ ହଜାର ହେଲେ ମାଓ ନେତା ଆଜାଦ

ବାଲିଗୁଡା ୧୩/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ କିଛି ବର୍ଷ ହେବ ମାଓ କାର୍ଯ୍ୟ କଳାପ କରାଇ ଆତଙ୍କ ସୃଷ୍ଟି କରିଥିବା ଟପ ମାଓ ନେତା ଆଜାଦ ଓରଫ କେଶବ ରାଓ ଙ୍କୁ କଡା ସୁରକ୍ଷା ବଳୟ ମଧ୍ୟରେ ଭୁବନେଶ୍ୱର ଝାରପଡା ଜେଲ ରୁ ବାଲିଗୁଡା ଅତିରିକ୍ତ ଜିଲ୍ଲା ଦୌରା ଜଜ କୋର୍ଟ କୁ ଅଣାଯାଇଥିଲା । ଏଠାରେ ଆଜି ବ୍ରାହ୍ମଣୀ ଗାଁ ଥାନା ଅଞ୍ଚଳର ବହୁ ଚର୍ଚ୍ଚିତ ୫ ଟି ମାମଲାର ଚାର୍ଜ ଫ୍ରେମ କରାଯାଇଥିଲା । ସେଥି ମଧ୍ୟରେ ବ୍ରାହ୍ମଣୀ ଗାଁ ଥାନା ଅଞ୍ଚଳରେ ୨୦୦୮ ମସିହା ନଭେମ୍ବର ୫ ତାରିଖରେ ଭୈରବୀ ମନ୍ଦିର ନିକଟରେ ଧନୁ ପ୍ରଧାନୀ କୁ ହତ୍ୟା , ୨୦୦୯ ମସିହା ଜୁଲାଇ ୧୭ ତାରିଖରେ କାଟିଙ୍ଗିଆ ପାଣ୍ଡି ଭଙ୍ଗା ରୁଜା ସହ ହତ୍ୟା ,ପୁଣି ଅକ୍ଟୋବର ୪ ତାରିଖରେ କାଟିଙ୍ଗିଆ ଫାଣ୍ଡିକୁ ପୋଡା ଜଳା, ୨୦୧୦ ମସିହା ନଭେମ୍ବର ୨୭ ତାରିଖରେ ବଙ୍ଗଡଦୁଆ ଘାଟିରେ ଆମ୍ବୁଲାନ୍ସ କୁ ଲ୍ୟାଣ୍ଡ ମାଇନ ଲଗାଇ ବିସ୍ଫୋରଣ କରି ଉଡାଇବା ରେ ୫ ଜଣଙ୍କ ମୃତ୍ୟୁ ସହ ବ୍ରାହ୍ମଣୀ ଗାଁ ବଜାର ରେ ରହୁଥିବା କିରୋସିନ ଡିଲର ମନୋଜ ସାହୁ ହତ୍ୟା ମାମଲାରେ ସମ୍ପୃକ୍ତି ଅଭିଯୋଗ ଏପରି ୫ ଟି କେଶର ଚାର୍ଜ ଫ୍ରେମ କରିବାକୁ କୋର୍ଟ ସମନ ଦେବା ସହ ହାଜର ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଜାଦ ଙ୍କ ତରଫରୁ ତାଙ୍କ ଓକିଲ ସେକ ସାଦିକ ଡ଼ିସ ଚାର୍ଜ ପିଟିସନ ଫାଇଲ କରିଥିଲେ । ଆଜି ଏହାର ଶୁଣାଣୀ ପରେ ମାନ୍ୟବର କୋର୍ଟ ତାକୁ ଖାରଜ କରିଥିଲେ । ଏହି ୫ଟି କେଶର ଚାର୍ଜ ଫ୍ରେମ କରିବା ସହ ପରବର୍ତ୍ତୀ ତାରିଖ ପରେ ଜଣାଇବା ପରେ ଭି. ସି. ମାଧ୍ୟମରେ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯିବ ବୋଲି ଆଜାଦ ଙ୍କ ଓକିଲ ସେକ ସାଦିକ ପ୍ରକାଶ କରିଛନ୍ତି ।

## ଗ୍ରାମାଞ୍ଚଳ ସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦଘାଟିତ : ବାରଖମା ଦଳ ବିଜୟୀ

ବାଲିଗୁଡା ୧୩/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ମିଡିଆକିଆ ସ୍ଥିତ ବ୍ଲୁ ଷ୍ଟାର କମିଟି ଆନୁକୂଲ୍ୟରେ ଗୁରୁବାର ଗ୍ରାମାଞ୍ଚଳ ସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାଲିଗୁଡା ୱାର୍ଡ଼ ନଂ. ୮ର ବିଜେପି ସଭାପତି ଆଶିଷ କୁମାର ମହାପାତ୍ର ଯୋଗ ଦେଇ ଦୀପ ଧୂପ ପ୍ରଜ୍ଜଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ଦିନର ଉଦଘାଟନୀ ମ୍ୟାଚ ବାରଖମା ସହିତ ସପେଲି ଗ୍ରାମ ମଧ୍ୟରେ ଆୟୋଜିତ ହୋଇଥିଲା, ଏଥିରେ ବାରଖମା ଦଳ ବିଜୟୀ ହୋଇଥିଲେ । ଏହି ଟୁର୍ନାମେଣ୍ଟରେ ଆଖପାଖ ଅଞ୍ଚଳ ର ୧୪ ଟି ଟିମ ଅଂଶ ଗ୍ରହଣ କରୁଥିବା ବେଳେ ବିଜେତା ଦଳକୁ ୨୦ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ୧୫ ହଜାର ଟଙ୍କା ପ୍ରଦାନ କରାଯିବ, ଏବଂ ଏହାର ଫାଇନାଲ ଖେଳ ୧୮ ତାରିଖରେ ଆୟୋଜିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି । ଏଥିରେ କମିଟିର ଅମୂଲ୍ୟ ନାୟକ, ଅରୁଣ ନାୟକ, ବୁଲୁ ନାୟକ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## ବୋରିଗାଁ ପଂଚାୟତର ଡ଼ଙ୍ଗରୀଗୁଡା ନିକଟରେ ବାଇକ ଦୁର୍ଘଟଣା ଜଣେ ଅଜଣା ଯୁବକ ଗୁରୁତ୍ୱର

ନବରଙ୍ଗପୁର ୧୩/୧୨ (ନି.ପ୍ର):ଗୁରୁବାର ଅପରାହ୍ନ ୨ ଘଣ୍ଟା ସମୟରେ ଡାବୁଗାଁ ବ୍ଲକ ବୋରିଗାଁ ପଂଚାୟତର ଡ଼ଙ୍ଗରୀଗୁଡା ନିକଟରେ ବାଇକ ଦୁର୍ଘଟଣା ହୋଇଛି । ଏହି ଦୁର୍ଘଟଣା ରେ ଜଣେ ଅଜଣା ଯୁବକ ଗୁରୁତ୍ୱର ହୋଇ ରାସ୍ତା କୋଡ଼ରେ ପଡ଼ିଥିଲେ । ସ୍ଥାନୀୟ ଲୋକ ମାନେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ମାଧ୍ୟମରେ ଡାବୁଗାଁ ମେଡିକାଲ କୁ ପଠେଇଛନ୍ତି । ତାଙ୍କ ଗାଡି ନମ୍ବର ସିଜି ୧୭ଇ ୬୬୨୦ ଅଟେ । ଏହି ଅଜଣା ଯୁବକ କିଏ କେଉଁଠି ଯାଉଥିଲା ତାହା ଜଣା ପଡି ନାହିଁ । କାରଣ ସେ ଜଣେ ଥିଲେ ଏବଂ ବର୍ତ୍ତମାନ ମଧ୍ୟ ଆଚେତ ଅବସ୍ଥାରେ ଅଛନ୍ତି । ଘଟଣା ସ୍ଥଳକୁ ପୋଲିସ ପହଂଚି ନାହିଁ, ପୋଲିସ ର ତଦନ୍ତ ପରେ ପ୍ରକୃତ ଘଟଣାଟି ଜଣା ପଡିବ ।

# ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ସରୁନି ପ୍ରଧାନମନ୍ତ୍ରୀ ସଡକ ଯୋଜନା



ନିଶ୍ଚିନ୍ତକୋଇଲି ୧୩/୧୨ (ନି.ପ୍ର): ସାଲେପୁର ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନ ଶିଶୁଆରୁ ମଡଙ୍ଗା ଭାୟା ଛାଣିପୁର ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୨୦୨୨ ମସିହାରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ନିର୍ମାଣ କାର୍ଯ୍ୟର ଅବଧି ସରିବାକୁ ଇତି ମଧ୍ୟରେ ୧୫ ମାସରୁ ଉର୍ଦ୍ଧ୍ୱ ବିତିଗଲାଣି ଉକ୍ତ ରାସ୍ତାର ୬୦ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ବେଳେ ୪୦ ପ୍ରତିଶତ କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । ଫଳରେ ଉକ୍ତ ରାସ୍ତାରେ ଯାଆସ କରିବାରେ ଅଂଚଳବାସୀ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି । ୨୦୨୨ମସିହାରେ ଶିଶୁଆରୁ ମଡଙ୍ଗା ଭାୟା ଛାଣିପୁର ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇଥିଲା । ୨୦୨୨ ସେପ୍ଟେମ୍ବର ୧୯ ତାରିଖରେ ରାସ୍ତା କାମ ଆରମ୍ଭ କରାଯାଇ ୨୦୨୩ ଅଗଷ୍ଟ ୧୮ ତାରିଖ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ଅଦ୍ୟାବଧି କାର୍ଯ୍ୟ ସଂପୂର୍ଣ୍ଣ ହୋଇନାହିଁ । ରାସ୍ତା ନିର୍ମାଣ ବାବଦରେ ୯କୋଟି ୭୮ ଲକ୍ଷ ଟଙ୍କା ଓ ୫ ବର୍ଷର ରକ୍ଷଣା ବେକ୍ଷଣ ପାଇଁ ୭୫ ଲକ୍ଷରୁ ଅଧିକ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । କାର୍ଯ୍ୟ ଶେଷ ହୋଇନଥିବାରୁ ଏହି ରାସ୍ତା ଉପରେ ଯାତାୟାତ କରିବା ପାଇଁ ନିର୍ଭର କରୁଥିବା ଶିଶୁଆ, ନଇଗୁଆଁ, ଛାଣିପୁର, ସିଡୋ, ରାଇସୁଙ୍ଗୁଡା, ମିର୍ଜାପୁର ଆଦି ପଂଚାୟତର ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଛାଣିପୁରର ଶିଶୁଆ ପର୍ଯ୍ୟନ୍ତ ପୁରୁଣା ବିଦ୍ୟୁତ ଖୁଣ୍ଟ ହଟାଇବା କାର୍ଯ୍ୟ ଶେଷ ହୋଇନଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏସଂପର୍କରେ ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଚି□ରଂଜନ ମହାନ୍ତି, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ କିଛି ସୁଫଳ ମିଳୁନଥିବା ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି । ଯୁଦ୍ଧକାଳିନ ଭଭିରେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଶ୍ରୀ ମହାନ୍ତିଙ୍କ ସମେତ ଅଂଚଳବାସୀ ଦାବି କରିଛନ୍ତି ।

## ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଓଡ଼ିଆ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଛତ୍ରପୁର ୧୩/୧୨ (ନି.ପ୍ର): ସ୍ଥାନୀୟ ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ପାଞ୍ଚ ଦିନ ବ୍ୟାପୀ ଚାଲିଥିବା ଓଡ଼ିଆ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ସଭାରେ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ବ୍ରହ୍ମପୁରର ନିର୍ଦ୍ଦେଶକ ଡକ୍ଟର ସିଦ୍ଧାର୍ଥ ଶଙ୍କର ପାଢୀ ମୁଖ୍ୟ ଅତିଥି ଏବଂ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ବ୍ରହ୍ମପୁରର ନିର୍ଦ୍ଦେଶକ ସୁଶାନ୍ତ ଦାସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଅଜୟ କୁମାର ତ୍ରିପାଠୀ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରି ଶିକ୍ଷା କ୍ଷେତ୍ରରେ ଶିକ୍ଷକ/ ଶିକ୍ଷୟିତ୍ରୀ ତଥା ଅଧ୍ୟାପକ/ ଅଧ୍ୟାପିକାମାନଙ୍କ ଭୂମିକା ସଂପର୍କରେ ଆଲୋଚନା କରିବା ସହିତ ଓଡ଼ିଆ ଭାଷାର ବର୍ତ୍ତମାନ ସ୍ଥିତି ତଥା ଓଡ଼ିଆ ଭାଷା ପ୍ରତି ସମାଜର ଦାୟିତ୍ୱବୋଧ ସଂପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଡ. ପାଢୀ ତାଙ୍କ ଅଭିଭାଷଣରେ କହିଥିଲେ ଓଡ଼ିଆ ଭାଷାର ବିକାଶ ପ୍ରତ୍ୟେକ ଓଡ଼ିଆର ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ । କେବଳ ଶିକ୍ଷକ/ ଶିକ୍ଷୟିତ୍ରୀ କିମ୍ବା ଅଧ୍ୟାପକ/ ଅଧ୍ୟାପିକା ହୋଇଗଲେ ହେବନାହିଁ ବରଂ ଶିକ୍ଷାଦାନ ସମୟରେ ଓଡ଼ିଆ ଶବ୍ଦର ବ୍ୟବହାର, ପ୍ରାଞ୍ଜଳ ବାକ୍ ?ପ୍ରତିମା ରହିବା ଆବଶ୍ୟକ । ତେବେ ଯାଇ ଛାତ୍ରଟିଏ ପାଠ ପ୍ରତି ଏବଂ ଓଡ଼ିଆ ସାହିତ୍ୟ ପ୍ରତି ଆକୃଷ୍ଟ ହେବ । ସମ୍ମାନିତ ଅତିଥି ଶ୍ରୀଯୁକ୍ତ ସୁଶାନ୍ତ ଦାସ ଶ୍ରେଣୀ ଗୃହର ଶିକ୍ଷାଦାନ ବିଷୟରେ ଆଲୋଚନା କରିବା ସହିତ ଓଡ଼ିଆ ଭାଷାର ଅନେକ ଅନାଲୋଚିତ ବିଷୟ ଉପରେ ଆଲୋକପାତ କରିଥିଲେ । ଏହି ସଭାରେ ବିଶିଷ୍ଟ ନାଟ୍ୟକାର ଡ. ସଞ୍ଜୟ ହାତି, ଭଞ୍ଜସାହିତ୍ୟ ସମାଲୋଚକ ଡ. ଲମ୍ବୋଦର ପାଣିଗ୍ରାହୀ, ଆଧୁନିକ କବିତାର ବିଶିଷ୍ଟ ସମାଲୋଚକ ଡ. ବେଣୁଧର ପାଢୀ, ସମାଲୋଚକ ଡ.ହୃଷିକେଶ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ । ସଭା ଶେଷରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଅଧ୍ୟାପକ/ ଅଧ୍ୟାପିକାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ. ସୁରଚିତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କଲାବେଳେ, ଓଡ଼ିଆ ବିଭାଗ ମୁଖ୍ୟ ଡ. ଇମ୍‌ତିହାନ୍ ଶହା ଧନ୍ୟବାଦ ଅର୍ପଣ କରିଥିଲେ ।

## ମୃତକଙ୍କ ପରିବାରକୁ ଭେଟିଲେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଓ ବିଧାୟକ ପ୍ରଶାନ୍ତ ବେହେରା



ନିଶ୍ଚିନ୍ତକୋଇଲି ୧୩/୧୨ (ନି.ପ୍ର): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଂଚାୟତସ୍ଥିତ ଜଳେଶ୍ୱରପୁର ଗ୍ରାମର ଆଗଧାଡିର ବିଜେଡି କର୍ମୀ ଶରତ ଚନ୍ଦ୍ର ପାଣି, ଚିତରଂଜନ ମହାରଣା ଓ ଶ୍ରକୃଷ୍ଣପୁର ପଂଚାୟତର ବିଜେଡି ନେତା କହ୍ନେଇ ଦାସଙ୍କ ପରଲୋକ ହୋଇଯାଇଛି । ଏହି ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଓ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୃତକଙ୍କ ବାସଭବନରେ ପହଂଚି ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ । ଚିତରଂଜନ ମହାରଣାଙ୍କ ଭୂବନେଶ୍ୱର ଖାରବେଳ ଥାନା ନିକଟରେ ସନ୍ଦେଜନକ ଭାବେ ତାଙ୍କର ମୃତ୍ୟୁ ହୋଇଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ପୂର୍ବତନ ମନ୍ତ୍ରୀ ଶ୍ରୀ ଜେନା ପୋଲିସ ଉଚ୍ଚ ଅଧିକାରୀଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ତାଙ୍କ ପରିବାରକୁ ସଠିକ୍ ନ୍ୟାୟ ଦେବାକୁ ନିବେଦନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ତ୍ରିନାଥ ଜେନା,ହୃଷିକେଶ ସ୍ୱାଇଁ, ସରଂପଚଙ୍କ ପ୍ରତିନିଧି ସୁବାଷ ଜେନା,ସରପଂଚ ରାଜକିଶୋର ବଳ,ଧନେଶ୍ୱର ସେନାପତି,,ଅଜୟ ଦାସ,ରମେଶ ସାମଲ,ମୃତ୍ୟୁଞ୍ଜୟ ବରାଳ,ହିତେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଲରେ ଥିବା ଏକ ଚୁଆ ଜଳ ଉପରେ ନିର୍ଭରଶୀଳ ଲକ୍ଷ୍ମୀପୋଷି ଗ୍ରାମବାସୀ

ମୟୂରଭଞ୍ଜ ୧୩/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଆଜି ବି ବହୁ ଗାଁ ଅଛି ଯେଉଁଠି ଲୋକ ଟୋପାଏ ବିଶୁଦ୍ଧ ଜଳ ପାଇ ପାରୁନାହାନ୍ତି । ସରକାର ମାଳ ମାଳ ଯୋଜନା ପ୍ରସ୍ତୁତ କରୁଛନ୍ତି ହେଲେ ପ୍ରକୃତରେ ଯୋଜନା ଗ୍ରାମାଞ୍ଚଳରେ ପହଞ୍ଚି ପାରୁନି । ଯୋଜନା ଯୋଜନାରେ ରହିଯାଉଛି । ଜିଲ୍ଲାରେ ରହିଥିବା ଜାମଦା ବ୍ଲକ ଲକ୍ଷ୍ମୀପୋଷି ଗ୍ରାମବାସୀ ବିଲ ମଧ୍ୟରେ ଥିବା ପରିତ୍ୟକ୍ତ ଚୁଆ ପାଣିରେ ଶୋଷ ମେଣ୍ଟାଉଛନ୍ତି । ଶତାଧିକ ଲୋକ ଏହି ଚୁଆ ପାଣି ଉପରେ ନିର୍ଭର କରୁଥିବା ଜଣା ପଡ଼ିଛି ।ଏସବୁ ପ୍ରଶାସନ ଜାଣି ମଧ୍ୟ ଲୋକଙ୍କୁ ପିଇବା ପାଣି ଯୋଗାଇବାରେ ବିଫଳ ପ୍ରଶାସନ । ଏହି ଗ୍ରାମବାସୀଙ୍କ ପାଣି ସମସ୍ୟା ଦୀର୍ଘ ବର୍ଷର । ନିର୍ବାଚନ ବେଳେ ନେତା ଆସନ୍ତି କୋମଳ ବଚନ କହି ଭୋଟ ହାତାନ୍ତି ତାପରେ ଆଉ ଦେଖା ଦେଉନଥିବା କହିଛନ୍ତି ଗ୍ରାମବାସୀ । ଟୋପାଏ ପାଣି ପାଇଁ ଗାଁ ଠାରୁ ଦୂର ବିଲରେ ଥିବା ଏକ ଚୁଆ ଉପରେ ନିର୍ଭର କରୁଛନ୍ତି ଗାଁ ଲୋକ । ବର୍ଷ ତମାମ ସମସ୍ତ ଏହି ଚୁଆ ପାଣି ବ୍ୟବହାର କରି ଆସୁଥିବା ଗ୍ରାମବାସୀ କହୁଛନ୍ତି ହୁଏ ।କିଛି ମାସ ପୂର୍ବରୁ ଖବରକାଗଜରେ ଖବର ପ୍ରସାରଣ ହେବା ପରେ ଗ୍ରାମରେ ନିର୍ମିତ ହୋଇଥିବା ବସୁଧା ପ୍ରକଳ୍ପର ପାଇପ୍ ସଂଯୋଗୀକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଇଥିଲା ଏବଂ ବିଶୁଦ୍ଧ ଜଳ ଗ୍ରାମବାସୀ ୪ ଦିନ ପାଇଲା ପରେ ଏଠିସେଠି ପାଇପ୍ ଫାଟି ଜଳ ନଷ୍ଟ ହେବାରୁ ବର୍ତ୍ତମାନ ଗ୍ରାମବାସୀ ବିଶୁଦ୍ଧ ଜଳ ପାଇବାରୁ ବଂଚିତ ବୋଲି ଅଭିଯୋଗ କରନ୍ତି ଗ୍ରାମର ବରିଷ୍ଠ ନାଗରିକସମୂହ ।ତେବେ ବସୁଧା ଜଳ ଗ୍ରାମବାସୀ କିପରି ସହଜରେ ପାଇପାରିବେ ସେ ନେଇ ପ୍ରଶାସନ ଦୃଷ୍ଟି ଦେଇ ଏହାର ସମାଧାନ କରିବାକୁ ବରିଷ୍ଠ ସମାଜସେବୀ ତଥା ପ୍ରକୃତି ବନ୍ଧୁ ଲକ୍ଷ୍ମୀଧର ମହାନ୍ତ ଜଣାଇଛନ୍ତି ।



## ଗଞ୍ଜାମ ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ -୨୦୨୪-୨୫ ପାଳିତ

ଛତ୍ରପୁର ୧୩/୧୨ (ନି.ପ୍ର): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା, ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ନେହେରୁ ଯୁବ କେନ୍ଦ୍ର ବ୍ରହ୍ମପୁରଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଜିଲ୍ଲା ସଂସ୍କୃତି ଭବନ ଛତ୍ରପୁର ଠାରେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଦେଶ ଗଠନରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସମାଜର ଭବିଷ୍ୟତ ନିର୍ଦ୍ଧାରଣରେ ଯୁବପିଢୀ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ନିଜର ସାର୍ଥକତା ପ୍ରତିପାଦନ କରିଥାଆନ୍ତି । ଏହି ଉତ୍ସବ ଜରିଆରେ ଆଗାମୀ ପିଢୀଙ୍କୁ ଲୋକକଳା, ସଂସ୍କୃତିକୁ ଜୀବୀତ ରଖିବା ପ୍ରୟାସ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ ପରେପରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା ଅତିଥି ମାନଙ୍କ ପରିଚୟ ପ୍ରଦାନ ପୂର୍ବକ ଯୁବ ଉତ୍ସବ ପାଳନର ତାତ୍ପର୍ଯ୍ୟ ଉପରେ ସମସ୍ତଙ୍କୁ ଅବଗତ କରାଇବା ସହ ଯୁବକ ମାନେ ହେଉଛନ୍ତି ଦେଶର




ମେରୁଦଣ୍ଡ,ତେଣୁ ଏହି ଉତ୍ସବ ପାଳନ ଦ୍ୱାରା ଯୁବ ଶକ୍ତିର ଉତ୍ସାହ ଓ ଉଦ୍ଦୀପନାକୁ ବୃଦ୍ଧିକରିବା ସହ ଯୁବକ ମାନଙ୍କୁ ସଂସ୍କୃତି, ପରମ୍ପରା ଆଦି ବିଷୟ ଜାଣିବାର ଅବସର ପ୍ରଦାନ ବୋଲି ପ୍ରକାଶ କରିଥିଲେ । ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁରର ଅଧ୍ୟକ୍ଷା ଶ୍ରୀମତୀ ଶର୍ମିଷ୍ଠା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ, ଯୁବ ଉତ୍ସବ ପାଳନ ଯୋଗୁଁଯୁବକ ମାନେ ନିଜନିଜର ପ୍ରତିଭା ପ୍ରଦର୍ଶନ କରିଥାଆନ୍ତି । ଯୁବଶକ୍ତିକୁ ଜାଗ୍ରତ କରିବା ଓ ସମାଜକୁ ଆଗେଇନେବା ହେଉଛି ଏହି ଉତ୍ସବ ପାଳନର ମୂଳ ଲକ୍ଷ୍ୟ । ଏହି ଉପଲକ୍ଷେ ଜିଲ୍ଲା ସ୍ତରରେ ଦଳଗତ ଲୋକନୃତ୍ୟ,ଏକକ ଲୋକନୃତ୍ୟ, ଦଳଗତ ଲୋକ ସଙ୍ଗୀତ, ଏକକ ଲୋକ ସଙ୍ଗୀତ, ହିନ୍ଦୀ/ଇଂରାଜୀ ଭାଷାରେ ପଦ୍ୟ ଲିଖନ, ଗଳ୍ପ ଲିଖନ, ଔପଚାରିକା ବକ୍ତୃତା , ଚିତ୍ରକଳା , ବିଜ୍ଞାନ ମେଳା, ମୋବାଇଲ ଫଟୋଗ୍ରାଫ୍ ଉପରେ ଯୁବ ଉତ୍ସବ ପ୍ରତିଯୋଗୀତା ମାନ ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଏହି କୃତୀ ପ୍ରତିଯୋଗୀମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ ନିମନ୍ତେ ଚଳିତ ମାସ ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଉତ୍କଳ ମଣ୍ଡପ ଭୁବନେଶ୍ୱର ଠାରେ ରାଜ୍ୟସରକାରଙ୍କ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲା ୨୦ ତାରିଖ ଦିନ ଅଂଶ ଗ୍ରହଣ କରିପାରିବେ । ଏହି କାର୍ଯ୍ୟକ୍ରମରେ ଛତ୍ରପୁରର ସମାଜସେବୀ କେ. ଚନ୍ଦ୍ର ଶେଖର ରେଡ୍ଡୀ, ନେହେରୁ ଯୁବକେନ୍ଦ୍ର, ବ୍ରହ୍ମପୁରର ଜିଲ୍ଲା ଯୁବ ଅଧିକାରୀ ଅକ୍ଷୟ ଭାସ୍କର ନିପାଣେ, ସମସ୍ତ କର୍ମକର୍ତ୍ତା, ସାମ୍ବାଦିକ ବନ୍ଧୁଗଣ ଓ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀଗଣ ଉପସ୍ଥିତ ଥିଲେ । ପ୍ରତିଯୋଗିତାର ଫଳାଫଳ ଏଥିସହ ପ୍ରେରଣ କରାଗଲା ।

## ନର୍ସିଙ୍ଗ ଛାତ୍ରୀଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ରଙ୍ଗେଇଲୁଣ୍ଡା ୧୩/୧୨ (ନି.ପ୍ର): ଜଣେ ନର୍ସିଙ୍ଗ ଛାତ୍ରୀ କୁ ଅପହରଣ ପରେ ଦୁଷ୍କର୍ମ କରିବା ମାମଲାରେ ଗୋଳନ୍ଥରା ଥାନା ପୋଲିସ ଗୁରୁବାର ଯୁବକ କୁ ଗିରଫ କରି ଅପରାହ୍ନ କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଗଜପତି ଜିଲା ଅଡବା ଥାନା ଅଧିନସ୍ଥ ଏକ ଗ୍ରାମ ସୋନିୟା ବଡ଼ ନାୟକ (୨୪) ବୋଲି ପୋଲିସ କହିଛି । ସୂଚନା ଅନୁସାରେ ଗଜପତି ଜିଲା ଅଡବା ଥାନା ଅଞ୍ଚଳ ଏକ ନାବାଳିକା ଛାତ୍ରୀ ଗୋଳନ୍ଥରା ଥାନା ଅଞ୍ଚଳ ଏକ ଘରେଇ ନର୍ସିଙ୍ଗ କଲେଜରେ ପ୍ରଥମ ବର୍ଷର ଛାତ୍ରୀ ଥିଲେ । ଚଳିତ ମାସ ୫ ତାରିଖ ସନ୍ଧ୍ୟାରେ ୭ ଟା ସମୟରେ ନାବାଳିକା ଛାତ୍ରୀ କୋଣସି କାମ ନେଇ ବାହାର କୁ ଯାଇଥିଲେ । ଆଉ କଲେଜ କୁ ଫେରିନଥିଲେ । କଲେଜ ପକ୍ଷରୁ ଛାତ୍ରୀ ଙ୍କ ବାପା କୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲା । ସ୍ଥାନୀୟ ଓ ଆଖ ପାଖ ଓ ସମ୍ପର୍କୟ ଘରେ ଖୋଜା ଖୋଜି କରିବା ପରେ ସୋନିଆ ତାଙ୍କ ଝିଅ କୁ ଜୋର ଜବରଦସ୍ତ ଅପହରଣ କରିଥିବା ନେଇ ଛାତ୍ରୀ ଙ୍କ ବାପା ଗୋଳନ୍ଥରା ଥାନା ଲିଖିତ ଅଭିଯୋଗ କରିଥିଲେ । ପୋଲିସ କେଶ ନଂ ୫୩୮/୨୪ ପ୍ରକାରେ ଅପହରଣ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି କ୍ଷ ଖବର ପାଇଁ ଗୁରୁବାର ସକାଳେ ଗୋଳନ୍ଥରା ଥାନା ପୋଲିସ ଭଞ୍ଜନଗର ଅଞ୍ଚଳର ସୋନିଆ ଓ ଛାତ୍ରୀ ରହୁଥିବା ଏକ ଭଡା ଘରେ ଚଡାଉ କରି ସୋନିଆ କୁ ଧରିବା ସହ ନାବାଳିକା କୁ ଉଦ୍ଧାର କରିଥିଲେ । ଛାତ୍ରୀ ଜଣକ ସୋନିଆ ପ୍ରଲୋଭନ ଦେଖିଇ ନେଇ ଅପହରଣ କରିବା ସହ ଦୁଷ୍କର୍ମ କରିଥିବା ନେଇ କହିଥିଲେ । ପୋଲିସ ବ୍ରହ୍ମପୁର ବଡ଼ ମେଡିକାଲରେ ସୋନିଆ ଓ ଛାତ୍ରୀଙ୍କୁ ଡାକ୍ତରି ମାଇନ କରାଯଇଥିଲା । ସୋନିଆ କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି ।

## ହାତୀଓଟ ଓ.ଏ.ଭି.ରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ

ପୋଲସରା , ୧୩/୧୨ (ନି.ପ୍ର):ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୋଲସରା ବ୍ଲକର ହାତୀଓଟ ଗ୍ରାମସ୍ଥ ଓଡିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଡିସେମ୍ବର ୧୦ ଓ ୧୧ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡା ଉତ୍ସବର ଉଦଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରିନ୍ସପାଲ ତ୍ରିଲୋଚନ ଷଡଙ୍ଗୀ ଅଧକ୍ଷତା କରିଥିବା ବେଳେ ପୋଲସରା ବାର ଏସୋସିଏସନର ସଭାପତି ସୁଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ପ୍ରିନ୍ସପାଲ ଶ୍ରୀ ଷଡଙ୍ଗୀ ପାଠପଢା ବ୍ୟତୀତ କ୍ରୀଡ଼ାରେ ନିଜର ପାରଙ୍ଗମତା ଦର୍ଶାଇ ଜାତୀୟ ସ୍ତରରେ ପରିଚୟ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର କ୍ରୀଡା ଶିକ୍ଷକ କୃଷ୍ଣ ଚନ୍ଦ୍ର ସାହୁ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାଭିମୁଖୀ କରିବା ପାଇଁ ପୂର୍ବରୁ ତାଲିମ ଦେଇ ଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ସହଯୋଗ କରିଥିଲେ । ୧୦୦ ମିଟର ଓ ୨୦୦ ମିଟର ଦୌଡ଼, ଲମ୍ବା ଡିଆଁ, ଖୋ ଖୋ, ଫୁଟବଲ୍, ଡିସକସ , ସଟପୁଟ, ଜାଭେଲିନ ପ୍ରଭୃତି କ୍ରୀଡା ପ୍ରତିଯୋଗୀତାରେ ବହୁ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଡିସେମ୍ବର ୧୧ ତାରିଖ ପୁରସ୍କାର ବିତରଣ ଉତ୍ସବରେ ସରପଞ୍ଚଙ୍କ ପ୍ରତିନିଧି ସୁଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୋଲସରା ବ୍ଲକର ହାତୀଓଟ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମା ଶଙ୍କର ଦାଶ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଚମ୍ପିୟାନ ଏକାଦଶ ଶ୍ରେଣୀର ଦୀପକ ପ୍ରଧାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ କମ୍ପୁଟର ଶିକ୍ଷକ ସନ୍ତୋଷ କୁମାର ସାହୁ ସଂଯୋଜନା କରିଥିଲେ । ଶେଷରେ ପଦାର୍ଥ ବିଜ୍ଞାନ ଶିକ୍ଷକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ଗ୍ରାମବାସୀ



ମୁନିଗୁଡା ୧୩/୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବସୁଧା ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରି ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି ।ସେଥିପାଇଁ ପମ୍ପ ହାଉସ ଠାରୁ ଆରମ୍ଭ କରି ଗାଁ ଗାଁରେ ଉଚ୍ଚତମ ପାଣି ଟାଙ୍କି ନିର୍ମାଣ ସହିତ ପ୍ରତ୍ୟେକ ଗ୍ରାମକୁ ପାଣି ପାଇପ ସଂଯୋଗ କରାଯାଛି । ତେବେ କେଉଁଠି ପାଇପ ପକାଇ ମାଟି ଘୋଡ଼ାଯାଉଛି ତ କୋଉଠି ମାଟି ପକାଯାଇନଥିବାରୁ ଖୋଲା ଗାତରେ ପାଇପ ମୁକୁଳା ପଡିଛି । ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅଧିନସ୍ଥ 'କ' ଜୋନର ୯ଗୋଟି ପଞ୍ଚାୟତରେ ।ଏଠାରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ନିମନ୍ତେ ଆନୁସଙ୍ଗିକ ସମସ୍ତ ବ୍ୟବସ୍ଥା କରାଯାଇଛି । ମାତ୍ର ବିଭିନ୍ନ ପଞ୍ଚାୟତର ଅଧିକାଂଶ ଗ୍ରାମର ଲୋକେ ଏଯାବତ ପାଇପ ଲାଇନ ଯୋଗେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଆସୁଥିବା ଅଭିଯୋଗ କରିଛନ୍ତି । ମୁନିଗୁଡା ବ୍ଲକର ଅମ୍ବାଦଳା, ଅମ୍ଳକ୍ଷଭଟା ,ଘମଟଗୁଡ଼ା, ରାଣିପିଣ୍ଡା,ଇଚ୍ଛାପୁର,ସରଧାପୁର,ଜଗଦଳପୁର, ରଘୁବାରି,ଡ଼ିମିରିଗୁଡା ଆଦି ପଞ୍ଚାୟତର ଶତାଧିକ ଗ୍ରାମର ଅଧିବାସୀ ବସୁଧା ଯୋଜନାରୁ ପାଣି ଟୋପେ ପାଇପାରୁନାହାନ୍ତି । ବର୍ଷର ବିଭିନ୍ନ ସମୟରେ ପାଇପ ଯୋଗେ ଜଳ ଯୋଗାଣରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଅମ୍ବାଦଳା ପଞ୍ଚାୟତ ବଡ଼ସାହି ବାସିନ୍ଦା ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି । ଏଠାକାର ଲୋକେ ନଳକୂଅରୁ ବାହାରୁଥିବା ଫ୍ଲୋରାଇଡଯୁକ୍ତ ପାଣି ପିଇବାକୁ ବାଧ ହେଉଛନ୍ତି ।ଏହା ବ୍ୟତିତ ନଦୀନାଳରୁ ଅପରିଷ୍କାର ଗୋଳିଆ ପାଣିସଂଗ୍ରହ କରି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପ କେବେ ସଂପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବ ସେ ନେଇ ଆଶା ଆଶଙ୍କାରେ ଅଛନ୍ତି ଜନସାଧାରଣ । ଏହି ପରିପ୍ରେକ୍ଷୀରେ ବଡ଼ସାହି ସମେତ ଅନ୍ୟ ଗ୍ରାମ ଗୁଡିକରେ ପାନୀୟ ଜଳ ସମସ୍ୟାର ସମାଧାନ ଦିଗରେ ବିଭାଗୀୟ ଯନ୍ତ୍ରୀ, ବ୍ଲକ ପ୍ରଶାସନ ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଦୃଷ୍ଟି ଦେଇ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଝରିଗାଁ ବ୍ଲକର ଉପାନ୍ତ ଅଂଚଳରେ ୩କିମି ଚାଲିଚାଲି ଯାଇ ସେବା ଯୋଗାଇଲେ ସ୍ୱାସ୍ଥ୍ୟ କର୍ମଚାରୀ

ନବରଙ୍ଗପୁର ୧୩/୧୨ (ନି.ପ୍ର):ଝରିଗାଁ ବ୍ଲକର ଉପାନ୍ତ ଗ୍ରାମଗୁଡିକରେ ଏଯାବତ ପ୍ରଶାସନ ପକ୍ଷରୁ ରାସ୍ତା ନିର୍ମାଣ କରାଯାଇ ନଥିବା ବେଳେ ଗ୍ରାମବାସୀ ଏକ ପ୍ରକାର ବିଚ୍ଛିନ୍ନ ଅଂଚଳରେ ରହୁଛନ୍ତି । ବିଶେଷ କରି ବର୍ଷା ଦିନରେ ରାସ୍ତା ନଥିବା ଗ୍ରାମଗୁଡ଼ିକରେ ସ୍ୱାସ୍ଥ୍ୟ ସେବା ନକହିବା ଭଲ । ଝରିଗାଁ ବ୍ଲକରେ 'ଦମନ' କାର୍ଯ୍ୟକ୍ରମ ଚାଲିଥିବା ବେଳେ ବୁଧବାର ଦିନ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଏକ ସ୍ୱାସ୍ଥ୍ୟ ଟିମ୍ ଚକଲାପଦର ପଂଚୟତ ଅନ୍ତର୍ଗତ ନନ୍ଦନଚୁଆ ଗ୍ରାମକୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବାହାରିଥିଲେ ।ତେବେ ନନ୍ଦନଚୁଆ ଗ୍ରାମକୁ ଯିବା ପାଇଁ ରାସ୍ତା ନଥିବା ଯୋଗୁଁ ସ୍ୱାସ୍ଥ୍ୟ ବିଭାଗର ବାଇକ୍ ଦୁଇଟି ଭରକିଭଟା ଗ୍ରାମର ନୂଆପଡା ସାହି ପର୍ଯ୍ୟନ୍ତ ଯାଇ ସେଠାରେ ରହିଯାଇଥିଲା । ଶେଷରେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଜୀବନ ସାନ୍ତା, ମୋତିଲାଲ ବାଗ, ଆଶା କର୍ମୀ ସୂର୍ଯ୍ୟମଣୀ ଗୌଡ଼ ଏବଂ ଅଙ୍ଗନବାଡ଼ି କର୍ମୀ ଜୟନ୍ତୀ ହରିଜନ ପ୍ରମୁଖ ଭରକିଭଟା ଗ୍ରାମର ନୂଆପଡ଼ାସାହି ଠାରୁ ପ୍ରାୟ ୩ କିଲୋମିଟର ଦୂର ଔଷଧ ବୋହି ପାଦ ଚଲା ପଥୁରିଆ ରାସ୍ତାରେ ପାହାଡ଼ ଏବଂ ଜଙ୍ଗଲ ରାସ୍ତା ଦେଇ ନନ୍ଦନଚୁଆ ଗ୍ରାମରେ ପହଞ୍ଚି ଥିଲେ । ପରେ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଥିଲେ ।

## ଅଟଳ ସେନା ଉପଦେଷ୍ଟା ଚଉରଂଜନ ବେହେରାଙ୍କ ବିୟୋଗରେ ଶୋକ

ନିଶ୍ଚିନ୍ତକୋଇଲି ୧୩/୧୨ (ନି.ପ୍ର):କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଶିଳିପୁର ଅଂଚଳର ରାଜ୍ୟ ଅଟଳସେନା ଉପଦେଷ୍ଟା ଚିତ୍ତରଂଜନ ବେହେରାଙ୍କ ୭୨ ବର୍ଷ ବୟସରେ ବିୟୋଗ ଘଟିଛି । ସେ ଦୀର୍ଘ ଦିନ ହେବ କିଡୀନ ଜନିତ ରୋଗରେ ପିଡୀତ ଥାଇ ଚିକିତ୍ସିତ ହେଉଥିଲେ । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ବିୟୋଗ ହୋଇଛି । ସ୍ୱର୍ଗତ ବେହେରା ଜଣେ ସମ୍ବିଧାନବିତ୍ ଓ ଓଡିଶାରେ ସୂଚନା ଅଧିକାର ଆଇନ ପ୍ରଚାରର ମୁଖ୍ୟ ପୁରୋଧା । ସମାଜସଂସ୍କାରକ, ଆଇନବିଶାରଦ, ବିଶିଷ୍ଟ ସମାଜସେବୀ ତଥା ଗରିବ, ଦୁସ୍ଥ ଏବଂ ଅସହାୟ ବନ୍ଧୁ ଭାବେ ସାରା ରାଜ୍ୟରେ ପରିଚିତ ଥିଲେ । ତାଙ୍କ ବିୟୋଗରେ ଅଟଳସେନା ରାଜ୍ୟ ସଭାପତି ଦିବାକର ପ୍ରଧାନ, ଅଟଳସେନା ଓଡିଶା ମୁଖ୍ୟଉପଦେଷ୍ଟା ଇଂ.ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ସଂଗଠନ ସଂପାଦକ ରବିନ୍ଦ୍ର କୁମାର ବେହେରା, ଡଃ. ଉମେଶ ଚନ୍ଦ୍ର ପତି, ଡଃ. ପ୍ରଭାତ କୁମାର ନାୟକ, ଡଃ. ପୂର୍ଣ୍ଣଚନ୍ଦ୍ର ଓଝା, ତାପସ ରଂଜନ ତ୍ରିପାଠୀ, କେଶବ ଚନ୍ଦ୍ର ସେଠୀ, ପ୍ରଫେସର ନିରଞ୍ଜନ ପାଢୀ, ଲକ୍ଷ୍ମୀ ନାରାୟଣ ନାୟକ, ବିନତୀ ପ୍ରଧାନ, ସସ୍ମିତା ବେହେରା, ଗୌତମ ରାୟ ଚୌଧୁରୀ ପ୍ରମୁଖଙ୍କ ସମେତ ଅଟଳ ସେନାର ସଦସ୍ୟସଦସ୍ୟାମାନେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

# ଥରୁଛି ଶିମିଳିପାଳ

## ଉପର ବାରହାକାମୁଡ଼ା ପାରା ୩ ଡିଗ୍ରି ରେକର୍ଡ



ଭୁବନେଶ୍ୱର, ୧୩/୧୨: ଶୀତର ପ୍ରକୋପରେ ପ୍ରବଳ ଜାଡରେ ସମଗ୍ର ମୟୁରଭଞ୍ଜ ଜିଲ୍ଲା ଥରୁଛି। ଥଣ୍ଡା ପ୍ରବଳ ଅନୁଭୂତ ହେଉଥିବା ବେଳେ ସାଧାରଣ ଜନଜୀବନକୁ ପ୍ରଭାବିତ କରୁଛି। ତେବେ ଏଥିରୁ ଶିମିଳିପାଳ ଅଭୟାରଣ୍ୟ ବର୍ତ୍ତି ପାରିନାହିଁ। ବିଗତ ୨-୩ ଦିନ ଧରି ଜିଲ୍ଲାରେ ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଗୁରୁବାର ରାତିରେ ସର୍ବନିମ୍ନ ତାପମାତ୍ରା ୩ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ପ୍ରବଳ ଥଣ୍ଡା କାରଣରୁ ସନ୍ଧ୍ୟା ହେଲେ ଗାଁରୁ ସହର ସବୁଠି ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଶୀତରୁ ରକ୍ଷା ପାଇବା ଲାଗି ଲୋକେ ନିଆଁ ଜାଳି ଘଣ୍ଟା ଘଣ୍ଟା ଧରି ବସି ରହୁଛନ୍ତି। ଶିମିଳିପାଳ ଅଭୟାରଣ୍ୟର ପର୍ବତ ମାଳାର ଅନେକ ସ୍ଥାନରେ ପ୍ରବଳ ଜାଡ କାରଣରୁ ଶୁକ୍ରବାର ସକାଳୁ ତୁହିନ ଆସ୍ତରଣ ଦେଖିବାକୁ ମିଳିଛି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ନିଷିଦ୍ଧାଞ୍ଚଳ ଗୁଡିକରେ ତାପମାତ୍ରା ହ୍ରାସ ଯୋଗୁଁ ରାତିରେ ଘାସ, ଗଛ, ଲତା ମାନଙ୍କ ଉପରେ ପଡିଥିବା କାକର ବିନ୍ଦୁ ଜମାଟ ବାନ୍ଧି ତୁହିନର ଆସ୍ତରଣରେ ପରିଣତ ହୋଇଥିବା ବେଳେ ତୁଷାର ପାତର ଭ୍ରମ ସୃଷ୍ଟି କରିଛି। ପାରଦ ଖସିବା ସହିତ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ହାଡ଼ ଭଙ୍ଗା ଶୀତ ଅନୁଭୂତ ହେଉଛି। ସକାଳୁ ସକାଳୁ ଅନେକ ସମୟ ପର୍ଯ୍ୟନ୍ତ କୁହୁଡି ରହୁଛି। ଶିମିଳିପାଳ ଅଭୟାରଣ୍ୟର ଉପର ବାରାହା କାମୁଡାରେ ସର୍ବନିମ୍ନ ୩ଡିଗ୍ରୀ, ଚହଲା ୪ଡିଗ୍ରୀ, ନଓ୍ୱାଣା ୬ଡିଗ୍ରୀ, ବରେହିପାଣି ୭ଡିଗ୍ରୀ, ରାମତୀର୍ଥ ୧୦ଡିଗ୍ରୀ, ଗୁଡୁଗୁଡିଆ ୭ଡିଗ୍ରୀ ଓ କିଆଁଝରିରେ ୧୨ଡିଗ୍ରୀ ସେଲସିୟସ ତାପମାତ୍ରା ଶୁକ୍ରବାର ସକାଳ ୬ ସମୟ ମଧ୍ୟରେ ରେକର୍ଡ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ପୁରୀ ବିମାନବନ୍ଦର ପ୍ରକଳ୍ପକୁ ଧକ୍କା

ଭୁବନେଶ୍ୱର, ୧୩/୧୨: ପୁରୀରେ ହେବାକୁ ଥିବା ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରକଳ୍ପ ଯୋଜନାକୁ କେନ୍ଦ୍ର ଜଙ୍ଗଲ ମନ୍ତ୍ରାଳୟ ପକ୍ଷରୁ ଧକ୍କା ଲାଗିଛି। ପୁରୀରେ ବିମାନ ବନ୍ଦର ସହିତ ୬ ଲେନ୍ ବିଶିଷ୍ଟ ଏକ୍ସପ୍ରେସ ୱେ ନିର୍ମାଣ ସଂକ୍ରାନ୍ତ ଓଡ଼ିଶା ସରକାରଙ୍କ ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଉପଦେଷ୍ଟା କମିଟି (ଏଫ୍ଏସି)ର ମଞ୍ଜୁରି ନିଷ୍ପତ୍ତି ପୁଣି ଥରେ ଘୁଞ୍ଚିଛି। ପ୍ରସ୍ତାବିତ ବିମାନବନ୍ଦର ନିକଟରେ ବିଲୁପ୍ତପ୍ରାୟ ଅଲିଭ ରିଡଲେ କଇଁଛ ଅଣ୍ଡା ଦିଅନ୍ତି। ଏଥି ସହିତ ଇରାୱାଡ଼ି ଡଲଫିନମାନଙ୍କର ଏହା ବାସସ୍ଥାନ। ପରିବେଶ ଦୃଷ୍ଟିରୁ ଉପକୂଳ ଅଞ୍ଚଳର ଏହା ମଧ୍ୟ ଏକ ସମ୍ବେଦନଶୀଳ ସ୍ଥାନ। ସେହିଭଳି ବ୍ରହ୍ମଗିରିର ଏହି ପ୍ରକଳ୍ପ ସ୍ଥାନ ଆଇଏନ୍ଏସ୍ ଚିଲିକା ନୌସେନା ଘାଟି ଓ ସେଣ୍ଟ୍ରାଲ ଏସିଆନ୍ ଫ୍ଲାଏୱେର ନିକଟତର। ତେଣୁ ଏହି ପ୍ରକଳ୍ପ ସଂପର୍କରେ ପ୍ରତିରକ୍ଷା ମନ୍ତ୍ରାଳୟର ମଧ୍ୟ ମତାମତ ନିଆଯିବା ଆବଶ୍ୟକ ବୋଲି କୁହାଯାଇଛି। ନଭେମ୍ବର ୨୮ ତାରିଖରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ପରିବେଶ ମନ୍ତ୍ରାଳୟର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ରିପୋର୍ଟକୁ ଏଫ୍ଏସି ଗମ୍ଭୀରତାର ସହ ନେଇ ଏହା ଉପରେ ରାଜ୍ୟ ସରକାରଙ୍କ ଠାରୁ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ମଞ୍ଜୁରିକୁ ସ୍ଥଗିତ ରଖି ପୁରୀ ଉପକୂଳରେ ଅଲିଭ ରିଡଲେ କଇଁଛ ଓ ଇରାୱାଡ଼ି ଡଲଫିନଙ୍କ ବାସସ୍ଥାନ ଏବଂ ସେମାନଙ୍କର ଗମନାଗମନ ପଥ ସଂପର୍କରେ ବିସ୍ତୃତ ଅନୁଧ୍ୟାନ ରିପୋର୍ଟ ଦେବାକୁ ଏଫ୍ଏସି ନିର୍ଦ୍ଦେଶ ଦେଇଛି। ଡଲଫିନମାନଙ୍କ ସଂଖ୍ୟା ଏବଂ ସେମାନଙ୍କ ଗମନାଗମନ ସଂପର୍କରେ ଅତି କମ୍‌ରେ ବର୍ଷେ ଅନୁଧ୍ୟାନ ହେବା ଆବଶ୍ୟକ। ଏହାପରେ ସେମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ ହେବା ଉଚିତ। ୨୦୨୪ ଜୁନ ୭ ତାରିଖରେ ପ୍ରଥମ ଥର ପାଇଁ ରାଜ୍ୟ ସରକାର ଏହି ପ୍ରକଳ୍ପକୁ ଏଫ୍ଏସି ନିକଟରେ ମଞ୍ଜୁରି ନିମନ୍ତେ ରଖିଥିଲେ। ଏହା ପରେ ଏଫ୍ଏସି ପକ୍ଷରୁ ଭୁବନେଶ୍ୱରସ୍ଥିତ ଏହାର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବିସ୍ତୃତ ରିପୋର୍ଟ ମଗାଯାଇଥିଲା। ଏହି ପ୍ରକଳ୍ପ ପାଇଁ ୨୭.୮୮ ହେକ୍ଟର ଜଙ୍ଗଲ ଜମି ବ୍ୟବହାର ନିମନ୍ତେ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିଥିଲେ। ପ୍ରକଳ୍ପ ପାଇଁ ୪୭୧ ହେକ୍ଟର ଜମି ଆବଶ୍ୟକ। ଏଥି ସହିତ ୧୩ ହଜାରରୁ ଅଧିକ ଗଛ



## ଏଫ୍ଏସିରେ ନିଷ୍ପତ୍ତି ପୁଣି ଘୁଞ୍ଚିଲା

କଟାଯିବାର ଆବଶ୍ୟକତା ରହିଛି। ଭୁବନେଶ୍ୱରର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଗମ୍ଭୀର ଚିନ୍ତାବ୍ୟକ୍ତ କରାଯିବା ପରେ ଏଫ୍ଏସିର ନଜରକୁ ଅଣାଯାଇଥିଲା ଯେ ଏହି ପ୍ରକଳ୍ପକୁ 'ସମନ୍ୱିତ ପ୍ରକଳ୍ପ' ଭାବେ ଉପସ୍ଥାପନ କରାଯାଇ ନାହିଁ। ଭୁବନେଶ୍ୱର ବିମାନବନ୍ଦରରୁ ପୁରୀର ପ୍ରସ୍ତାବିତ ବିମାନବନ୍ଦର ପର୍ଯ୍ୟନ୍ତ ହେବାକୁ ଥିବା ୬ ଲେନ୍ ବିଶିଷ୍ଟ ରାସ୍ତା ସଂପର୍କରେ ପୃଥକ ପ୍ରସ୍ତାବ ମଗାଯାଇଥିଲା। ଅନୁମତି ଯେଭଳି ସହଜ ଭାବେ ମିଳିଯିବ ତାହାକୁ ଦୃଷ୍ଟିରେ ରଖି ତଥ୍ୟ ଉପସ୍ଥାପନ କରାଯାଇଥିବା ପ୍ରତୀୟମାନ ହୋଇଛି ବୋଲି ଜଙ୍ଗଲ ବିଭାଗର ଉପମହାନିର୍ଦ୍ଦେଶକ ଏଫ୍ଏସିକୁ ପ୍ରଦାନ କରିଥିବା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ରାଜ୍ୟ ସରକାର ଯୁକ୍ତି ରଖିଛନ୍ତି, ପ୍ରସ୍ତାବିତ ବିମାନବନ୍ଦରର ନିକଟରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ରହିଛି। ଆଗାମୀ ଦଶନ୍ଧିରେ ଏହାର କ୍ଷମତା ପୂର୍ଣ୍ଣମାତ୍ରାରେ ଉପଯୋଗ ହୋଇଯିବ। କାରଣ ଏଠାରେ ସଂପ୍ରସାରଣର ସୁଯୋଗ ନାହିଁ। ତେଣୁ ନୂଆ ବିମାନବନ୍ଦରର ଆବଶ୍ୟକତା ଥିବାବେଳେ ଏଥିପାଇଁ ସବୁଠୁ ଉତ୍ତମ ସ୍ଥାନ ହେଉଛି ପୁରୀ। ପୁରୀ ବିମାନବନ୍ଦର ହେଲେ ପୁରୀ, ଜଗତସିଂହପୁର ଓ ବ୍ରହ୍ମପୁରକୁ ବିଶ୍ୱ ବିମାନ ଯୋଗାଯୋଗ ନେଟୱାର୍କ ସହ ଯୋଡ଼ାଯାଇ ପାରିବ। ତେବେ ଏଫ୍ଏସିର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ବ୍ରହ୍ମଗିରି ପୁରୀଠାରୁ ୨୯ କିମି ଦୂର। ଜାତୀୟ ରାଜପଥରେ ଗଞ୍ଜାମ, ଖୋର୍ଦ୍ଧା ଓ ଜଗତସିଂହପୁର ସହିତ ଏହାର ସଂଯୋଗ ନଥିବାରୁ ଏହି ପ୍ରକଳ୍ପ ଠିକ୍ ନୁହେଁ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ସଂପ୍ରସାରଣ ଖୋର୍ଦ୍ଧା, ଜଗତସିଂହପୁର ଓ ବ୍ରହ୍ମପୁରକୁ ଯୋଗାଯୋଗ ବ୍ୟବସ୍ଥା ଥିବା ଅନ୍ୟ ଏକ ସ୍ଥାନରେ କରାଯାଇ ପାରିବ। କିନ୍ତୁ ପୁରୀରେ ବିଶାଳ ପରିବେଶ କ୍ଷତି ସହିତ ବାତ୍ୟା ଓ ଉଚ୍ଚ ଜୁଆର ଭଳି ବିପଦ ଥିବା ଅଞ୍ଚଳରେ ବିମାନବନ୍ଦର କରିବା ଠିକ୍ ନୁହେଁ। ଏଥି ସହିତ ଏଠାରେ ୧୩ ହଜାରରୁ ଅଧିକ ଗଛ କାଟିବାକୁ ପଡ଼ିବ। ପ୍ରସ୍ତାବିତ ପ୍ରକଳ୍ପର ଏକ ଅଞ୍ଚଳର ଜୈବବିବିଧତାର ସୁରକ୍ଷା କବଚ ଭାବେ ବିବେଚିତ ହେଉଛି ବୋଲି ରିପୋର୍ଟରେ ଦର୍ଶାଯାଇଛି।

# ପ୍ରେମିକା ପାଇଁ ଗର୍ଭବତୀ ସ୍ତ୍ରୀକୁ ଗୁଳି ମାରିଥିଲା ସ୍ୱାମୀ

ସୁନ୍ଦରଗଡ଼, ୧୩/୧୨: ପ୍ରେମିକା ପାଇଁ ରାତି ଅଧରେ ଗୁଳି କରି ସ୍ତ୍ରୀଙ୍କୁ ମାରିଦେଲେ। ଧରା ପଡ଼ିଯିବା ଭୟରେ ପିସ୍ତଲକୁ ଭାତ ହାଣ୍ଡିରେ ଲୁଚାଇ ରଖିଥିଲେ। ଆଉ ଗାଁ ଲୋକ ଓ ପୁଲିସ୍ ଆଗରେ କହିଥିଲେ ଆଇମାଆ କାହାଣୀ। ଗତ ବୁଧବାର ସୁନ୍ଦରଗଡ଼ ଜିଲ୍ଲାରେ ଘଟିଥିବା ଏହି ବୀଭତ୍ସ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ପୁଲିସ୍। ଏହି ମାମଲାରେ ହତ୍ୟାକାରୀ ସ୍ୱାମୀ ଓ ପୁଲିସ୍ ଏଏସ୍ଆଇ ଭିଶୋଇଙ୍କୁ ଗିରଫ କରିଛି ପୁଲିସ୍। ଟିକାୟତପାଲି ଥାନା ଝିରଡାପାଲି ଗାଁର ଦେବେନ୍ ବେହେରା ପେସାରେ ହେଉଛନ୍ତି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(PEO)। ସେ ଗୁରୁଣ୍ଡିଆ ବ୍ଲକ ଅଞ୍ଚଳରେ ପିଇଓ ଭାବେ କାର୍ଯ୍ୟ କରୁଥିଲେ। ଚାକିରି ଭିତରେ ସେ ଜଣେ ଯୁବତୀଙ୍କ ପ୍ରେମରେ ପଡ଼ିଥିଲେ। ଉଭୟ ପରସ୍ପରକୁ ଭଲ ପାଉଥିଲେ। ବିବାହ କରିବା ପାଇଁ କେତେ କ'ଣ ସ୍ୱପ୍ନ ଦେଖୁଥିଲେ। ହେଲେ ପରିବାର ଲୋକେ ଦେବେନଙ୍କ ପ୍ରେମକୁ ସ୍ୱୀକୃତି ଦେଉନଥିଲେ। ବୁଝାଇ ସୁଝାଇ ପ୍ରେମିକାଙ୍କଠାରୁ ଦୂରେଇ ନେଇଥିଲେ। ହେଲେ ଦେବେନ ତାଙ୍କ ପ୍ରେମିକାଙ୍କୁ ଭୁଲି ପାରୁନଥିଲେ। ପରିବାର ଲୋକଙ୍କ ଅଜଣାତରେ ନିୟମିତ ବ୍ୟବଧାନରେ ପ୍ରେମିକାଙ୍କୁ ଫୋନ୍ କରୁଥିଲେ ଓ ଭେଟାଭେଟି କରୁଥିଲେ ଦେବେନ। ୨୦୨୩ ମସିହା ଫେବୃଆରୀ ମାସରେ ଦେବେନଙ୍କର ବିବାହ ପ୍ରସ୍ତାବ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଅଞ୍ଚଳର ସୌମ୍ୟାମୟୀ ବେହେରାଙ୍କ ସହିତ ପଡ଼ିଥିଲା। ଦୁଇ ପରିବାର ଦେଖାଚାହାଁ ପରେ ବିବାହ ଠିକ୍ ହୋଇଥିଲା। ଏ ସମ୍ପର୍କରେ ଦେବେନଙ୍କ ପ୍ରେମିକା ଜାଣିପାରିଥିଲେ। ସେ ସୌମ୍ୟାମୟୀଙ୍କୁ ଭେଟି ବିବାହ ନକରିବା ପାଇଁ କହିଥିଲେ। ସୌମ୍ୟାମୟୀ ଏନେଇ ପରିବାର ଲୋକଙ୍କୁ କହିଥିଲେ। ହେଲେ ପରିବାର ଲୋକ ତାଙ୍କ କଥାକୁ ବେଶୀ ଗୁରୁତ୍ୱ ଦେଇନଥିବା ଚର୍ଚ୍ଚା ହେଉଛି। ପରବର୍ତ୍ତୀ ସମୟରେ ଅର୍ଥାତ ଫେବୃଆରୀ ମାସରେ ଉଭୟଙ୍କ ବିବାହ ହୋଇଥିଲା। ବାହାଘର ପରେ ବଧୂ ବେଶରେ ଦେବେନଙ୍କ ଘରକୁ ଯାଇଥିଲେ ସୌମ୍ୟାମୟୀ ବେହେରା। ସବୁକିଛି ଠିକ୍‌ଠାକ୍ ଲାଗୁଥିଲେ ମଧ୍ୟ ସମ୍ପର୍କ ଭଲ ନଥିଲା। ବାହାଘରର କିଛି ଦିନ ପରେ ସୌମ୍ୟାମୟୀ ଗର୍ଭବତୀ ହୋଇଥିଲେ। ଭାବିଥିଲେ ସବୁ ଦୁଃଖ ଦୂର ହୋଇଗଲା। ହେଲେ ଯାହାଙ୍କୁ ସେ ସ୍ୱାମୀ ରୂପେ ଗ୍ରହଣ କରିଥିଲେ ସିଏ ତାଙ୍କ ପ୍ରେମିକାଙ୍କୁ ଭୁଲି ପାରୁନଥିଲେ। ପତ୍ନୀଙ୍କ ଅନୁପସ୍ଥିତିରେ ପ୍ରେମିକାଙ୍କ ସହିତ ଫୋନ୍‌ରେ କଥା ହେଉଥିଲେ ଏବଂ ଚାଟିଂ କରୁଥିଲେ। ଆଉ ଯେତେବେଳେ ସୌମ୍ୟାମୟୀ ଜାଣିପାରିଲେ, ସେତେବେଳେ ବାରଣ କରିଥିଲେ। ଯେଉଁଥିପାଇଁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କଳହ ହେଉଥିଲା। ଯାହାକୁ ନେଇ ଦେବେନଙ୍କ ମୁଣ୍ଡ କାମ କରୁନଥିଲା।





## ଜହ୍ଲାଦ ସ୍ୱାମୀ ରଚିଥିଲା ହତ୍ୟାକାଣ୍ଡ

ତେଣୁ ସୌମ୍ୟାମୟୀଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ସୌମ୍ୟାମୟୀଙ୍କୁ ହତ୍ୟା କରିବା ପାଇଁ ପିସ୍ତଲ ଓ ଗୁଳି କିଣିଥିଲେ। ଗତ ବୁଧବାର ରାତିରେ ପୂରା ପରିବାର ଖାଇପିଇ ଶୋଇ ପଡ଼ିଲା। ହେଲେ ଦେବେନ ଶୋଇବାକୁ ଯାଇନଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘର ଆଗରେ ଟହଲ ମାରୁଥିଲେ। ସ୍ୱାମୀଙ୍କ ଏପରି ଅବସ୍ଥା ଦେଖି ୭ ମାସର ଗର୍ଭବତୀ ଥିବା ପତ୍ନୀ ସୌମ୍ୟାମୟୀ ବିଚଳିତ ହୋଇପଡ଼ିଥିଲେ। ସେ ତାଙ୍କୁ ଘରେ ଶୋଇବା ପାଇଁ ଡାକିଥିଲେ। ହେଲେ ଦେବେନ ଯିବା ପାଇଁ ମନା କରିଥିଲେ। କବାଟ ଦେଇ ଶୋଇ ପଡ଼ିବା ପାଇଁ ସୌମ୍ୟାମୟୀଙ୍କୁ ପରାମର୍ଶ ଦେଇଥିଲେ। ଏହା ପରେ ସୌମ୍ୟାମୟୀ କବାଟ ବନ୍ଦ କରି ଶୋଇ ପଡ଼ିଥିଲେ। ରାତି ପ୍ରାୟ ସାଢ଼େ ୧୨ଟା ହେବ। କବାଟ ଠକ୍ ଠକ୍ କରିଥିଲେ ଦେବେନ। ଆଉ କବାଟ ଖୋଲିଥିଲେ ସୌମ୍ୟାମୟୀ। ଦେବେନ ଅତି ନିକଟରୁ ସୌମ୍ୟାମୟୀଙ୍କ ଛାତିକୁ ଗୁଳି ମାରିଥିଲେ। ସେଇଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୌମ୍ୟାମୟୀଙ୍କୁ ଗୁଳି କରି ହତ୍ୟା କରିବା ପରେ ପୁଲିସ୍ ଏଏସ୍ଆଇ ଭିଶୋଇ ସତ୍ୟନାରାଣ ବେହେରାଙ୍କୁ ଫୋନ୍ କରି ଡାକିଥିଲେ ଦେବେନ। ସତ୍ୟନାରାୟଣ ଓ ପରିବାର ଲୋକ ମରିଥିବା ସତ୍ତ୍ୱେ ସୌମ୍ୟାମୟୀଙ୍କୁ ଧରି ମେଡ଼ିକାଲ୍ ଯାଇଥିଲେ। ଏହା ପରେ ଦେବେନ ଲେଖିଥିଲେ ନୂଆ ସ୍କ୍ରିପ୍ଟ। ପିସ୍ତଲ ଓ ଗୁଳିକୁ ଘର ଭିତରେ ଥିବା ଭାତ ହାଣ୍ଡିରେ ଲୁଚାଇ ଦେଇଥିଲେ। ଡକାୟତମାନେ ସୌମ୍ୟାମୟୀଙ୍କୁ ଗୁଳି କରିଥିବା ଗାଁ ଲୋକ ଓ ପୁଲିସ୍‌କୁ କହିଥିଲେ। ଖବର ପାଇଁ ପୁଲିସ୍ ଦେବେନଙ୍କ ଘରେ ପହଞ୍ଚିଥିଲା। ପାରିପାର୍ଶ୍ୱିକ ସ୍ଥିତି ଓ ସୌମ୍ୟାମୟୀଙ୍କ ଛାତିରେ ବାଜିଥିବା ଗୁଳିକୁ ଦେଖି ଚକିତ ହୋଇଥିଲା ପୁଲିସ୍। ପରେ ଦେବେନଙ୍କୁ ହେପାଜତକୁ ନେଇ ପଚରାଉଚରା କରିଥିଲା। ଦୀର୍ଘ ସମୟ ଧରି ଜେରା ପରେ ସତ ଓଗାଳିଥିଲେ ଦେବେନ। ପତ୍ନୀ ସୌମ୍ୟାମୟୀଙ୍କୁ ଗୁଳି କରି ହତ୍ୟା କରିଥିବା କହିଥିଲା। ତାଙ୍କ ବୟାନ ଆଧାରରେ ପୁଲିସ୍ ଏଏସ୍ଆଇ ଭିଶୋଇ ସତ୍ୟନାରାୟଣ ବେହେରାଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ପିସ୍ତଲ ଓ ଗୁଳି ଜବତ କରିଛି। ଏନେଇ ସୂଚନା ଦେଇଛନ୍ତି ପଶ୍ଚିମାଞ୍ଚଳ ଡିଆଇଜି।

# କନ୍ଧମାଳ ଜିଲ୍ଲାରେ ଜାତୀୟ ଯୁବ ଉତ୍ସବ-୨୦୨୪ ପାଳନ

ଫୁଲବାଣୀ ତା, ୧୩/୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ଅଡିଟୋରିୟମରେ ଆଜି ଜାତୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଯୁବ ମହୋତ୍ସବ ର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଶୋକ କୁମାର ଭୋଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିବା ବେଳେ ସନମାନୀତ ଅତିଥିଭାବେ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ, ଯୁବ ଅଧିକାରୀ ନେହେରୁ ଯୁବ କେନ୍ଦ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ, ସରକାରୀ ସି.ଟିକଲେଜ ଅଧ୍ୟକ୍ଷ ପ୍ରମୁଖ ଯୋଗଦାନ କରିଥିଲେ । ଉଦଘାଟନ ଉତ୍ସବ ପରେ ଆୟୋଜକ କମିଟି ଦ୍ୱାରା ସ୍ଥିରୀକୃତ ବହୁ ପ୍ରତିଯୋଗିତା ଆରମ୍ଭ ହୋଇଥିଲା ଓ ତନ୍ମଧ୍ୟରୁ ଦଳଗତ ଲୋକ ନୃତ୍ୟରେ ନୂତନ କଳାକେନ୍ଦ୍ର, ଫୁଲବାଣୀ ପୁରସ୍କୃତ ହୋଇଥିବା ବେଳେ ସୋଲୋ ଲୋକନୃତ୍ୟରେ ସୁଶ୍ରୀ ନିହାରିକା ନାୟକ ପୁରସ୍କୃତ ହୋଇଥିଲେ । ଏବଂ ଦଳଗତ ଲୋକ ସଙ୍ଗୀତରେ ଫ୍ରେଣ୍ଡ୍ ?ସ କ୍ଲବ ଫୁଲବାଣୀ ସନମାନୀତ ହୋଇଥିବା ବେଳେ ଏକକ ଲୋକ ସଙ୍ଗୀତରେ ଚିନ୍ମୟ ବେହେରା ସନମାନୀତ ହୋଇଥିଲେ । ହିନ୍ଦି କବିତା



ଲିଖନରେ ପ୍ରଭାକର ନନ୍ଦ, ଇଂରାଜୀ କବିତା ଲିଖନରେ ଝରଣାରାଣୀ ଭେସ୍ରା, ହିନ୍ଦି ଗଳ୍ପ ଲିଖନରେ ମନୋବିନା ପ୍ରିୟଦର୍ଶନୀ, ଇଂରାଜୀ ଗଳ୍ପ ଲିଖନରେ ଶ୍ୱେତା ନାୟକ, ଚିତ୍ରକଳାରେ ଅପରାଜିତା କହଁର, ହିନ୍ଦି ଔପଚାରିକ ବକ୍ତୃତାରେ ଚିରଞ୍ଜିବୀ ଗୋଛାୟତ ଏବଂ ଇଂରାଜୀ ଔପଚାରିକ ବକ୍ତୃତାରେ ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ପ୍ରଥମ ସ୍ଥାନ ଗ୍ରହଣ କରି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଏହାପରେ ଅନୁଷ୍ଠିତ ହୋଇଥିବା ଦଳଗତ ଲୋକନୃତ୍ୟ ଓ ଦଳଗତ ଲୋକ ସଙ୍ଗୀତରେ ୧୦ ଜଣ ଏବଂ ଅନ୍ୟ ପ୍ରତିଯୋଗିତାରେ ଜଣେ ଲେଖାଏଁ ସମୁଦାୟ ୨୯ ଜଣ ପ୍ରତିଯୋଗୀ ଚଳିତ ମାସ ଆଗାମୀ ୨୦ ତାରିଖ ରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ଚଳିତ ମାସ ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ଉତ୍କଳ କଳା ମଣ୍ଡପରେ ଏହିସବୁ ପ୍ରତିଯୋଗିତା ଗୁଡ଼ିକ ଆୟୋଜନ କରାଯିବ। ତେବେ, ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପ୍ରତିଯୋଗୀଙ୍କ ବୟସ ସୀମା ୧୫ ରୁ ୨୯ ମଧ୍ୟରେ ହୋଇଥିବା ଆବଶ୍ୟକ ବୋଲି ଅନୁଷ୍ଠାନ ତରଫରୁ ସୂଚନା ପ୍ରଦାନ କରାଯାଇଛି ।ପ୍ରତିଯୋଗୀମାନେ ସାଙ୍ଗରେ ଆଧାର କାର୍ଡ଼ ଓ ମୋବାଇଲ୍ ନମ୍ବର ପଞ୍ଜିକରଣ କରିବା ଜରୁରୀ ଆବଶ୍ୟକ। ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀଙ୍କୁ ଯିବା ଆସିବା ଖର୍ଚ୍ଚ ଦିଆଯିବା ସହିତ ସେମାନଙ୍କ ରହିବା ବ୍ୟବସ୍ଥା ସରକାରଙ୍କ ତରଫରୁ କରାଯିବ ବୋଲି ଜଣାପଡ଼ିଛି। ଆଜିର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା ଏବଂ ଅନ୍ୟ ପ୍ରତିଯୋଗୀମାନଙ୍କୁ ମଧ୍ୟ ଅଶଂ ଗ୍ରହଣ ସାର୍ଟିଫିକେଟ ପ୍ରଦାନ କରାଯିବ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠୀ ପ୍ରାରମ୍ଭରେ ଏହି ଜାତୀୟ ଯୁବ ଉତ୍ସବ-୨୦୨୫ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିବାବେଳେ, ସାମ୍ବାଦିକ ଅଶୋକ କୁମାର ମହାନ୍ତି ପରିଚାଳନା କରିଥିଲେ ଏବଂ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟାପକଓ ଅଧ୍ୟାପିକା ଛାତ୍ରଛାତ୍ରୀ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# କନ୍ଧମାଳର ସଂଜୀବ ସେଠି ଭୁବନେଶ୍ୱର ଘାଟିକିଆରେ ଅପହୃତ

## ସଂଜୀବ ସେଠିଙ୍କ ଉଦ୍ଧାର କେବେ

ଫୁଲବାଣୀ ତା, ୧୩/୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଅନ୍ତର୍ଗତ ଦୁତିମେଣ୍ଡି ପଂଚାୟତ ଅଧିବାସୀ ସଂଜୀବ କୁମାର ସେଠି ( ୫୦ ) ପିତା ମୃତ ଅଭିମନ୍ୟୁ ସେଠି ନିଜର ପରିବାର ପ୍ରତିପୋଷଣ କରିବା ପାଇ ଭୁବନେଶ୍ୱର ସ୍ଥିତ ଏକ ଗାର୍ଡ ଫୋର୍ସ ସିକ୍ୟୁରିଟି ସଂସ୍ଥା ଅଧୀନରେ ନିଯୁକ୍ତି ପାଇ ଘାଟିକିଆ ରେ ନୂତନ ନିର୍ମାଣଧୀନ ଥିବା ଏକ ଘରୋଇ ଆପାର୍ଟମେଣ୍ଟ ରେ ଦୀର୍ଘ ଆଠ ମାସ ହେବ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରିଆସୁଥିଲେ । ସଂଜୀବ ଦୈନନ୍ଦିନ ଦୁତିମେଣ୍ଡିରେ ରହୁଥିବା ସ୍ତ୍ରୀ ପିଲାମାନଙ୍କ ସହିତ ଫୋନ ଯୋଗେ କଥାବାର୍ତା ହେଉଥିଲେ । କିନ୍ତୁ ହଠାତ ଡିସେମ୍ବର ୨ ତାରିଖ ରାତ୍ରି ୭ ଟା ପରେ ସଂଜୀବ ସେଠୀଙ୍କ ଫୋନ ସୁଇଚ ଅପ ଦେଖାଉଥିଲା, ଓ ତା ପର ସମୟ ଠାରୁ ଆଉ ତାଙ୍କର ଯୋଗାଯୋଗ ସମ୍ଭବ ହୋଇପାରିନ ଥିଲା । ଦୁଇ ତିନିଦିନ ସଂଜୀବ ଙ୍କର ଖୋଜାଖୋଜି ପରେ କୌଣସି ସନ୍ଧାନ ନ ମିଳିବାରୁ ପରିବାର ଲୋକେ ଭୁବନେଶ୍ୱର ସ୍ଥିତ ଭରତପୁର ଥାନାରେ ଏକ ଅପହୃତ ହୋଇଥିବା ଅଭିଯୋଗ କରି ଡିସେମ୍ବର ୪



ତାରିଖରେ ଏକ ମାମଲା ଦୟାର କରାଯାଇଛି । ହେଲେ ଭରତପୁର ଥାନା ଅଧିକାରୀ ଏକ ନିଖୋଜ ମାମଲା କେଶ ନମ୍ବର ଏଉ ଘଡ଼ ୦୦୭ ଉଞ୍ଜଉ ୪/୧୨/୨୪ ପ୍ରକାରେ ଏକ କେଶ ରୁଜ୍ଜୁ କରି ନିରବ ଦ୍ରଷ୍ଟା ସାଜିଛି । ତଦନ୍ତରେ ବିଳମ୍ବ ହେଉଥିବା ଯୋଗୁଁ ସଂଜୀବ ଙ୍କର ଜୀବନ ପ୍ରତି ବିପଦ ଆଶଙ୍କା କରି ସଂଜୀବ ପରିବାର ସ୍ତ୍ରୀ ପୁର୍ଣ୍ଣିମା ସେଠି, ଭାଇ ପ୍ରକାଶ ସେଠି, ଅଭୟ ସେଠି ଗୀତାରାଣୀ ସେଠି ଆଜି ଉପଯୁକ୍ତ ନ୍ୟାୟ ପାଇବା ପାଇଁ କନ୍ଧମାଳ ଏସପି ଶ୍ରୀ ହରିଶ୍ବି ସି ଙ୍କ ନିକଟରେ ଏକ ଅପହରଣ ହୋଇଥିବା ଅଭିଯୋଗ କରିଛନ୍ତି ବର୍ତ୍ତମାନ ସଂଜୀବ ସେଠି ଙ୍କର ପରିବାର କହିଲେ ସ୍ତ୍ରୀ ପୁର୍ଣ୍ଣିମା ସେଠ( ୪୦) ବଡ଼ ପୁଅ ବିଭୁତି ଭୂଷଣ ସେଠି (୧୭) ସାନ ପୁଅ ଶିବଶଙ୍କର ସେଠି (୧୩) ବର୍ଷ, ସଂଜୀବଙ୍କର ଅପହୃତ ଘଟଣା ପ୍ରକାଶ ପାଇବା ଦିନ ଠାରୁ ତାଙ୍କର ପରିବାର ଲୋକେ ହତାଶ ହୋଇ ପଡିଛନ୍ତି । ସଂଜୀବ ସେଠୀଙ୍କର ଅପହୃତ ଆଜକୁ ୯ ଦିନ ହୋଇଯାଇଥିଲେ ମଧ୍ୟ ଭରତ ପୁର ପୋଲିସ ର ନିଷ୍କ୍ରିୟତା ଯୋଗୁଁ ଆଜି ପର୍ଯ୍ୟନ୍ତ ତାର କୌଣସି ପ୍ରକାର ସନ୍ଧାନ ମିଳିପାରିନାହିଁ ଯାହା ଫଳରେ ସଂଜୀବ ସେଠି ମୃତ କି ଜୀବିତ ଅଛନ୍ତି ତାହାବି ପରିବାର ଲୋକେ ଜାଣିପାରୁନାହାନ୍ତି ଓ ଦୁଃଖରେ ଭାଂଗିପଡିଛନ୍ତି ।ଶେଷରେ ଭରତ ପୁର ପୋଲିସ ପାଖରୁ ଉଚିତ ନ୍ୟାୟ ପାଇବା ଆଶା ହାରେଇ କନ୍ଧମାଳ ଏସପିଙ୍କ ନିକଟରେପୁର୍ଣ୍ଣିମା ସେଠି ଗୁହାରି କରିଥିବା ଦେଖିବାକୁ ମିଳିଛି ଓ ପରିବାରବର୍ଗ ଅଭିଯୋଗ କ୍ରମେ ଏସପି ଶ୍ରୀ ହରିଶ ବିଶି ସବୁ ଶୁଣିଲା ପରେ ସଂଜୀବ ସେଠିଙ୍କୁ କିପରି ଉଦ୍ଧାର କରାଯାଇପାରିବ ତାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ପରିବାର ସଦସ୍ୟ ମାନଙ୍କୁ ଆଶ୍ୱାସ୍ୱନା ଦେଇ କହିଥିଲେ ୭ ଦିନ ମଧ୍ୟରେ ସଂଜୀବ ସେଠୀଙ୍କର ଅପହୃତ ଘଟଣାର ତଦନ୍ତ କରାଯିବ ଓ ତାଙ୍କୁ ଉଦ୍ଧାର କରାଯିବା ପାଇଁ କନ୍ଧମାଳ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ପାଇବା ପରେ ପରିବାର ଲୋକେ ଆଶ୍ୱସ୍ତ ହୋଇ ଘରକୁ ଫେରିଥିଲେ । ଦେଖାଯାଉ ଭୁବନେଶ୍ୱର ସ୍ଥିତ ଭରତ ପୁର ପୋଲିସର ନିଷ୍କ୍ରିୟତା ଯୋଗୁଁ ପରିବାର ଲୋକେ କନ୍ଧମାଳ ଏସପି ଙ୍କ ଦ୍ୱାରସ୍ଥ ହୋଇଛନ୍ତି, ହେଲେ କନ୍ଧମାଳ ପୋଲିସ ହେଉ କି ଭରତପୁର ପୋଲିସ ହେଉ କେତେ ତତ୍ପରତା ପ୍ରକାଶ କରିଭୁବନେଶ୍ୱର ଘାଟିକିଆ ରେ ଅପହୃତ କନ୍ଧମାଳ ସଂଜୀବ ସେଠିଙ୍କୁ କନ୍ଧମାଳ ପୋଲିସ କିପରି, କେବେ ଓ କେଉଁ ପରିସ୍ଥିତି ରେ କିଭଳି ଅବସ୍ଥାରେ ଉଦ୍ଧାର କରିପାରୁଛି , ତାହା ଆଗାମୀ ଦିନରେ ଜଣା ପଡିବ ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ